

'ତୁମ୍ବାଡ ୨'ରେ ଆଲିଆ
▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-23 ♦FRIDAY ♦17 JULY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୨୩ ♦ଶୁକ୍ରବାର ♦୧୭ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦





## ବିକଶିତ ଭାରତ
### ପାଇଁ ଆଧୁନିକ ରେଳ ଉନ୍ନତ ଭିତ୍ତିଭୂମି

## ଓଡ଼ିଶାର ୭ଟି ପୁନଃବିକଶିତ ଅମୃତ ଷ୍ଟେସନ
ସହିତ
## ଦେଶବ୍ୟାପୀ ୭୫ଟି ପୁନଃବିକଶିତ ଅମୃତ ଷ୍ଟେସନର
ଉଦ୍‌ଘାଟନ




ତାଳଚେର


ବଲାଙ୍ଗୀର



ବରପାଲି



କେସିଙ୍ଗା


ପାରଳାଖେମୁଣ୍ଡି



ବିମଳଗଡ଼



ବାରିପଦା

**ଲାଭ**

| | | | | | |
|---|---|---|---|---|---|
| ସ୍ଥାନୀୟ ସଂସ୍କୃତି ଏବଂ ସ୍ଥାପତ୍ୟ କଳାରୁ ଅନୁପ୍ରାଣିତ ଷ୍ଟେସନ ଭବନର ଡିଜାଇନ | ଯାତ୍ରୀ ଅନୁକୂଳ ବିଶ୍ୱସ୍ତରୀୟ ସୁବିଧାରେ ସୁସଜ୍ଜିତ | ଉନ୍ନତ ପାର୍କିଂ ଏବଂ ପ୍ରଶସ୍ତ ପ୍ରତୀକ୍ଷାଳୟର ସୁବିଧା | ଜଳ ସଂରକ୍ଷଣ, ସୌର ଶକ୍ତି ଓ ସବୁଜ ପରିବେଶର ବ୍ୟବସ୍ଥା | ପର୍ଯ୍ୟଟନ, ରୋଜଗାର ଓ ବାଣିଜ୍ୟର ବିକାଶକୁ ପ୍ରୋତ୍ସାହନ | ସିଟି ସେଣ୍ଟର ଭାବେ ବିକଶିତ ହେଉଛି ରେଳଷ୍ଟେସନ |

ପ୍ରଧାନମନ୍ତ୍ରୀ
## ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା
(ଭିଡିଓ କନଫରେନ୍ସିଂ ମାଧ୍ୟମରେ)

୧୭ ଜୁଲାଇ, ୨୦୨୬ | ଅପରାହ୍ଣ ୦୩:୩୦ ଘ. | ଜଳନ୍ଧର କ୍ୟାଣ୍ଟ ରେଳ ଷ୍ଟେସନ

**ଗରିମାମୟ ଉପସ୍ଥିତି**

| | | | |
|---|---|---|---|
| **ଡ. ହରି ବାବୁ କମ୍ଭମ୍ପାଟି**<br>ରାଜ୍ୟପାଳ, ଓଡ଼ିଶା | **ମୋହନ ଚରଣ ମାଝୀ**<br>ମୁଖ୍ୟମନ୍ତ୍ରୀ, ଓଡ଼ିଶା | **ଅଶ୍ୱିନୀ ବୈଷ୍ଣବ**<br>କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ | **ଧର୍ମେନ୍ଦ୍ର ପ୍ରଧାନ**<br>କେନ୍ଦ୍ର ଶିକ୍ଷା ମନ୍ତ୍ରୀ |
| **ଜୁଏଲ ଓରାମ**<br>କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ | **ରବନୀତ ସିଂହ**<br>କେନ୍ଦ୍ର ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ | **ପ୍ରଭାତୀ ପରିଡ଼ା**<br>ଉପ-ମୁଖ୍ୟମନ୍ତ୍ରୀ ଏବଂ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ତଥା ପର୍ଯ୍ୟଟନ ମନ୍ତ୍ରୀ, ଓଡ଼ିଶା | **କନକ ବର୍ଦ୍ଧନ ସିଂହ ଦେଓ**<br>ଉପ-ମୁଖ୍ୟମନ୍ତ୍ରୀ ଏବଂ କୃଷି, କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ, ଓଡ଼ିଶା |
| **ମନମୋହନ ସାମଲ**<br>ସାଂସଦ, ରାଜ୍ୟସଭା | **ଦିଲ୍ଲୀପ କୁମାର ରାୟ**<br>ସାଂସଦ, ରାଜ୍ୟସଭା | **ସଙ୍ଗୀତା କୁମାରୀ ସିଂହ ଦେଓ**<br>ସାଂସଦ, ଲୋକସଭା | **ନବ ଚରଣ ମାଝୀ**<br>ସାଂସଦ, ଲୋକସଭା |
| **ପ୍ରଦୀପ ପୁରୋହିତ**<br>ସାଂସଦ, ଲୋକସଭା | **ମାଳବିକା ଦେବୀ**<br>ସାଂସଦ, ଲୋକସଭା | **ଡ. ପ୍ରଦୀପ କୁମାର ପାଣିଗ୍ରାହୀ**<br>ସାଂସଦ, ଲୋକସଭା | **ରୁଦ୍ର ନାରାୟଣ ପାଣି**<br>ସାଂସଦ, ଲୋକସଭା |

## ଭାରତୀୟ ରେଳପଥ
www.indianrailways.gov.in

/RailMinIndia ରେ ଆମକୁ ଅନୁସରଣ କରନ୍ତୁ

DD NEWS ଡିଡି ନ୍ୟୁଜ୍‌ରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ

# ଚାକିରି ଛାଡ଼ିଲେ ୧୦୦ ଇସ୍ରୋ ବୈଜ୍ଞାନିକ



■ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଲା
■ ଇସ୍ତଫା ରୋକିବାକୁ ନିୟମ କଡ଼ାକଡ଼ି

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ରୁ ବହୁ ସଂଖ୍ୟାରେ ବୈଜ୍ଞାନିକ ଓ ବୈଷୟିକ ଅଧିକାରୀ ଚାକିରି ଛାଡ଼ିବା ଏବଂ ସ୍ୱେଚ୍ଛାକୃତ ଅବସର ନେବା ଘଟଣାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମହାକାଶ ବିଭାଗ ପକ୍ଷରୁ ଜାରି ଏକ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ଇସ୍ରୋର ପ୍ରମୁଖ ଗବେଷଣା କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ପ୍ରଥମ ଶ୍ରେଣୀ (ଗ୍ରୁପ୍ 'ଏ') ବୈଜ୍ଞାନିକ ଓ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞଙ୍କ ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ଆବେଦନକୁ ଏବେ ସହଜରେ ଗ୍ରହଣ କରାଯିବ ନାହିଁ। ବର୍ତ୍ତମାନ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାନବ ମହାକାଶ ଯାତ୍ରା କାର୍ଯ୍ୟକ୍ରମ 'ଗଗନଯାନ' ଏବଂ ଅନ୍ୟାନ୍ୟ ଜାତୀୟ ପ୍ରକଳ୍ପ ଉପରେ ଏହି ଗଣ-ଇସ୍ତଫା ଗମ୍ଭୀର ପ୍ରଭାବ ପକାଉଛି। ନିକଟରେ ଇସ୍ରୋରୁ ପ୍ରାୟ ୧୦୦ରୁ ଅଧିକ ବୈଜ୍ଞାନିକ ଓ ବୈଷୟିକ କର୍ମଚାରୀ ଚାକିରି ଛାଡ଼ିଛନ୍ତି। ବିଶେଷ କରି ବେଙ୍ଗାଲୁରୁ ସ୍ଥିତ 'ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର' ଏବଂ ତିରୁବନନ୍ତପୁରମ ସ୍ଥିତ 'ବିକ୍ରମ ସାରାଭାଇ ସ୍ପେସ୍ ସେଣ୍ଟର' ରୁ ସର୍ବାଧିକ ଅଧିକାରୀ ଅବସର ନେଇଛନ୍ତି। ଏମାନଙ୍କ ମଧ୍ୟରେ ଗଗନଯାନ ପାଇଁ ବ୍ୟବହାର ହେବାକୁ ଥିବା ରକେଟ୍ ପ୍ରକଳ୍ପର ନିର୍ଦ୍ଦେଶକ ଭିକ୍ଟର ଜୋସେଫ୍ ମଧ୍ୟ ସାମିଲ ଅଛନ୍ତି। ୨୦୨୦ ମସିହାରେ କେନ୍ଦ୍ର ସରକାର ମହାକାଶ କ୍ଷେତ୍ରକୁ ବେସରକାରୀ ସଂସ୍ଥାଗୁଡ଼ିକ ପାଇଁ ଉନ୍ମୁକ୍ତ କରିବା ପରେ ଦେଶରେ ମହାକାଶ ସମ୍ପର୍କିତ ଷ୍ଟାର୍ଟଅପ୍ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଛି। ବର୍ତ୍ତମାନ ଭାରତରେ ୪୦୦ ରୁ ଅଧିକ ପଞ୍ଜିକୃତ ସ୍ପେସ୍ ଷ୍ଟାର୍ଟଅପ୍ ରହିଛି, ଯେଉଁଠାରେ ବହୁ ପରିମାଣର ପୁଞ୍ଜିନିବେଶ ହେଉଛି। ଇସ୍ରୋର ଅଭିଜ୍ଞ ବୈଜ୍ଞାନିକମାନେ ଉଚ୍ଚ ଦରମା ଓ ଉନ୍ନତ ସୁଯୋଗ ପାଇଁ ଏହିସବୁ ଘରୋଇ କମ୍ପାନୀରେ ଯୋଗ ଦେଉଥିବା ଜଣାପଡ଼ିଛି। ପୂର୍ବରୁ ୨୦୨୦ ମସିହାରେ ହୋଇଥିବା ପ୍ରଶାସନିକ ନିୟମ ଅନୁଯାୟୀ, ଇସ୍ରୋ କେନ୍ଦ୍ରଗୁଡ଼ିକର ନିର୍ଦ୍ଦେଶକମାନେ ନିଜ ସ୍ତରରେ ବୈଜ୍ଞାନିକମାନଙ୍କ ଇସ୍ତଫା ଗ୍ରହଣ କରିପାରୁଥିଲେ। ମାତ୍ର ନୂଆ ନିର୍ଦ୍ଦେଶ ଅନୁଯାୟୀ, ବର୍ତ୍ତମାନ ଏଭଳି ସମସ୍ତ ଆବେଦନକୁ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ସ୍ପେସ୍ ବିଭାଗ (ଡିପାର୍ଟମେଣ୍ଟ ଅଫ୍ ସ୍ପେସ୍) କୁ ପଠାଇବାକୁ ପଡ଼ିବ। ନିକଟରେ ଇସ୍ରୋର ପିଏସଏଲଭି ରକେଟ୍ ଉତ୍କ୍ଷେପଣରେ ଦୁଇଟି ବଡ଼ ବିଫଳତା ଦେଖାଦେଇଥିବା ବେଳେ, ଗଗନଯାନ, ଚନ୍ଦ୍ରଯାନ-୪, ମଙ୍ଗଳଯାନ-୨ ଏବଂ ଭାରତୀୟ ମହାକାଶ ଷ୍ଟେସନ ଭଳି ବଡ଼ ମିଶନକୁ ସଫଳ କରିବା ପାଇଁ ସରକାର ନିଜର ଦକ୍ଷ ବୈଜ୍ଞାନିକମାନଙ୍କୁ ସଂଗଠନରେ ଧରି ରଖିବାକୁ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

## 'ବନ୍ଦେ ମାତରମ୍'ର ଅସମ୍ମାନ ହେବ ଦଣ୍ଡନୀୟ ଅପରାଧ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଆସନ୍ତା ୨୦ ତାରିଖରୁ ଆରମ୍ଭ ହେଉଥିବା ସଂସଦର ମୌସୁମୀ ଅଧିବେଶନରେ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାକୁ ତାଲିକାଭୁକ୍ତ କରିଛନ୍ତି। ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ଅସମ୍ମାନ ପ୍ରଦର୍ଶନ କିମ୍ବା ଏହାର ଗାନ ସମୟରେ ବାଧା ସୃଷ୍ଟି କଲେ ଏହାକୁ ଏକ ଦଣ୍ଡନୀୟ ଅପରାଧ ଭାବେ ଗଣ୍ୟ କରିବା ପାଇଁ ଏକ ନୂଆ ବିଲ୍ ଆଗତ କରାଯିବ। 'ରାଷ୍ଟ୍ରୀୟ ସମ୍ମାନ ଅବମାନନା ନିରୋଧ (ସଂଶୋଧନ) ବିଲ୍, ୨୦୨୬' ମାଧ୍ୟମରେ ସରକାର ୧୯୭୧ ମସିହାର ମୂଳ ଆଇନରେ ସଂଶୋଧନ ଆଣିବାକୁ ଚାହୁଁଛନ୍ତି। ଜାତୀୟ ଗୀତ 'ବନ୍ଦେ ମାତରମ'କୁ ଜାତୀୟ ସଙ୍ଗୀତ 'ଜନ-ଗଣ-ମନ' ସହ ସମାନ ଆଇନଗତ ମର୍ଯ୍ୟାଦା ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଜାତୀୟ ଗୀତର ଅସମ୍ମାନ



କଲେ ତିନିବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ଜୋରିମାନାର ବ୍ୟବସ୍ଥା କରାଯାଇଛି। ଏହି ଅଧିବେଶନରେ ସରକାର ମୋଟ୍ ୫ଟି ନୂଆ ବିଲ୍ ଅଗତ କରିବା ସହିତ ଏବଂ ବିଚାରାଧୀନ ଥିବା ଦୁଇଟି ବିଲ୍ ଉପରେ ଆଲୋଚନା ହେବ। ଏଥିରେ ରହିଛି ରାଘବ ଚଡ୍ଢାଙ୍କ ଦ୍ୱାରା ଆଗତ ଘରୋଇ ବିଲ୍ 'ଲୋକ ପ୍ରତିନିଧିତ୍ୱ (ସଂଶୋଧନ) ବିଲ୍, ୨୦୨୪'। ଏହି ବିଲ୍‌ରେ ଦେଶର ସାଂସଦ ଏବଂ ବିଧାୟକମାନଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ସେମାନଙ୍କୁ ପଦରୁ ହଟାଇବା ପାଇଁ ସଂସଦରେ ନିୟମ ପ୍ରଣୟନ ପାଇଁ ପ୍ରସ୍ତାବ ରହିଛି। ଭୋଟରମାନଙ୍କୁ 'ରାଇଟ୍ ଟୁ ରିକଲ୍' ପ୍ରଦାନ କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହାଦ୍ୱାରା କାମ କରୁନଥିବା କିମ୍ବା ଦୁର୍ନୀତିଗ୍ରସ୍ତ ଜନପ୍ରତିନିଧିମାନଙ୍କୁ ୫ ବର୍ଷର କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ହିଁ ପଦରୁ ବରଖାସ୍ତ କରାଯାଇପାରିବ। ଏହାସହିତ ଦଳବଦଳ ଆଇନକୁ ଆହୁରି କଡ଼ାକଡ଼ି କରିବା ଲାଗି ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଦଳବଦଳ ଯୋଗୁଁ ସଭ୍ୟପଦ ହରାଉଥିବା ଜନପ୍ରତିନିଧିଙ୍କୁ ୬ ବର୍ଷ ପାଇଁ ନିର୍ବାଚନ ଲଢ଼େଇରୁ ଅଯୋଗ୍ୟ ଘୋଷଣା କରିବାକୁ କୁହାଯାଇଛି।।

## ଆମେରିକା ରିଜର୍ଭ ବ୍ୟାଙ୍କରେ ରାଜନଙ୍କ ସମେତ ୩ ଭାରତୀୟଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ



ୱାସିଂଟନ୍, ୧୬।୭(ଏଜେନ୍ସି): ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡେରାଲ୍ ରିଜର୍ଭ' ନିଜର ଆର୍ଥିକ ନୀତିକୁ ଅଧିକ ସୁଦୃଢ଼ ଓ ସଂସ୍କାରମୂଳକ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛି। ଏଥିପାଇଁ ଗଠିତ ସ୍ୱତନ୍ତ୍ର କାର୍ଯ୍ୟକାରୀ ଗୋଷ୍ଠୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନଙ୍କ ସମେତ ତିନି ଜଣ ଭାରତୀୟ ବଂଶୋଦ୍ଭବ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ଗତ କିଛି ବର୍ଷ ଧରି ଲାଗି ରହିଥିବା ଅତ୍ୟଧିକ ମୁଦ୍ରାସ୍ଫୀତି ବା ମହଙ୍ଗା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ବ୍ୟାଙ୍କର ଆର୍ଥିକ ନୀତିକୁ ସଂସ୍କାର କରିବା ଏହି ନିଯୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ। ରାଜନ ବ୍ୟାଙ୍କର ସମ୍ପତ୍ତି, ଏହାର ଖର୍ଚ୍ଚ ଏବଂ ମୁଦ୍ରାନୀତି ଉପରେ ଏହାର ସାମଗ୍ରିକ ପ୍ରଭାବର ଗଭୀର ଅନୁଧ୍ୟାନ କରିବେ। କୋଭିଡ ମହାମାରୀ ପରଠାରୁ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର ବାଲାନ୍ସ ସିଟ୍ ପ୍ରାୟ ୯ ଲକ୍ଷ କୋଟି ଡଲାରକୁ ବୃଦ୍ଧି ପାଇଛି, ଯାହାକୁ ସନ୍ତୁଳିତ କରିବା ଏକ ବଡ଼ ଆହ୍ୱାନ। ରଘୁରାମଙ୍କ ବ୍ୟତୀତ ଅନ୍ୟ ଦୁଇ ଜଣ ପ୍ରଭାବଶାଳୀ ଭାରତୀୟ ବଂଶୋଦ୍ଭବଙ୍କୁ ମଧ୍ୟ ଭିନ୍ନ ଭିନ୍ନ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ରାଜ ଚେଟ୍ଟୀ ଓ ଆଶା ଶର୍ମା। ରାଜ ଚେଟ୍ଟୀ ଦିଲ୍ଲୀ ଜନ୍ମିତ ପ୍ରସିଦ୍ଧ ଆମେରିକୀୟ ଅର୍ଥଶାସ୍ତ୍ରୀ ରାଜ ଚେଟ୍ଟୀ 'ତଥ୍ୟ ସମୀକ୍ଷା କମିଟି'ର ସହ-ନେତୃତ୍ୱ ନେବେ। ସେହିପରି ମାଇକ୍ରୋସଫ୍ଟର ବରିଷ୍ଠ ଅଧିକାରୀ ତଥା ଏକ୍ସବକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶା ଶର୍ମା 'କାର୍ଯ୍ୟଦକ୍ଷତା ଓ ନିଯୁକ୍ତି କମିଟି'ରେ ରହିବେ।

## ମୌଲାନାଙ୍କ ଚ୍ୟାଲେଞ୍ଜ
## ସେନା ଛାଡ଼ି ନିର୍ବାଚନ ଲଢ଼ନ୍ତୁ ଜେନେରାଲ ମୁନିର

ଇସଲାମାବାଦ, ୧୬।୭(ଏଜେନ୍ସି): ପାକିସ୍ତାନର ବରିଷ୍ଠ ରାଜନେତା ତଥା ଜେୟୁଆଇ-ଏଫ୍ ମୁଖ୍ୟ ମୌଲାନା ଫଜଲୁର ରେହମାନ ସେନା ମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଯଦି ସେନାର ରାଜନୀତି କରିବାକୁ ଏତେ ଇଚ୍ଛା, ତେବେ ସେନା



ପୋଷାକ ଓହ୍ଲାଇ ନିଆରା ରାଜନୈତିକ ଦଳ ଗଠନ କରି ନିର୍ବାଚନ ଲଢ଼ନ୍ତୁ ବୋଲି ସେ ଚ୍ୟାଲେଞ୍ଜ କରିଛନ୍ତି। ସରକାରୀ ଜନସଂଖ୍ୟା କମିଟିରେ ସେନା ମୁଖ୍ୟଙ୍କୁ ସାମିଲ କରାଯିବା ନିଷ୍ପତ୍ତି ପରେ ଫଜଲୁର ଏହି ବୟାନ ଦେଇଛନ୍ତି। ମୌଲାନା ଫଜଲୁର କହିଛନ୍ତି ଯେ ଦେଶରେ କିଏ ସରକାର ଗଢ଼ିବ ବା କିଏ ଗାଦିରୁ ଓହ୍ଲାଇବ, ତାହା ସେନାର କାମ ନୁହେଁ। ସେ ଆହୁରି କହିଛନ୍ତି ଯେ ଦେଶର ସୁରକ୍ଷା ପାଇଁ ସୈନ୍ୟମାନଙ୍କୁ ଜନସାଧାରଣଙ୍କ ଟିକସ ଅର୍ଥରୁ ଦରମା ଦିଆଯାଉଛି। ସେମାନଙ୍କର କାମ ହେଉଛି ଲୋକଙ୍କୁ ସୁରକ୍ଷା ଯୋଗାଇବା। କିନ୍ତୁ ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ସାଧାରଣ ନାଗରିକଙ୍କୁ ଅସ୍ତ୍ରଶସ୍ତ୍ର ଉଠାଇବାକୁ ଆହ୍ୱାନ ଦିଆଯାଇଥିବାରୁ ସେ ଏହାର ବିରୋଧ କରିଛନ୍ତି। ସାଧାରଣ ଲୋକଙ୍କୁ ନେଇ ମିଲିସିଆ ଗଠନ କରିବା ନିଷ୍ପତ୍ତିର ମଧ୍ୟ ସେ ତୀବ୍ର ସମାଲୋଚନା କରିଛନ୍ତି। ଏହାଦ୍ୱାରା ପାକିସ୍ତାନ ଦୀର୍ଘକାଳୀନ ହିଂସା ମଧ୍ୟକୁ ଠେଲି ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ସିବିଏସ୍‌ଇର ତ୍ରି-ଭାଷା ନୀତି ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ



### ନବମ ଶ୍ରେଣୀରୁ କାହିଁକି?

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ସିବିଏସ୍‌ଇ ପାଠ୍ୟକ୍ରମରେ ନବମ ଶ୍ରେଣୀରୁ ତୃତୀୟ ଭାଷା ପ୍ରଚଳନ କରିବା ନେଇ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପୂର୍ବରୁ ନବମ ଶ୍ରେଣୀରେ ଏକ ନୂଆ ଭାଷା ଶିଖାଇବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ଅନାବଶ୍ୟକ ମାନସିକ ଚାପ ପଡ଼ିବ ବୋଲି ଖଣ୍ଡପୀଠ ଆପତ୍ତି ପ୍ରକାଶ କରିଛନ୍ତି। ଏଥିସହ ଏହି ନୀତିକୁ ନବମ ପରିବର୍ତ୍ତେ ଷଷ୍ଠ ଶ୍ରେଣୀରୁ ହିଁ ଲାଗୁ କରିବାକୁ ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ମାମଲାର ଶୁଣାଣି କରି ବିଚାରପତି ବି ଭି ନାଗରତ୍ନ କହିଛନ୍ତି ଯେ, ନବମ ଶ୍ରେଣୀରୁ ହିଁ ଦଶମ ବୋର୍ଡ ପରୀକ୍ଷାର ଚାପ ଆରମ୍ଭ ହୋଇଯାଇଥାଏ। ଏଭଳି ସ୍ଥିତିରେ ଏକ ନୂତନ ଭାଷା ପ୍ରବର୍ତ୍ତନ କରିବା ଏକ ଭୁଲ ନିଷ୍ପତ୍ତି। ସେ ନିଜ ସ୍କୁଲ ଦିନର ଅଭିଜ୍ଞତା ମନେ ପକାଇ କହିଛନ୍ତି ଯେ, ପିଲାଦିନରୁ ହିଁ ତୃତୀୟ ଭାଷା ଶିକ୍ଷା ଦିଆଗଲେ ତାହା ସହଜ ହୋଇଥାଏ। ତେଣୁ ସିବିଏସଇ କିମ୍ବା ଆଇସିଏସଇ ବୋର୍ଡରେ ଏହାକୁ ଷଷ୍ଠ ଶ୍ରେଣୀରୁ ହିଁ ଆରମ୍ଭ କରାଯିବା ଉଚିତ। ଶୁଣାଣି ସମୟରେ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ରେ ହିନ୍ଦୀକୁ ବାଧ୍ୟତାମୂଳକ କରାଯାଇ ନାହିଁ। ଏଥିରେ ରାଜ୍ୟ ଭାଷା, ଇଂରାଜୀ ଏବଂ ଯେକୌଣସି ତୃତୀୟ ଭାଷା ପଢ଼ିବାର ନିୟମ ରହିଛି। ସଂସ୍କୃତ କିମ୍ବା ଅନ୍ୟ କୌଣସି ଭାଷାକୁ ମଧ୍ୟ ତୃତୀୟ ଭାଷା ଭାବେ ଚୟନ କରାଯାଇପାରିବ ଏବଂ କୌଣସି ରାଜ୍ୟ ଉପରେ ଜୋର ଜବରଦସ୍ତ କୌଣସି ଭାଷା ଲଦି ଦିଆଯିବ ନାହିଁ। ତାମିଲନାଡୁର ପ୍ରତ୍ୟେକ ଜିଲ୍ଲାରେ ଜବାହର ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତ୍ରି-ଭାଷା ନୀତିକୁ ବିରୋଧ କରି ତାମିଲନାଡୁ ସରକାର ଏହି ସ୍କୁଲ ପ୍ରତିଷ୍ଠା ଚାହୁଁନାହାନ୍ତି। ଏହା ଉପରେ ସୁପ୍ରିମକୋର୍ଟ ତାମିଲନାଡୁକୁ ପରାମର୍ଶ ଦେଇ କହିଛନ୍ତି ଯେ, କେବଳ କେନ୍ଦ୍ର ସରକାରଙ୍କ ନୀତି ବୋଲି ଏହାକୁ ଆଖିବୁଜା ବିରୋଧ କରିବା ଉଚିତ ନୁହେଁ। କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକୁ ନିଜ ରାଜ୍ୟରେ କାର୍ଯ୍ୟ କରିବାକୁ ରୋକିବା ଠିକ୍ ନୁହେଁ। ବର୍ତ୍ତମାନ ଏହି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆଲୋଚନା ଜାରି ରହିଥିବାରୁ, ସୁପ୍ରିମକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣିକୁ ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।


## ମିଆଁମାର ଉପକୂଳରେ ଡଙ୍ଗା ବୁଡ଼ି ୫୦୦ ରୋହିଙ୍ଗ୍ୟା ମୃତ

ୟାଙ୍ଗୁନ୍, ୧୬।୭(ଏଜେନ୍ସି): ମିଆଁମାର ଉପକୂଳରେ ଦୁଇଟି ପ୍ରବାସୀ ଡଙ୍ଗା ବୁଡ଼ିଯିବା ଫଳରେ ୫୦୦ରୁ ଅଧିକ ରୋହିଙ୍ଗ୍ୟା ଶରଣାର୍ଥୀ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ମିଳିତ ଜାତିସଂଘର ଶରଣାର୍ଥୀ ସଂଗଠନ ଏବଂ ଆନ୍ତର୍ଜାତୀୟ ପ୍ରବାସୀ ସଂଗଠନ ପକ୍ଷରୁ ମିଳିତ ଭାବେ ଏହି ସୂଚନା ଦିଆଯାଇଛି। ସୁରକ୍ଷିତ ଆଶ୍ରୟ ସନ୍ଧାନରେ ଏହି ରୋହିଙ୍ଗ୍ୟାମାନେ ସମୁଦ୍ର ପଥରେ ଯାତ୍ରା କରୁଥିବା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି। ପ୍ରାୟ ୨୫୦



ଯାତ୍ରୀଙ୍କୁ ନେଇ ଯାଉଥିବା ପ୍ରଥମ ଡଙ୍ଗାଟି ଯାତ୍ରା ଆରମ୍ଭର କିଛି ସମୟ ପରେ ନିଖୋଜ ହୋଇଯାଇଥିଲା। ସେହିପରି ୨୮୦ ଯାତ୍ରୀ ଥିବା ଦ୍ୱିତୀୟ ଡଙ୍ଗାଟି ଜୁଲାଇ ୮ ତାରିଖରେ ମିଆଁମାରର ଇରାବତୀ ଉପକୂଳ ନିକଟରେ ବୁଡ଼ି ଯାଇଥିବା ବିଶ୍ୱାସ କରାଯାଉଛି। ପ୍ରତିକୂଳ ପାଗ ସତ୍ତ୍ୱେ ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତିରେ ଏହି ଶରଣାର୍ଥୀମାନେ ଡଙ୍ଗା ଯାତ୍ରା କରିଥିଲେ। ଏମାନଙ୍କ ମଧ୍ୟରେ ଅଧିକାଂଶ ମିଆଁମାରର ରଖାଇନ୍ ପ୍ରଦେଶର ରୋହିଙ୍ଗ୍ୟା ହୋଇଥିବା ବେଳେ କେତେକ ବାଂଲାଦେଶ ଶରଣାର୍ଥୀ ଶିବିରରୁ ମଧ୍ୟ ରହିଥିଲେ। ୨୦୨୫ ମସିହାରେ ପ୍ରାୟ ୯୦୦ ରୋହିଙ୍ଗ୍ୟା ଶରଣାର୍ଥୀ ଏହି ସମୁଦ୍ର ପଥରେ ମୃତ୍ୟୁବରଣ କରିଥିଲେ କିମ୍ବା ନିଖୋଜ ହୋଇଥିଲେ। ୨୦୨୬ ମସିହାରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦୦ ଲୋକ ନିଖୋଜ ଥିବା ରିପୋର୍ଟ ହୋଇଛି। ୨୦୧୭ ମସିହାରେ ମିଆଁମାର ସେନାର ଦମନଲୀଳା ପରେ ପ୍ରାୟ ୭ ଲକ୍ଷରୁ ଅଧିକ ରୋହିଙ୍ଗ୍ୟା ନିଜ ଜୀବନ ବଞ୍ଚାଇବା ପାଇଁ ବାଂଲାଦେଶ ସମେତ ବିଭିନ୍ନ ଦେଶକୁ ପଳାୟନ କରିଥିଲେ।

## ତିରୁପତି ମନ୍ଦିରରେ ରେକର୍ଡ: ଗୋଟିଏ ଦିନରେ ମିଳିଲା ୯୭ କୋଟି ଟଙ୍କା



ତିରୁପତି, ୧୬।୭(ଏଜେନ୍ସି): ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁମାଲା ତିରୁପତି ବାଲାଜୀ ମନ୍ଦିରରେ ଗତ ମଙ୍ଗଳବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ରେକର୍ଡ ୯୬.୯୮ କୋଟି (ପ୍ରାୟ ୯୭ କୋଟି) ଟଙ୍କାର ଦାନ ମିଳିଛି। ଜୁଲାଇ ୧୫ ମଧ୍ୟରାତ୍ରିରୁ ମନ୍ଦିର ପ୍ରଶାସନର ନୂଆ ଦାତା ନୀତି ଲାଗୁ ହେବାକୁ ଥିବାରୁ, ଏହାର ପୂର୍ବରୁ ଆଜୀବନ ସୁବିଧା ପାଇବା ପାଇଁ ପ୍ରାୟ ୨, ୪୬୦ ଜଣ ଦାତା ବଡ଼ ପରିମାଣର ଅର୍ଥ ଦାନ କରିଛନ୍ତି। ମନ୍ଦିର ପରିଚାଳନା ବୋର୍ଡ (ଟିଟିଡି) ଅନୁଯାୟୀ, ପୂର୍ବରୁ ଦାତାମାନଙ୍କୁ ମିଳୁଥିବା 'ଆଜୀବନ ସୁବିଧା' ବ୍ୟବସ୍ଥାକୁ ଏବେ ଉଚ୍ଛେଦ କରାଯାଇଛି। ନୂଆ ନିୟମ ଅନୁସାରେ ବ୍ୟକ୍ତିଗତ ଦାତାଙ୍କ ପାଇଁ ସୁବିଧାର ଅବଧି ୨୦ ବର୍ଷ ଏବଂ ସଂସ୍ଥା ବା ଟ୍ରଷ୍ଟ ପାଇଁ ୧୫ ବର୍ଷକୁ ସୀମିତ କରାଯାଇଛି। ଏହାସହ ସ୍ୱତନ୍ତ୍ର ଦର୍ଶନ, ମାଗଣା ରହଣି ଏବଂ ଦେବୀ ପ୍ରସାଦ ସ୍ୱରୂପ ମିଳୁଥିବା ସୁନା-ରୂପା ମୁଦ୍ରାର ପରିମାଣ ମଧ୍ୟ ହ୍ରାସ କରାଯାଇଛି। ସାଧାରଣ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅଧିକ ସୁଯୋଗ ଦେବା ଏବଂ ଦାନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ଏହି ପଦକ୍ଷେପ ନିଆଯାଇଛି। ତେବେ ଜୁଲାଇ ୧୫ ପୂର୍ବରୁ ଦାନ କରିଥିବା ପୁରୁଣା ଦାତାମାନଙ୍କ ଆଜୀବନ ସୁବିଧା ଅପରିବର୍ତ୍ତିତ ରହିବ। ଏହି କାରଣରୁ ନୂଆ ନିୟମ ଲାଗୁ ହେବାର ଠିକ୍ ପୂର୍ବ ଦିନ ମନ୍ଦିରରେ ଦାନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭାବନୀୟ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ବିଶ୍ୱର ଅନ୍ୟତମ ସମୃଦ୍ଧ ଏହି ମନ୍ଦିରର ସାମଗ୍ରିକ ସମ୍ପତ୍ତି ପ୍ରାୟ ୩.୩୮ ଲକ୍ଷ କୋଟି ଟଙ୍କା ବୋଲି ଜଣାଯାଇଛି।

## ରାଜ୍ୟସଭାରୁ ଅଭିନେତ୍ରୀ କୋଏଲଙ୍କ ଇସ୍ତଫା



ଟିଏମସି ସଭ୍ୟସଂଖ୍ୟା ୯ କୁ ଖସିଲା


ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମସି) ର ଅସନ୍ତୁଷ୍ଟ ନେତା ଓ ବିଧାୟକଙ୍କ ଦଳ ଛାଡ଼ିବା ପ୍ରକ୍ରିୟା ଜାରି ରହିଥିବା ବେଳେ ଦଳକୁ ଆଉ ଏକ ବଡ଼ ଝଟକା ଲାଗିଛି। ଟିଏମସି ନେତ୍ରୀ ତଥା ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା କୋଏଲ ମଲ୍ଲିକ ଗୁରୁବାର ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି। ସୂତ୍ର ଅନୁଯାୟୀ, ସେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି ପି ରାଧାକ୍ରିଷ୍ଣନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଦଳ ପାଇଁ ଏହି ସପ୍ତାହ ବେଶ୍ ସଙ୍କଟଜନକ ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ଦଳର ବରିଷ୍ଠ ନେତା ସୁଖେନ୍ଦୁ ଶେଖର ରାୟ, ସୁସ୍ମିତା ଦେବ ଏବଂ ପ୍ରକାଶ ଚିକ ବଡ଼ାଇକ ଉଭୟ ରାଜ୍ୟସଭା ଓ ଟିଏମସିରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇ ସାରିଛନ୍ତି। ପଶ୍ଚିମବଙ୍ଗରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ ଏହି ପୂର୍ବତନ ଟିଏମସି ନେତାମାନେ ବିଜେପି ଟିକେଟରେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି। କୋଏଲଙ୍କ ଉସ୍ତଫା ପରେ ରାଜ୍ୟସଭାରେ ଟିଏମସିର ସଭ୍ୟ ସଂଖ୍ୟା ୯କୁ ହ୍ରାସ ପାଇଛି। ନିକଟ ଭବିଷ୍ୟତରେ ପାର୍ଟିର ଆହୁରି ସଭ୍ୟ ଇସ୍ତଫା ଦେବେ ବୋଲି ସୂଚନା ମିଳିଛି।

## ସୋନମ୍ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଲଦାଖର ବିଶିଷ୍ଟ ସମାଜସେବୀ ତଥା ଆନ୍ଦୋଳନକାରୀ ସୋନମ ୱାଙ୍ଗଚୁକଙ୍କ ବିଗୁଡ଼ୁଥିବା ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ହୋଇଯାଇଛି। ସେ ଦୀର୍ଘ ୧୯ ଦିନ ହେବ ଜନ୍ତର ମନ୍ତରଠାରେ ଆମରଣ ଅନଶନରେ ବସିଥିବା ବେଳେ ତାଙ୍କର ଜୀବନ ରକ୍ଷା ପାଇଁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଆଶ୍ୱାସନା ଦିଆଯାଇଛି ଯେ, ଡାକ୍ତରଙ୍କ ପରାମର୍ଶ ଏବଂ ସ୍ୱାସ୍ଥ୍ୟ ସମୀକ୍ଷା ରିପୋର୍ଟ ଆଧାରରେ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ଚିକିତ୍ସା ଯୋଗାଇଦେବେ। ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ୍) ରେ ହୋଇଥିବା ବ୍ୟାପକ ଅନିୟମିତତା ପ୍ରତିବାଦରେ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଗତ ଜୁନ୍ ୨୮ ତାରିଖରୁ ସୋନମ ୱାଙ୍ଗଚୁକ ଅନଶନ ଜାରି ରଖିଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ଗମ୍ଭୀର ହେଉଥିବାରୁ ଆଡଭୋକେଟ ରାକେଶ କୁମାର ସୈନୀଙ୍କ ଦ୍ୱାରା ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ଏହି ଆବେଦନରେ ୱାଙ୍ଗଚୁକଙ୍କୁ ତୁରନ୍ତ ଡାକ୍ତରଖାନା ସ୍ଥାନାନ୍ତର କରିବା ସହ ଆବଶ୍ୟକ ସ୍ଥଳେ ଜୋର ଜବରଦସ୍ତ ତରଳ ଖାଦ୍ୟ ଓ ପୋଷକ ତତ୍ତ୍ୱ ପ୍ରଦାନ କରି ତାଙ୍କ ଜୀବନ ରକ୍ଷା କରିବାକୁ ଅନୁରୋଧ କରାଯାଇଥିଲା। ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ବିଚାରପତି ତେଜସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କହିଛନ୍ତି ଯେ, 'ଦେଶର ପ୍ରତ୍ୟେକ ନାଗରିକଙ୍କ ଜୀବନ ଅତ୍ୟନ୍ତ ମୂଲ୍ୟବାନ।' ସରକାରୀ ଡାକ୍ତରଙ୍କ ଦ୍ୱାରା ପ୍ରତିଦିନ ସୋନମଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେଲେ ତୁରନ୍ତ ଚିକିତ୍ସା ପ୍ରକ୍ରିୟାରେ ହସ୍ତକ୍ଷେପ କରାଯାଉ। ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଛନ୍ତି ଯେ, ସରକାରୀ ଡାକ୍ତରୀ ଦଳ ସୋନମଙ୍କ ସ୍ୱାସ୍ଥ୍ୟ ଉପରେ କ୍ରମାଗତ ନଜର ରଖିଛନ୍ତି ଏବଂ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। କେନ୍ଦ୍ରର ଏହି ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରି କୋର୍ଟ ମାମଲାର ସମାଧାନ କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ବରିଷ୍ଠ ଚିକିତ୍ସକ ଡାକ୍ତର ସତୀଶ ଲାମ୍ବାଙ୍କ ସୂଚନା ଅନୁଯାୟୀ, ଅନଶନ ଯୋଗୁଁ ସୋନମଙ୍କ ଓଜନରେ ଦ୍ରୁତ ହ୍ରାସ ଘଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ତାଙ୍କ ଓଜନ ୫୦୦ ଗ୍ରାମ କମି ଏବେ ୫୬.୬୫ କିଲୋଗ୍ରାମରେ ପହଞ୍ଚିଛି।

## ୧୫୦ କୋଟିର ସମ୍ପତ୍ତି ବିବାଦ
## ମଦ୍ୟପ ପୁଅର ଗୁଳିମାଡ଼ରେ ବାପା ମୃତ



ଗାଜିଆବାଦ, ୧୬।୭(ଏଜେନ୍ସି): ଉତ୍ତରପ୍ରଦେଶର ଗାଜିଆବାଦ ଜିଲ୍ଲା ମୋଦୀନଗର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରାୟ ୧୫୦ କୋଟି ଟଙ୍କାର ଜମିବାଡ଼ି ସମ୍ପତ୍ତି ବିବାଦକୁ କେନ୍ଦ୍ର କରି ଜଣେ ୩୨ ବର୍ଷୀୟ ମଦ୍ୟପ ପୁଅ ନିଜର ୫୫ ବର୍ଷୀୟ ବାପାଙ୍କୁ ଗୁଳି କରି ହତ୍ୟା କରିଛି। ମୃତକ ଜଣକ ହେଉଛନ୍ତି ମୋଦୀନଗରର ବୁଡ଼ାନା ଗ୍ରାମର ଜଣେ ଚାଷୀ ହରିଓମ୍। ପୁଲିସ ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ହରିଓମ୍‌ଙ୍କ ବଡ଼ ପୁଅ ନିଖିଲ ପ୍ରଚୁର ମଦ୍ୟପାନ କରି ଘରକୁ ଫେରିଥିଲା। ହରିଓମ୍ ଏହାର ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏହି ଝଗଡ଼ା ପୂର୍ବରୁ ଚାଲିଥିବା ସମ୍ପତ୍ତି ବିବାଦର ରୂପ ନେଇଥିଲା ଏବଂ ଉତ୍ତ୍ୟକ୍ତ ହୋଇ ନିଖିଲ ଏକ ଦେଶୀ ପିସ୍ତଲରୁ ତାର ବାପାଙ୍କ ଉପରକୁ ତିନି ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳି ହରିଓମ୍‌ଙ୍କ ମୁଣ୍ଡ ଓ ପେଟରେ ବାଜିଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସମ୍ପର୍କୀୟଙ୍କ ସୂଚନା ଅନୁଯାୟୀ, ହରିଓମ୍‌ଙ୍କର ପ୍ରାୟ ୭୫ ବିଘା ଜମି ଏବଂ ମୋଦୀନଗର ବଜାରରେ ୩ଟି ଦୋକାନ ରହିଛି, ଯାହାର ଆନୁମାନିକ ମୂଲ୍ୟ ୧୫୦ କୋଟି ଟଙ୍କାରୁ ଅଧିକ। ହରିଓମ୍ ଏହି ସମ୍ପତ୍ତିକୁ ତିନି ଭାଗରେ ବାଣ୍ଟିଥିଲେ ମଧ୍ୟ ନିଖିଲର ଖରାପ ଅଭ୍ୟାସ ଓ ମଦ୍ୟପାନ ଯୋଗୁଁ ତାର ଭାଗର ଆଇନଗତ କାଗଜପତ୍ର କରିନଥିଲେ। ନିଖିଲର ବାହାଘର ପରେ କାଗଜପତ୍ର ହେବ ବୋଲି ହରିଓମ୍ କହିଥିଲେ, ଯାହାକୁ ନେଇ ନିଖିଲ ଅସନ୍ତୁଷ୍ଟ ଥିଲା। ଏପରିକି ୨୦୧୮ ମସିହାରେ ମଧ୍ୟ ନିଖିଲ ନିଜ ସାନ ଭାଇ ଉପରକୁ ଗୁଳି ଚଳାଇ ଆହତ କରିଥିବା ଜଣାପଡ଼ିଛି। ହରିଓମ୍‌ଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ୧୦୩ (ହତ୍ୟା) ଅନୁଯାୟୀ ମାମଲା ରୁଜୁ କରିଛି। ଫରାର ଥିବା ଅଭିଯୁକ୍ତ ପୁଅକୁ ଗିରଫ କରିବା ପାଇଁ ପୁଲିସ ୫ଟି ସ୍ୱତନ୍ତ୍ର ଦଳ ଗଠନ କରି ତଦନ୍ତ ଚଳାଇଛି।




କୋହଲିଙ୍କ ଅର୍ଦ୍ଧଶତକ

ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-23 ◆FRIDAY ◆17 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୨୩ ◆ଶୁକ୍ରବାର ◆୧୭ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦








## ମହାପ୍ରଭୁଙ୍କ ଘୋଷଯାତ୍ରା

# ଦି’ ହାତ ଗଡ଼ିଲା ନନ୍ଦିଘୋଷ

## ମାର୍କେଟ ଛକରେ ତାଳଧ୍ୱଜ, ମରିଚିକୋଟ ଛକରେ ଦର୍ପଦଳନ


## ଦଳାଚକଟାରେ ୨ ମୃତ

■ ପୁରୀ, ୧୬।୭ (ସମିସ): ନୀଳକନ୍ଦରର ନିରବତା ଭାଙ୍ଗି ଗୁରୁବାର ବଡ଼ଦାଣ୍ଡକୁ ଓହ୍ଲାଇ ଆସିଛନ୍ତି ବିଶ୍ୱନିୟନ୍ତା। ଭାଇଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀ ଅଭିମୁଖେ ଯାତ୍ରା କରିଛନ୍ତି ନୀଳାଦ୍ରିନାଥ। ଦାରୁଦେବତାଙ୍କ ସ୍ପର୍ଶରେ ରଥ, ପଥ ହୋଇଛି ବ୍ରହ୍ମମୟ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କର ହୋଇଛି ଅପୂର୍ବ ମିଳନ। ଦାରୁଦିଅଁଙ୍କ ଦିବ୍ୟ ଦର୍ଶନ ପାଇ ଭାବରେ ଭିଜିଛନ୍ତି ଲକ୍ଷ ଲକ୍ଷ ଭକ୍ତ। ବର୍ଷା ସତ୍ତ୍ୱେ ପ୍ରାୟ ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ସଅଳ ପହଣ୍ଡି ଆରମ୍ଭ ହୋଇଥିଲେ ହେଁ ରଥଟଣା ବିଳମ୍ବ ଯୋଗୁଁ ଗୋଟିଏ ବି ରଥ ଶରଧାବାଲି ଛୁଇଁପାରି ନାହିଁ। ପରମ୍ପରା ଅନୁଯାୟୀ, ଶୁକ୍ରବାର ସକାଳେ ଅଟକିଥିବା ତିନି ରଥକୁ ପୁଣି ଟଣାଯିବ। ରାତିରେ ରଥ ଉପରେ ଦର୍ଶନ ଦେଇ ଶନିବାର ଚତୁର୍ଦ୍ଧାବିଗ୍ରହ ଆଡ଼ପମଣ୍ଡପ ବିଜେ କରିବେ। ଏହି ଭକ୍ତିମୟ ପରିବେଶ ଭିତରେ ବଡ଼ଦାଣ୍ଡରେ ଘଟିଛି ବଡ଼ ଅଘଟଣ। ଦଳାଚକଟା ଘଟି ୨ ଜଣ ଶ୍ରଦ୍ଧାଳୁ ଅଣନିଃଶ୍ୱାସୀ ହୋଇପଡ଼ିବାରୁ ▶ପୃଷ୍ଠା-୭



## ଭକ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ସରକାର: ନବୀନ

■ ଭୁବନେଶ୍ୱର, ୧୬।୭ (ସମିସ): ରଥଯାତ୍ରାରେ ବଡ଼ଦାଣ୍ଡର ଭକ୍ତଙ୍କ ପ୍ରାଣହାନୀ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମରେ ଏକ୍ସରେ ନବୀନ କହିଛନ୍ତି ଯେ ବଡ଼ଦାଣ୍ଡର ଭିଡ଼ରେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ହୋଇଥିବା ଖବର ପାଇ ମୁଁ ଅତ୍ୟନ୍ତ ଦୁଃଖିତ। ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ଅମର ଆତ୍ମାର ସଦଗତି ସହ ଆହତ ହୋଇଥିବା ଶତାଧିକ ▶ପୃଷ୍ଠା-୭




## ବିନା ଟାହିଆରେ ଆସିଲେ ମଉଡ଼ମଣି

■ ପୁରୀ, ୧୬।୭ (ସମିସ): ଝିପିଝିପି ବର୍ଷା ସହ ଘଣ୍ଟନାଦରେ କମ୍ପୁଥିଲା ସିଂହଦ୍ୱାର। ରତ୍ନବେଦୀରୁ ବଡ଼ଦାଣ୍ଡକୁ ଓହ୍ଲାଉଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ହେଲେ ଗୁମୁଟରେ ଚକାଆଖିକୁ ଦର୍ଶନ କରିବା ବେଳେ ଭକ୍ତ ଚକିତ ହୋଇଗଲେ। କଳାସାଆନ୍ତଙ୍କ ଶ୍ରୀମସ୍ତକ ଫାଙ୍କା ରହିଥିଲା। ବିନା ଟାହିଆରେ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ ଜଗତର ମଉଡ଼ମଣି।

ସାଧାରଣତଃ ପହଣ୍ଡି ସମୟରେ ଭିଡ଼ କିମ୍ବା ଝୁଲଣ ଯୋଗୁଁ ଟାହିଆର କିଛି ଅଂଶ ଭାଙ୍ଗିବା ନଜିର୍ ଥିଲେ ମଧ୍ୟ, ଆଜିର ଘଟଣା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଶ୍ରୀମସ୍ତକରେ ପବିତ୍ର ପାରମ୍ପରିକ ଫୁଲ ମୁକୁଟ ‘ଟାହିଆ’ ନ ଥିଲା। ଧାଡ଼ି ପହଣ୍ଡିରେ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର ଓ ସୁଭଦ୍ରା ରଥାରୂଢ଼ ହେଲେ। ଶେଷରେ ମହାପ୍ରଭୁ ଜଗନ୍ନାଥ ବଡ଼ଦେଉଳରୁ ବାହାରିଲେ। ▶ପୃଷ୍ଠା-୭







# ଭକ୍ତଙ୍କୁ ଦର୍ଶନ ଦେବାକୁ ଦାଣ୍ଡକୁ ବାହାରିଲେ ମହାବାହୁ






ଜହ୍ନାପଙ୍କ,୧୬ ।୭ (ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଶ୍ରୀଜଗନ୍ନାଥ ଓ ଶ୍ରୀରାମ ଯୁଗ ମନ୍ଦିରଠାରେ ଗୁରୁବାର ସକାଳୁ ରୀତିନୀତି ଅନୁଯାୟୀ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା, ସୁଦର୍ଶନଙ୍କ ପୂଜା ପାଠ କରାଯାଇଥିଲା । ତେବେ ଦୁଇ ଦିନ ଧରି ଝିପି ଝିପି ବର୍ଷା ଲାଗିରହିଥିଲା । ଗୁରୁବାର ଅପରାହ୍ନରୁ ହଟାତ ବର୍ଷା ଛାଡି ଯାଇଥିଲା । ଦିନ ୪ଟାରେ ଠାକୁରମାନଙ୍କୁ ପହଣ୍ଡି କରାଯାଇ ରଥାରୁଢ଼ କରାଯାଇଥିଲା । ଏହାପରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ନାରାୟଣନଗର ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଛେରା ପହଁରା ସହ ମହାପ୍ରଭୁ ରଥାରୁଢ଼ ହେବାପରେ ପରମ୍ପରା ଅନୁଯାୟୀ ଛୋଟ ଶିଶୁଙ୍କ ରଥ ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ମନ୍ଦିର ପୂଜକ ଅଜିତ ପାଣିଗ୍ରାହୀଙ୍କ ସମେତ ପୁରୋହିତମାନେ ପୂଜାପାଠ କରିଥିଲେ । ଅପରାହ୍ନ ସାଢେ ୬ଟାରେ ରଥଟଣା ଆରମ୍ଭ ହୋଇଥିଲା । ୭ ଟାରେ ହରିବଂଶ ଛକରେ ରଥ ଅଟକି ରହିଥିଲା । ଶୁକ୍ରବାର ପୁଣି ରଥ ଟଣାଯିବ । ଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିର କମିଟିର ସଭାପତି ରାଜେନ୍ଦ୍ର ମେହେର, ଉପସଭାପତି ଉପେନ୍ଦ୍ର, ଉପଦେଷ୍ଟା ଭୋଳାଗିରି ସାହୁଙ୍କ ଉପସ୍ଥିତରେ କମିଟିର ସମସ୍ତ କର୍ମକର୍ତ୍ତା, ନାରାୟଣନଗର ଗ୍ରାମବାସୀ ଓ ଜହ୍ନାପଙ୍କ ଫାଣ୍ଡି ପକ୍ଷରୁ ଶାନ୍ତି ଶୃଙ୍ଖଳା ଦାୟିତ୍ୱ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ସେହିପରି ଜଗତି, ପଦ୍ମନପୁର, ଆନନ୍ଦପୁର, କମିରା, ପଳସପାଟରେ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଜଗନ୍ନାଥ ମନ୍ଦିରରୁ ଶ୍ରୀଜୀଉମାନେ ଘୋଷଯାତ୍ରାରେ ବାହାରିଛନ୍ତି । ହାଟପଦା ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚିଛି । ରଥଯାତ୍ରା ମନ୍ଦିର ପରିଚାଳନାକମିଟି ଭଗବାନ କଅଁର, ଲକ୍ଷଣ ସାହୁ,ଗୌରଚନ୍ଦ୍ର ବାଘ, ଶିବ ପ୍ରସାଦ ରଥ, ଚତୁର୍ଭୁଜ ସାହୁ, ମନ୍ଦିର ପୂଜକ ଆନନ୍ଦ ମିଶ୍ର, ସୁଶୀଲ ପାଣିଗ୍ରାହୀ, ସନ୍ତୋଷ ରଥ, ସୁବାଷ ରଥ, ଶଙ୍କର ଖାଡେଙ୍ଗା ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରାରୁ ଚତୁର୍ଦ୍ଧାମୂର୍ତ୍ତି ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ବାହାରିଛନ୍ତି । ଆଜି ସକାଳୁ ପ୍ରବଳ ବର୍ଷା ଲାଗି ରହିଥିଲା । ଅପରାହ୍ନ ୪ଟାରେ ଛାଡିଥିଲା । ଏହା ପରେ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରବଚକ ରବିନାରାୟଣ ଶତପଥୀ ପହଣ୍ଡି ଗୀତ ଗାଇଥିଲେ । ଭକ୍ତଙ୍କ ଗହଣରେ ମହାପ୍ରଭୁ ରଥାରୁଢ ହୋଇଥିଲେ । ରଥ ଉପରେ ମହାପ୍ରଭୁଙ୍କୁ ଭକ୍ତ ଦର୍ଶନ କରିଥିଲେ । ବୌଦ୍ଧ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଓ କଣ୍ଟାମାଳ ବିଡ଼ିଓ ସାମ୍ପି ଜୟଶ୍ରୀ ରେଢ୍ଡୀ ଉପସ୍ଥିତ ରହି ମନ୍ଦିର ପରିଚାଳକ ମନୋଜ ମହାନ୍ତିଙ୍କ ସହିତ ଆଲୋଚନା କରିଥିଲେ । ସନ୍ଧ୍ୟା ସାଢେ ୬ଟା ରଥଟଣା ହୋଇଥିଲା ।



**ଶଗଡା:** କଣ୍ଟାମାଳ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସେବାୟତମାନେ ଜଗତର ନାଥ ଜଗନ୍ନାଥ ,ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା, ସୁଦର୍ଶନଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ରଥରେ ପୂଜାର୍ଚ୍ଚନା ପରେ ଭକ୍ତ ରଥ ଟାଣିଥିଲେ । ବର୍ଷା ହେବା ଫଳରେ ଅନେକ ସ୍ଥାନରେ ଅପରାହ୍ନରେ ରଥଯାତ୍ରା ଆରମ୍ଭ ହୋଇଥିଲା । କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା, ଆମ୍ବ୍ରାଗାଁ, କଣ୍ଟାମାଳ, ପଲସାଗୋରା, ଲୋକାପଡ଼ା, ଗୁଡଭେଲି ପଦର, ମନମୁଣ୍ଡା, ପଦରପଡ଼ା, ପଦରପଡ଼ା, ଟୁରିଦେଉଳ, ଗବଯୋର, ବରଗୋଚ୍ଛା ଆଦି ଗ୍ରାମରେ ରଥଯାତ୍ରା ପାଳିତ ହୋଇଯାଇଛି । ଅନେକ ସ୍ଥାନରେ ଭିଡ଼କୁ ଦେଖି ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

**ଡୁଙ୍ଗୁରିପାଲି:** ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମରେ ରୀତିନୀତି ଅନୁସାରେ ଗୁରୁବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଡୁଙ୍ଗୁରିପାଲି ବସ୍ତିରେ ଜଗନ୍ନାଥ ମହାପ୍ରଭୁଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମନ୍ଦିରରୁ ମହାପ୍ରଭୁଙ୍କୁ ପୂଜା ଅର୍ଚ୍ଚନା କଲା ପରେ ବାହାର କରାଯାଇ ରଥାରୂଢ଼ ହରାଇଥିଲା । ଗ୍ରାମର ବିଭିନ୍ନ ସ୍ଥାନରେ ପୂର୍ଣ୍ଣ କଳସ ସ୍ଥାପନ କରି ପୂଜା କରାଯାଇଥିଲା । ଆଖପାଖ ଶୁଖା, ମାଝିମୁଣ୍ଡା, ସର୍ଗୁଲ, ଗଧାପାଲି,ଡେରୁପାଲି ଗ୍ରାମରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତର ସାଧାରଣ ସଭା



ବୌଦ୍ଧ,୧୬ ।୭ (ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ ତରଫରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍କଳ ପଶ୍ଚିମପ୍ରାନ୍ତ ସଭାପତି ହରେକୃଷ୍ଣ ଭୋଇ ସଭାପତିତ୍ୱ କରିଥିଲେ । ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ବେଣୀମାଧବ ବେଦବାକ, କୋଷାଧ୍ୟକ୍ଷ ସୁରେନ୍ଦ୍ର ନେଗୀ, ବସନ୍ତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅରୁଣ ମେଣ୍ଡିଲି, ଜିଲ୍ଲା ସଭାପତି ଗୀତାରାଣୀ ରାୟ ଚୌଧୁରୀ, ମହାମନ୍ତ୍ରୀ କଲ୍ୟାଣୀ ମିଶ୍ର, କୋଷାଧ୍ୟକ୍ଷ ସୁନିତା ହୋତା, ସମ୍ପାଦକ ନିରଞ୍ଜନ ନାଏକ, ତୁଳସୀ ଭୋଇ, ଉପସଭାପତି ଜଗନ୍ନାଥ ରାଜହଂସ, କୃଷ୍ଣଚନ୍ଦ୍ର ଆଡଜୁଆଲୀ ଓ ସୁରେନ୍ଦ୍ର କର୍ଣ୍ଣଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଜିଲ୍ଲା ମହାମନ୍ତ୍ରୀ କଲ୍ୟାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁନିତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ବୌଦ୍ଧରେ ଜିଲ୍ଲା ପରିଷଦ ମାସିକ ସମୀକ୍ଷା ବୈଠକ



ବୌଦ୍ଧ,୧୬ ।୭ (ସମିସ): ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପଞ୍ଚାୟତ ଭବନରେ ପରିଷଦର ଜୁଲାଇ ମାସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ନାୟକ ଅଧକ୍ଷତା କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଭାସଚନ୍ଦ୍ର ଦଣ୍ଡସନା ସମସ୍ତଙ୍କୁ ସ୍ୱାଗତ କରି ବୈଠକ ପରିଚାଳନା କରିଥିଲେ ।

## ଖୁଜେନପାଲି, ବରକାନି ପଞ୍ଚାୟତରେ ଲୋକଙ୍କୁ ଭେଟିଲେ ନରସିଂହ



ବଲାଙ୍ଗିର,୧୬ ।୭ (ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଖୁଜେନପାଲି ଓ ବରକାନି ପଞ୍ଚାୟତର ସାଧାରଣ ଲୋକ ଓ ପଞ୍ଚାୟତସ୍ତରୀୟ ନେତୃବୃନ୍ଦଙ୍କୁ ଭେଟି ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଆଲୋଚନା ସମୟରେ ବ୍ଲକ୍ କଂଗ୍ରେସ ସଭାପତି ରାମପ୍ରସାଦ ମିଶ୍ର, ସରପଞ୍ଚ ବଳଦେବ ସାହୁ, ପୂର୍ବତନ ସରପଞ୍ଚ ସତ୍ୟବାନ ସାହୁ, ବିଭୁପ୍ରସାଦ ନାଏକ, ଅଜିତ ଷାଣ୍ଢ, ସୁରେଶ ସାହୁ, ରୋହିତ ତ୍ରିପାଠି, ସୁବନ ବାଗ, କାର୍ତ୍ତିକ ପଟେଲ, ରିଙ୍କୁ ନାଏକଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବୌଦ୍ଧର ଦୁଇ ଶିକ୍ଷକଙ୍କୁ ଶିକ୍ଷାରତ୍ନ ସମ୍ମାନ

ବୌଦ୍ଧ,୧୬ ।୭ (ସମିସ): ବୌଦ୍ଧ ଜିଲ୍ଲା ତେଲିବନ୍ଧ ନୋଡାଲ ହାଇସ୍କୁଲର ସହକାରୀ ଶିକ୍ଷକ ଶମ୍ଭୁ ଗିରି ଓ କୃଷ୍ଣମୋହନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ ସେଠୀ ଶିକ୍ଷାରତ୍ନ ସମ୍ମାନ ପାଇଛନ୍ତି । ଓଡ଼ିଶା ଅଭିଭାବକ ମହାସଂଘ ଓ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନଠାରେ ଓଡ଼ିଶା ଶିକ୍ଷାରତ୍ନ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଚାରପତି ବି.ଆର. ଷଡ଼ଙ୍ଗୀ ଓ ଅବସରପ୍ରାପ୍ତ ଆଇପିଏସ ଅନୁପ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ ।

## ମୁଣ୍ଡାପଡ଼ା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ବୌଦ୍ଧ,୧୬ ।୭ (ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡାପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି । ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର, ଶିକ୍ଷକ ଅମ୍ବରେଶ ପ୍ରଧାନ, ଶିକ୍ଷକ ଶ୍ରୀନିବାସ ପୃଷ୍ଟି, ସୁଧୀର କର୍ଣ୍ଣ, କର୍ମଚାରୀ କପିଳ ହୋତା,କେଦାରସେଠୀଙ୍କସମେତଛାତ୍ରଛାତ୍ରୀବିଭିନ୍ନପ୍ରକାରରଚାରାରୋପଣକରିଥିଲେ ।

## ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି



ବୌଦ୍ଧ,୧୫ ।୭ (ସମିସ): ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଆଞ୍ଚଳିକ ସାଧନ କର୍ମୀ ସତ୍ୟନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ ଅଧକ୍ଷତା କରିଥିଲେ । ବରିଷ୍ଠ ଶିକ୍ଷକ ସଞ୍ଜିବ ପ୍ରଧାନ ସରକାରଙ୍କ ପ୍ରଚଳିତ ନିୟମାବଳୀ ଅନୁଯାୟୀ ସଦସ୍ୟ ସଦସ୍ୟା ଚୟନ ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ସର୍ବସମ୍ମତିକ୍ରମେ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା । ଅଧକ୍ଷ ଭାବେ ଶମ୍ଭୁପ୍ରସାଦ ମିଶ୍ର ଏବଂ ଉପାଧକ୍ଷ ଭାବେ ସରିତା ମିଶ୍ରଙ୍କୁ ସର୍ବସମ୍ମତିରେ ଚୟନ କରାଯାଇଛି । ଶିକ୍ଷକ ରାଜେଶ ପାତ୍ର ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ଟୁନିମୁଣ୍ଡା ବ୍ରିଜ୍ ଉପରେ ପାଣି | ବଉଳସିଂହା-ପଲସାଗୋରା ଯୋଗାଯୋଗ ବିଚ୍ଛିନ୍ନ

ଶଗଡା/କଣ୍ଟାମାଳ,୧୬ ।୭ (ସମିସ): ଲଗାତାର ବର୍ଷା ଯୋଗୁଁ ବଉଳସିଂହାରୁ ପଲସାଗୋରାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଯାଇଛି ।



ଏହି ରାସ୍ତାର ଟୁନିମୁଣ୍ଡା ବ୍ରିଜ୍ ଉପରେ ପ୍ରାୟ ୩ ଫୁଟ୍ ଉଚ୍ଚତାରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅବିରତ ବର୍ଷା ଫଳରେ ନଦୀ ଓ ନାଳର ଜଳସ୍ତର ଦ୍ରୁତ ଭାବେ ବୃଦ୍ଧି ପାଇଛି । ଏହାର ପ୍ରଭାବରେ ଟୁନିମୁଣ୍ଡା ବ୍ରିଜ୍ ଜଳମଗ୍ନ ହୋଇପଡ଼ିଛି । ପ୍ରାୟ ୩ ଫୁଟ୍ ପାଣି ବ୍ରିଜ୍ ଉପରେ ବହୁଛି । ଫଳସ୍ୱରୂପ ବଉଳସିଂହା, ପଲସାଗୋରା ସହିତ ଆଖପାଖର ଅନେକ ଗ୍ରାମର ଯାତାୟାତ ବ୍ୟାହତ ହୋଇଛି । ବ୍ରିଜ୍ ଉପରେ ପାଣି ଚାଲୁଥିବା ଯୋଗୁଁ ଦୁଇଚକିଆ, ଚାରିଚକିଆ ଓ ଭାରୀ ଯାନ ଚଳାଚଳ ସହ ଲୋକଙ୍କ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଯୋଗାଯୋଗ ବିଚ୍ଛିନ୍ନ ହେବାରୁ ଦୈନନ୍ଦିନ ଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ଜରୁରୀ କାମରେ ଯାଉଥିବା



ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିକଳ୍ପ ରାସ୍ତା ବ୍ୟବହାର କରି ଅନ୍ୟ ରାସ୍ତା ଦେଇ ବହୁ ଦୂର ବୁଲିକି ଯିବାକୁ ପଡୁଥିବାରୁ ଯାତ୍ରା ସମୟ ମଧ୍ୟ ବଢ଼ିଯିବା ସହ ଲୋକେ ହଇରାଣ ହେଉଛନ୍ତି । ଏଠାରେ ଏକ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି ।

## ଦେବଗଡ଼ ଜେଏନ୍‌ଭିରେ ର୍ୟାଗିଂ

**ଅଭିଯୁକ୍ତ ୯ ଜଣ ଯୁକ୍ତ ଦୁଇ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ**

**ଆକ୍ରମଣରେ ୬ ଜଣ ନବମ ଶ୍ରେଣୀ ଛାତ୍ର ଆହତ**

ଦେବଗଡ଼,୧୬ ।୭ (ସମିସ): ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରାବାସରେ ର୍ୟାଗିଂ ହୋଇଛି । ଯୁକ୍ତ ୨ର ୯ ଜଣ ଛାତ୍ରଙ୍କ ମାଡ଼ରେ ୬ ଜଣ ନବମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି । ଛାତ୍ର ସୋହମ ଧଳଙ୍କ ବାପା ମନମୋହନ ଧଳ ଏ ନେଇ ଦେବଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ଏତଲା ଆଧାରରେ ଅଭିଯୁକ୍ତ ଛାତ୍ର ଋତୁରାଜ ସେଠୀ, ଶିଭମ କାଲୋ, ଅନ୍ୱେଷ ଆଶୁତୋଷ ବେହେରା, ଗଗନ ନାଏକ, ସୁମନ୍ତ ଭୋଇ, ସାଇରମ ସାହୁ, ପ୍ରଭାସ ଭୋଇ, ମୋହିତ ପ୍ରଧାନ ଓ ତ୍ରିନାଥ ପେଣ୍ଟେଇଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏମାନେ ସୋହମଙ୍କ ସମେତ ଶ୍ରୀୟମ ଦେହୁରୀ, ଯଶୋବନ୍ତ ଧଳ, ଶଶିକାନ୍ତ ପ୍ରଧାନ, ଲୋକେଶ ପ୍ରଧାନ ଓ ଆର୍ଯ୍ୟନ ସାହୁଙ୍କୁ ଗତ ମଙ୍ଗଳବାର ରାତି ୧୧ଟାରେ ଛାତ୍ରାବାସରେ ର୍ୟାଗିଂ ପୂର୍ବକ ମାଡ଼ ମାରିଛନ୍ତି । ପୁଲିସ ଏହି ଆହତ ଛାତ୍ରମାନଙ୍କ ଡାକ୍ତରୀ ଯାଞ୍ଚ କରାଯାଇଛି । ତେବେ ଛାତ୍ରବାସର ଯୁକ୍ତଦୁଇ ଶ୍ରେଣୀର କେତେକ ଛାତ୍ର ନିଜ ପାଖରେ ମୋବାଇଲ ଫୋନ ରଖିଛନ୍ତି । ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ କେତେକ ଛାତ୍ରଙ୍କ ଅଭିଭାବକମାନେ ଅଭିଯୋଗ କରିଛନ୍ତି । ଏହି କାରଣରୁ ପ୍ରତିଶୋଧ ପରାୟଣ ହୋଇ ଯୁକ୍ତ ଦୁଇର ୯ ଛାତ୍ର ନବମ ଶ୍ରେଣୀର ୬ ଛାତ୍ରଙ୍କ ଉପରେ ଆକ୍ରମଣ କରିଛନ୍ତି । ଅନ୍ୟପକ୍ଷରେ ଅଭିଯୁକ୍ତ ଛାତ୍ରଙ୍କୁ ଛାତ୍ରାବାସରୁ ବାହାର କରି ଦିଆଯାଇଥିବା ଅଧକ୍ଷ ଉତ୍ତମ ପ୍ରସାଦ ସୂଚନା ଦେଇଛନ୍ତି ।

## ତରଣୀ ପ୍ରଧାନ ହତ୍ୟା ମାମଲାରେ ପତ୍ନୀ ନିର୍ଦ୍ଦୋଷ

ବୌଦ୍ଧ,୧୬ ।୭ (ସମିସ): ବହୁ ଚର୍ଚ୍ଚିତ ତରଣୀ ପ୍ରଧାନ ହତ୍ୟା ମାମଲାରେ ଅଭିଯୁକ୍ତ ପତ୍ନୀ କୁନୁ ପ୍ରଧାନ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଆଡେଣୀଗଡ ଗଣେଶ ବଜାର ମୁଖି ସାହିରେ ତରଣୀ ପ୍ରଧାନ ଘର ଜ୍ୱାଇଁ ହୋଇ ପତ୍ନୀ କୁନୁ ପ୍ରଧାନ ଓ ୪ ପିଲାଙ୍କ ସହ ରହୁଥିଲେ । ତରଣୀ ସବୁବେଳେ ମଦ୍ୟପାନ କରି ତାଙ୍କ ପତ୍ନୀ କୁନୁ ସହ ଝଗଡା କରି ମଦ ପିଇବା ପାଇଁ ଟଙ୍କା ମାଗିବା ସହ ମାଡ ମାରି ଆସୁଥିଲେ । ୯ ।୧୧ ।୨୦୨୧ ରିଖ ସନ୍ଧ୍ୟା ୫ଟାରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲା । ଏଥିରେ କୁନୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତରଣୀଙ୍କୁ ଚାରିଛକ ଦମକଳ ବାହିନୀ ପୁରୁଣାକଟକ ଡାକ୍ତରଖାନା ଆଣିଥିଲେ । ସେଠାରେ ଡାକ୍ତର ତରଣୀକୁ ମୃତ ଘୋଷଣା କରିଥିଲେ । କୁନୁଙ୍କ ବଡ ବାପା ପୁଅ ଭାଇ ମନୋଜ ମୁଖିଙ୍କ ଅଭିଯୋଗକ୍ରମେ ପୁରୁଣାକଟକ ଥାନାରେ କୁନୁଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲା । ପୁଲିସର ଚାର୍ଜସିଟ ଓ ୧୮ ଜଣ ସାକ୍ଷୀଙ୍କ ବୟାନକୁ ବିଚାରକୁ ନେଇ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଖିଳ କୁମାର ପଶ୍ଚିମ କବାଟ ରାୟ ଶୁଣାଇଛନ୍ତି । ପ୍ରମାଣ ଅଭାବରୁ ସ୍ୱାମୀ ହତ୍ୟାର ଅଭିଯୁକ୍ତ କୁନୁ ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ ଲାଗି ଆଦେଶ ଦେଇଛନ୍ତି । ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଶୋକ ସାହୁ ମାମଲା ପରିଚାଳନା କରୁଥିଲେ ।

## ଜଳି ଯାଇଥିବା କାର୍‌ର ଇଞ୍ଜିନ ନେଇ ଯାଉଥିବା ୪ ଅଭିଯୁକ୍ତ ଗିରଫ

ମନମୁଣ୍ଡା,୧୬ ।୭ (ସମିସ): ଜଳି ଯାଇଥିବା ଏକ କାର୍‌ର ଇଞ୍ଜିନ ନେଇ ପଳାଇ ଯାଉଥିବା ୪ ଅଭିଯୁକ୍ତକୁ ମନମୁଣ୍ଡା ପୁଲିସ ଗିରଫ କରିଛି । ଗତ ୧୨ ତାରିଖରେ ବୌଦ୍ଧ ଦିଗରୁ ମନମୁଣ୍ଡା ଆଡ଼କୁ ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିଲା । ଖବର ପାଇ ବୌଦ୍ଧ ପୁଲିସ ଜହ୍ନାପଙ୍କରେ ଛକି ରହିଥିଲା । ଗଞ୍ଜେଇ ମାଫିଆ ଜାଣି ପାରି ମର୍ଯ୍ୟାଦାପୁର ଗ୍ରାମ ନିକଟରେ ଗଞ୍ଜେଇ ଅନ୍ୟ ଗାଡ଼ିକୁ ବଦଳାଇ ଦେଇଥିଲେ । ଏହାପରେ ଗାଡ଼ିକୁ ଜାଳି ଦେଇ ଫେରାର ହୋଇଯାଇଥିଲେ । ପରବର୍ତ୍ତୀ ସମୟରେ ଏକ କାର୍‌ରେ ଆସି କେତେଜଣ ଜଳି ଯାଇଥିବା କାରର ଇଞ୍ଜିନ ଖୋଲିନେଉଥିବା ପୁଲିସ ଖବର ପାଇଥିଲା । ଏହାପରେ ପୁଲିସ ପିଛାକରିସେମାନଙ୍କୁଧରିଥିଲା ।କାର୍‌ଓଇଞ୍ଜିନଜବତହୋଇଛି ।

## ଜରାଜୀର୍ଣ୍ଣ ଗ୍ରାମ୍ୟ ଉନ୍ନୟନ ରାସ୍ତା

# ଦୁଇ ବର୍ଷ ବି ଗଲାନି ପିଚୁ ରାସ୍ତା

ବଲାଙ୍ଗିର,୧୬ ।୭ (ସମିସ)

ରାଜ୍ୟ ସରକାର ଓ କେନ୍ଦ୍ର ସରକାର ରାସ୍ତା ନିର୍ମାଣ ନାମରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏହି ରାସ୍ତା ନିର୍ମାଣ କରୁଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଭିତରେ ଥିବା ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତାଗୁଡିକ କିଛି ବର୍ଷ ଭିତରେ ହିଁ ବ୍ୟବହାର କରିବା ସ୍ଥିତିରେ ରହୁ ନ ଥିବା ଦେଖିବାକୁ ମିଳିଛି । ଏହାଫଳରେ ପୁଣି ଥରେ ସେହି ରାସ୍ତା ନିର୍ମାଣ କରିବା ନାମରେ ଟଙ୍କା ଖର୍ଚ୍ଚ କରାଯାଉଛି । ଅଥଚ ନିମ୍ନମାନର କାମ କରିଥିବା ଠିକାଦାର ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଲୋଇସିଂହା ବ୍ଲକ ଅଞ୍ଚଳରେ ଏହିଭଳି ରାସ୍ତା ଦେଖିବାକୁ ମଳିଛି । ଲୋଇସିଂହା-ପଦମପୁର ରାସ୍ତାରୁ ବୁର୍ଡା-ବାଞ୍ଜିପାଲି ରାସ୍ତାକୁ ସଂଯୋଗ କରିଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା କେବଳ ଉଦାହରଣ ମାତ୍ର । ଏହି ରାସ୍ତାରେ ନୂତନ ଭାବେ ନିର୍ମାଣ ହୋଇଥିବା ଡାକ୍ତରଖାନା ରହିଛି; କିନ୍ତୁ ରାସ୍ତା ଦେଖିଲେ କୌଣସି ଗାଁ ନୁହଁ ବରଂ କୌଣସି ଏକ ଦୁର୍ଗମ ଅଞ୍ଚଳକୁ ରାସ୍ତା ରହିଥିବା ଭଳି ମନେ ହେଉଛି ।

ଲୋଇସିଂହା-ପଦମପୁର ରାଜ୍ୟ ରାଜପଥ ଓ ବୁର୍ଡା-ବାଞ୍ଜିପାଲି ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା କିଛି ବର୍ଷ ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ କୁ ହସ୍ତାନ୍ତର ହୋଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ରାସ୍ତା ଯିବା ପରେ ତାହା ମାଟି ରାସ୍ତାରୁ ପିଚୁ ରାସ୍ତାରେ ପରିଣତ ହୋଇଥିଲା । ଏହି ରାସ୍ତାରେ ଯଦି ଯିଏ ଜଣେ ଯିବ କିଭଳି ଓ କେଉଁ



ଜ୍ଞାନକୌଶଳ ଲଗାଇ ରାସ୍ତା ନିର୍ମାଣ ହୋଇଛି ତାହା ସହଜରେ ଅନୁମାନ କରିପାରିବ । ରାସ୍ତାରେ ଏକ ଅଂଶର ଦୁଇ ତିନୋଟି ସ୍ଥାନରେ ପାଇପ୍ ଲଗାଇବା କିମ୍ବା କଲଭର୍ଟ ନିର୍ମାଣ କରିବା ବଦଳରେ ରାସ୍ତାରେ ହିଁ ପାଣି ଯିବା ପାଇଁ ଡ୍ରେନ ଭଳି ନିର୍ମାଣ କରାଯାଇଛି । ଏହାଫଳରେ ଉକ୍ତ ସ୍ଥାନରେ ଚାରି ଚକିଆ କିମ୍ବା ଦୁଇ ଚକିଆ ଗାଡି ଗଲେ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହୋଇଛି । ସବୁଠାରୁ ଦୁର୍ଭାଗ୍ୟ ବିଷୟ ହେଉଛି ଏହି ରାସ୍ତା ନିର୍ମାଣ ପରେ ପରେ ହିଁ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଥିଲା ।

**ରକ୍ଷଣାବେକ୍ଷଣ ବ୍ୟବସ୍ଥା ଥାଇ ମଧ୍ୟ ମରାମତି ହେଉନି**

**ନିମ୍ନମାନର କାମ କରାଯାଇଥିବା ଅଭିଯୋଗ**

**ନୂତନ ରାସ୍ତା ପାଇଁ ଆହୁରି ଦୁଇ ବର୍ଷ ଅପେକ୍ଷା**

ରାସ୍ତା ଗୁଡିକ ଦବି ଯାଇ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ପିଚୁ ଉଠିଯାଇଛି । ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତା କାମ ପାଇଁ ଟେଣ୍ଡର କରାଯାଇଥିଲା । ପ୍ରାୟ ଦୁଇ କୋଟି ଟଙ୍କାରେ ବୁଦେଲବାହାଲିଠାରୁ ଲୋଇସିଂହା-ପଦମପୁର ରାସ୍ତା ଓ ଲୋଇସିଂହା-ପଦମପୁରଠାରୁ ବାଞ୍ଜିପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଏହି ଟେଣ୍ଡର ପ୍ରଦାନ କରାଯାଇଥିଲା । ୨୦୨୨ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ରାସ୍ତା ସଂପୂର୍ଣ୍ଣ ହେବା କଥା; କିନ୍ତୁ ତାହା ୨୦୨୩ ଜାନୁୟାରୀ ୩୧ ତାରିଖରେ ସଂପୂର୍ଣ୍ଣ ହୋଇଥିଲା; ଯାହାର କିଛି ମାସ ପରେ ପରେ ହିଁ ଏହି ରାସ୍ତା ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଟେଣ୍ଡର ସମୟରେ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୧୩ ଲକ୍ଷ ଟଙ୍କା ସଂରକ୍ଷିତ ରଖାଯାଇଥିବା ବେଳେ ରାସ୍ତାର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ଲୋଇସିଂହା-ପଦମପୁରଠାରୁ ବାଞ୍ଜିପାଲି ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ଅଂଶ ଏବେ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ନିମ୍ନମାନର କାମ ଯୋଗୁଁ ସେହି ସମୟରେ ମଧ୍ୟ ରାସ୍ତାକାମକୁ ନେଇ ଲୋକେ ପ୍ରଶ୍ନ ଉଠାଇଥିବା ବେଳେ ଲୋକଙ୍କ ସ୍ୱରକୁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଇ ନ ଥିଲେ । ଏହାର ଫଳ ଆଜି ଲୋକେ ଭୋଗୁଥିବା ଅଭିଯୋଗ କରିଛନ୍ତି ।

ଏହି ରାସ୍ତା ମାଟି ରାସ୍ତା ସମୟରେ ଯେତେ ଲୋକ ନିର୍ଭର କରୁଥିଲେ ବର୍ତ୍ତମାନ ସମୟରେ ସେହି ରାସ୍ତାରେ ଆସିବାକୁ ଲୋକେ ଇଚ୍ଛା ମଧ୍ୟ ପ୍ରକାଶ କରୁନାହାନ୍ତି । ଏପରିକି ଆହୁରି ଦୁଇ ବର୍ଷ ପର୍ଯ୍ୟନ୍ତ ଏହି ରାସ୍ତା ନୂତନ ଭାବେ ନିର୍ମାଣ କରାଯିବାର ମଧ୍ୟ କୌଣସି ପ୍ରାବଧାନ ନାହିଁ । ଏହି ରାସ୍ତା ଏବେ ବି ରକ୍ଷଣାବେକ୍ଷଣ ଅବଧିରେ ରହିଛି । ଯଦି ରକ୍ଷଣାବେକ୍ଷଣ ଅବଧିରେ ରହିଛି ତେବେ କାହିଁକି ରାସ୍ତା ମରାମତି କରାଯାଉନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେହି ରାସ୍ତାରେ କ୍ରସର ଗାଡି ଓ ନୂତନ ଡାକ୍ତରଖାନା ନିର୍ମାଣ ସମୟରେ ବଡ ବଡ ଗାଡି ଯାତାୟାତ କରିବାକୁ ରାସ୍ତା ନଷ୍ଟ ହୋଇଯାଇଥିବା କହିଛନ୍ତି । ତେବେ କାରଣ ଯାହା ହେଉନା କାହିଁକି ଏହି ସମସ୍ୟା ଲୋକଙ୍କୁ ଭୋଗିବାକୁ ପଡିଛି ।

# ବାଜିଲା ଶଙ୍ଖ ଘଣ୍ଟ, ଗଡ଼ିଲା ରଥ

ସମ୍ବଲପୁର, ୧୬।୭ (ସମିସ)

ସମ୍ବଲପୁର ମହାନଗର ନିଗମର ଅବହେଳା ଓ ଉଦାସୀନତା ଚରମ ସ୍ଥିତିରେ ପହଞ୍ଚିଛି। ସମ୍ବଲପୁରର ବଡ଼ସଡ଼କରେ ଲୋକଗୀତ କ୍ରମାନ୍ୱୟରେ ରଥ ଗୁଡ଼ିକ ରଥଯାତ୍ରାରେ ଗଡୁଥିବାବେଳେ ଏହି ରାସ୍ତାରେ ବଡ଼ବଡ଼ ଗର୍ତ୍ତ ଓ ମାଟି ଦବି ଯାଇଥିବାରୁ ରଥ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଯାଇ ନ ପାରି ହାଟପଡ଼ା ପର୍ଯ୍ୟନ୍ତ ଯାଇ ଫେରିଛି। ବହୁ ପୁରାତନକାଳରୁ ରଥ ଗୁଡ଼ିକ ବିନାଖଣ୍ଡିସ୍ଥିତ ମାଉସୀ ମା' ମନ୍ଦିରକୁ ଯାଉଥିଲା। ତେବେ, ଧୁଚୁରାପଡ଼ା ଛକ-କଚେରି ଛକ ଫ୍ଲାଏଓଭର ନିର୍ମାଣ ପରେ ରଥ ଗୁଡ଼ିକ ମ୍ୟୁନିସିପାଲିଟି ଛକପର୍ଯ୍ୟନ୍ତ ଟଣାଯାଇଥାଏ।

ରଥଯାତ୍ରା ଦିନ ରଥଗୁଡ଼ିକ ମ୍ୟୁନିସିପାଲିଟି ଛକରେ ରହି ଭୋଗଆଳତୀ କରାଯାଇଥାଏ। ପରଦିନ ପୁଣି କ୍ରମାନ୍ୱୟରେ ରଥ ଗୁଡ଼ିକ ଟଣାଯାଇ ସ୍ୱମନ୍ଦିର ନିକଟସ୍ଥ ମାଉସୀ ମା' ମନ୍ଦିରକୁ ପ୍ରବେଶ କରିଥାନ୍ତି। ତେବେ, ଆଜି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ଏବଂ ରାସ୍ତା ଦବି ଯାଇଥିବାରୁ ରଥ ଗୁଡ଼ିକ ହାଟପଡ଼ାଠାରୁ ଆଗକୁ ଯାଇ ପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ଶୀତଳଷଷ୍ଠୀ ପୂର୍ବରୁ ମହାନଗର ନିଗମ ପକ୍ଷରୁ ଏହି ରାସ୍ତା ପିଚୁ କରାଯାଇଥିଲା। ତେବେ, ନିମ୍ନମାନର କାମ ଓ ପ୍ରଶାସନିକ ଉଦାସୀନତା ଯୋଗୁଁ ରଥଯାତ୍ରା ପରମ୍ପରା ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାନଗର ନିଗମ ଯୋଗୁଁ ଚଳିତବର୍ଷ ସମ୍ବଲପୁରର ରଥଯାତ୍ରା ପରମ୍ପରା ବାଧାପ୍ରାପ୍ତ ହୋଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସମ୍ବଲପୁରରେ ଦିନତମାମ ବର୍ଷା ସତ୍ତ୍ୱେ ଅପରାହ୍ଣରେ ରଥଟଣା ଆରମ୍ଭ ହୋଇଥିଲା। ସମ୍ବଲପୁରର ସର୍ବପୁରାତନ ବ୍ରହ୍ମପୁରା ମହାପ୍ରଭୁଙ୍କ ଗତ ୧୪ ତାରିଖ ନବଯୌବନ ଦର୍ଶନ ଓ ରଥରେ ଧ୍ୱଜାବନ୍ଧା ନୀତି ପରେ ଗତକାଲି ରଥ ଆଜ୍ଞାମାଳ ବିଜେ ନୀତି ହୋଇଥିଲା। ଆଜି ବ୍ରହ୍ମପୁରା ମହାପ୍ରଭୁଙ୍କ ପ୍ରାତଃ ୪ଟାରେ ମଙ୍ଗଳଆଳତୀ, ୬ଟାରେ ନୀତି ଆଳତୀ, ୮ଟାରେ ସେନାପଟା ଲାଗି, ପ୍ରାୟ ୧୨ଟାରେ ପହଣ୍ଡି ବିଜେ ଏବଂ ଛେରାପହରା ନୀତି ହୋଇଥିଲା। ବ୍ରହ୍ମପୁରା ଠାକୁରଙ୍କ ରଥରେ ପହଣ୍ଡି ହେବା ପରେ ଦଧିବାମନ, ହୁତାପଡ଼ା, ବରିହା, ସତ୍ୟବାଦୀ, ମଦନମୋହନ, ଲିଆଖାଇ, ଟିମିନିଗୁଡ଼ି ଆଦି ରଥରେ ପହଣ୍ଡି ହୋଇଥିଲା। ଏହାପରେ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ପରମ୍ପରା 'ରଥ୍ ଛୁଆଁନି' କରାଯାଇଥିଲା। ଶିଶୁର ଅନ୍ନପ୍ରାଶନ୍ନ ପରେ ଶିଶୁକୁ ରଥାରଢ଼ ଠାକୁରଙ୍କୁ ସ୍ୱର୍ଶ କରାଇଦିଆଯାଏ। ଅପରାହ୍ଣ ପ୍ରାୟ ୪ଟା ସମୟରେ ବ୍ରହ୍ମପୁରା ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହୋଇଥିଲା। ଲୋକଗୀତ ଅନୁଯାୟୀ କ୍ରମାନୁସାରେ ପରମ୍ପରା ଓ ବରିଷ୍ଠତା ଭିତ୍ତିରେ ରଥଗୁଡ଼ିକ ଟଣାଯାଇଥିଲା। ଆସନ୍ତାକାଲି ପୁଣି ରଥ ଟଣାଯାଇ ପ୍ରଭୁ ଶ୍ରୀ ଜଗନ୍ନାଥ ମାଉସୀମା' ମନ୍ଦିରକୁ ବିଜେ କରିବେ।





- ଭାଙ୍ଗିଲା ସମ୍ବଲପୁରର ରଥଯାତ୍ରା ପରମ୍ପରା
- ଯାଇପାରିଲାନି ମ୍ୟୁନିସିପାଲିଟି ଛକ
- ହାଟପଡ଼ାରୁ ଫେରିଲେ ମହାପ୍ରଭୁ
- ବଡ଼ସଡ଼କ ବଡ଼ଦାଣ୍ଡରେ ଗର୍ତ୍ତ
- ମହାନଗର ନିଗମର ଅବହେଳା, ତୀବ୍ର ପ୍ରତିକ୍ରିୟା

### ସମ୍ବଲପୁରର ଅନନ୍ୟ ଲୋକଗୀତ

ସହରର ପୁରାତନ ମନ୍ଦିରରେ ହେଉଥିବା ରଥଯାତ୍ରା ପାଇଁ ପଥ ସକାଶେ ସ୍ୱତନ୍ତ୍ର କ୍ରମ ରହିଛି। ଏହି ଲୋକଗୀତକୁ ଏବେ ମଧ୍ୟ ଅନୁସରଣ କରାଯାଉଛି।

ବରହମ୍ପୁରା ନାକେ ଚନ୍ଦନ, ତା ପଛକୁ ଦଧିବାମନ।
ଦଧିବାମନ ଖାଇଲେ ପେଡ଼ା, ତା ପଛକୁ ହୋତାପଡ଼ା।
ହୋତାପଡ଼ା ଚକଗରଜି, ତା ପଛକୁ ସତ୍ୟବାଦୀ।
ସତ୍ୟବାଦୀ ହେଲେ ମଉନ, ତା ପଛକୁ ମଦନମୋହନ।
ମଦନମୋହନ ହେଲେ ବାଇ, ତା ପଛକୁ ଲିଆଖାଇ।
ଲିଆଖାଇ ଖାଇଲେ ଲିଆ, ତା ପଛକୁ ବୁଢ଼ା ବାରିହା।
ବାରିହା ବୁଢ଼ା ଖାଇଲେ ମୁଢ଼ି, ତା ପଛକୁ ଟିମିନି ଗୁଡ଼ି।
କୁଠା ମାହାପୁରୁର୍ ଏଡ଼େ ଗଣ୍ଡି, ସେ ନାଇଁ ଯାଏ ବିନାଖଣ୍ଡି।

### ସମ୍ବଲପୁରରେ ୨୫ ମନ୍ଦିରରୁ ଗଡ଼ିଲା ରଥ

ସମ୍ବଲପୁର ସହରର ୨୭ଟି ମନ୍ଦିରରେ ଶ୍ରୀ ଜଗନ୍ନାଥ ପୂଜା ପାଉଛନ୍ତି। ତନ୍ମଧ୍ୟରୁ ୨୫ଟି ସ୍ଥାନରେ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ରଥଯାତ୍ରା ହେଉଥିବାବେଳେ ବାକି ଦୁଇଟି ମନ୍ଦିର ବାଲିବନ୍ଧାର କୁଠା ଜଗନ୍ନାଥ ଓ ରଘୁନାଥ ଜୀଉରେ ରଥ ଟଣାଯାଇ ନ ଥାଏ। ତେବେ, ସେଠାରେ ରଥଯାତ୍ରାର ସମସ୍ତ ନୀତିକାନ୍ତି ପାଳନ କରାଯାଇଥାଏ। ପଶ୍ଚିମ ଓଡ଼ିଶାର ପରଂପରା ଅନୁଯାୟୀ ତିନି ଠାକୁର ଗୋଟିଏ ରଥରେ ବିରାଜମାନ ହୋଇଥାନ୍ତି। ଆଉ କେତେକ ସ୍ଥାନରେ କେବଳ ଭାବଗ୍ରାହୀ ଜଗନ୍ନାଥ ରଥରେ ରହିଥାନ୍ତି। ଏହାବ୍ୟତୀତ ସମ୍ବଲପୁରରେ ଶିଶୁମାନେ ଟାଣୁଥିବା କୁନି ରଥ ସମଗ୍ର ସହରକୁ ଜଗନ୍ନାଥମୟ କରିଦେଇଥାଏ। ପ୍ରଚଳିତ ଲୋକଗୀତ ଅନୁସାରେ ଝାଡୁଆପଡ଼ାର ବ୍ରହ୍ମପୁରା ମହାପ୍ରଭୁଙ୍କ ପହଣ୍ଡି ପରେ ଅନ୍ୟ ମନ୍ଦିରର ଜଗନ୍ନାଥଙ୍କ ପହଣ୍ଡି ବିଧି ହୋଇଥାଏ। ସମ୍ପ୍ରତି ଝାଡୁଆପଡ଼ାର ବ୍ରହ୍ମପୁରା, ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭଟ୍ରାର ରାମଜୀ ମଠ, ଧନୁପାଲିର ଗୋପାଳଜୀ, କମଲିବଜାରରେ ଗୋପାଳଜୀମଠର ଜଗନ୍ନାଥ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଛି।

## ଭକ୍ତ ଓ ଭଗବାନ ମଧ୍ୟରେ ଅପୂର୍ବ ମିଳନ

ରେଢ଼ାଖୋଲ, ୧୬।୭(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ସାରା ଓଡ଼ିଶାରେ ପ୍ରସିଦ୍ଧ ଲାଭ କରିଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ରୀତିନୀତି ଅନୁଯାୟୀ ବିଦ୍ଧିବିଦ୍ଧ ଭାବରେ ପୂଜାର୍ଚ୍ଚନା କରି ରେଢ଼ାଖୋଲ ରାଜବଂଶର ରାଜା ପୃଥିବୀ ରାଜଚନ୍ଦ୍ର ଦେଓ ଜେନାମଣିଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା। ବ୍ରହ୍ମ ସମାଜପକ୍ଷରୁ ସେବାୟତ ମାନଙ୍କ ଦ୍ୱାରା ପହଣ୍ଡି ଯାତ୍ରା ଅନୁଷ୍ଠିତ କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥରେ ବିରାଜମାନ କରିଥିଲେ। ଆଜି ରଥଟଣା ହୋଇ ମହାପ୍ରଭୁଙ୍କ ଅଧା ବାଟରେ ବାଟ ରହଣି କରାଯାଇଛି। ଏହି ରଥଯାତ୍ରାରେ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ଦ୍ୱାରା ଚାରୁ ଅର୍ଣ୍ଣ ବଣ୍ଟନ, ଜଗନ୍ନାଥ ସେବା ଦଳ ପକ୍ଷରୁ ପ୍ରସାଦ ବଣ୍ଟନ, ଅବସର ପ୍ରାପ୍ତ କର୍ମଚାରୀ ସଂଘ ଜଳ ବଣ୍ଟନ, ଭୀମଭୋଇ କଲେଜ ରେଡକ୍ରସ ପକ୍ଷରୁ ଜଳ ବଣ୍ଟନ, ଡ୍ରାଇଭର ସଂଘ ପକ୍ଷରୁ ଚାରୁ ଅର୍ଣ୍ଣ ଓ ବିଶୁଦ୍ଧ ଜଳ ବଣ୍ଟନ ସମେତ ବିଭିନ୍ନ ଅନୁଷ୍ଠାନ ମାନଙ୍କ ପକ୍ଷରୁ ଭକ୍ତ ମାନଙ୍କ ପାଇଁ ଖାଦ୍ୟ ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ରେଢ଼ାଖୋଲ ଜଗନ୍ନାଥଙ୍କ ରଥଯାତ୍ରା ଦର୍ଶନ କରିବା ପାଇଁ ଓଡ଼ିଶା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ରେଢ଼ାଖୋଲ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମୀ ରଞ୍ଜନ ମହନ୍ତ, ଭାରପ୍ରାପ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଗୋବିନ୍ଦ ଅଗ୍ରୱାଲ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଅରୁଣ କୁମାର ପ୍ରଧାନ, ରାଜେଶ ସାହୁ, ଏସଡିପିଓ ରଜନୀକାନ୍ତ ମିଶ୍ର, ଥାନା ଅଧିକାରୀ ସନୟ କୁମାର ନାଏକ, ବ୍ରହ୍ମ ସମାଜ ସଭାପତି ହରି ଶଙ୍କର ହୋତା, ସମ୍ପାଦକ ପ୍ରଶାନ୍ତ ରଥ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଚାଉଁରପୁର ବ୍ରିଜ୍‌ରୁ ଡେଇଁ ନିଖୋଜ ଘଟଣା

## ୪ ଦିନ ପରେ ମହାନଦୀରୁ ମିଳିଲା ମୃତଦେହ

ସମ୍ବଲପୁର, ୧୬।୭(ସମିସ): ଚାଉଁରପୁର ବ୍ରିଜ୍‌ରୁ ନିଖୋଜ ନାବାଳିକାଙ୍କ ମୃତଦେହ ଆଜି ଉଦ୍ଧାର ହୋଇଛି। ମାୟାବଗିଚାର ନାବାଳିକା ଗତ ଶନିବାର ରାତି ସାଢେ ୯ଟା ସମୟରେ ମହାନଦୀକୁ ଡେଇଁ ଦେଇଥିଲେ। ସାଙ୍ଗରେ ପୁରୁଷବନ୍ଧୁଙ୍କ ଉପସ୍ଥିତିରେ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଘଟଣାରେ ଉକ୍ତ ନାବାଳକ ପୁରୁଷ ବନ୍ଧୁଙ୍କୁ ଟାଉନ ଥାନା ପୁଲିସ ଜୁଭିନାଲ ଜଷ୍ଟିସ୍‌ବୋର୍ଡକୁ ପଠାଇ ଦେଇଛି। ଆଜି ଅପରାହ୍ନ ୨ଟାରୁ ୩ ଟା ସମୟ ଭିତରେ ଚାଉଁରପୁର ବ୍ରିଜରୁ ୨୦ରୁ ୨୫ କିଲୋମିଟର ଦୂର ଧମା ଗୋଲାବନ୍ଧର ତଳି ଅଞ୍ଚଳରୁ ନାବାଳିକଙ୍କୁ ଉଦ୍ଧାର କରିଥିଲା। ସୂଚନା ଅନୁସାରେ ଗତ ଶନିବାର ଦିନ ଏହି ଘଟଣା ଘଟିବା ପରେ ରାତିରେ ଅଗ୍ନିଶମ ବାହିନୀ ଖୋଜାଖୋଜି ଜାରି ରଖିଥିଲା। ତା ପରଦିନ ମଧ୍ୟ ଖୋଜାଖୋଜି କରିଥିଲା। ଜିଲ୍ଲା ପୁଲିସ ପକ୍ଷରୁ ଡ୍ରୋନର ସହାୟତା ନେଇ ସର୍ଚ୍ଚ ଅପରେସନ ଜାରି ରହିଥିଲା। ପ୍ରତିଦିନ ଖୋଜିଥିଲେ ମଧ୍ୟ ନାବାଳିକାଙ୍କ ସୂଚନା ମିଳିପାରିନଥିଲା। ଆଜି ଗୋଲାବନ୍ଧ ତଳି ଅଞ୍ଚଳରେ ମହାନଦୀ ପାଣିରେ ଏକ ଶବ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ତୁରନ୍ତ ପୁଲିସ ଓ ଅଗ୍ନିଶମ ବାହିନୀ ଖବର ପାଇ ପହଞ୍ଚିଥିଲେ। ପରେ ନାବାଳିକଙ୍କ ମୃତ ଦେହ ଉଦ୍ଧାର କରାଯାଇଥିବା ଅଗ୍ନିଶମ ଅଧିକାରୀ ସୁଦାମ କିସକୋ ସୂଚନା ଦେଇଛନ୍ତି। ନାବାଳିକାଙ୍କୁ ଖୋଜିବା ପାଇଁ ସମସ୍ତ ଟିମ୍, ଓଡ୍ରାଫ ଟିମର ମଧ୍ୟ ସହାୟତା ନିଆଯାଇଥିଲା। କିନ୍ତୁ ମହାନଦୀ ଗେଟ ଖୋଲାଥିବାରୁ ପାଣିର ବେଗ ଅଧିକ ରହିଥିଲା। ଯାହା ଫଳରେ ପୂର୍ବରୁ ମିଳିବା ସମ୍ଭବପର ହୋଇନଥିଲା ବୋଲି ଶ୍ରୀ କିସକୋ କହିଛନ୍ତି।

## ଚାକିରି ଆଶାରେ ଯାଇ ଯୁବକ ମୃତ

ସମ୍ବଲପୁର, ୧୬।୭(ସମିସ): ଜୀବନର ସଂଘର୍ଷ ଜିତିବା ପାଇଁ ଆଖିରେ ଅନେକ ସ୍ୱପ୍ନ ସାଉଁଟିଥିଲେ ଯୁବକ ସଂଗ୍ରାମ ଗୌଡ଼। ପରିବାରର ବୋଝ ମୁଣ୍ଡେଇବାକୁ ଆଶାରଖି ଘରୁ ଗୋଡ଼ କାଢ଼ିଥିଲେ। ହେଲେ ସେ ଜାଣିନଥିଲେ ଯେ ମୃତ୍ୟୁ ତାଙ୍କୁ ଖୁବ୍ ନିକଟରୁ ଅପେକ୍ଷା କରିଛି। ରାୟଗଡ଼ା ଜିଲ୍ଲା ଗୁଣୁପୁରର ୩୧ ବର୍ଷୀୟ ସଂଗ୍ରାମ ବୁଧବାର ରେଙ୍ଗାଲି ସ୍ଥିତ ଶ୍ୟାମ ମେଟାଲିକ୍ସ କମ୍ପାନିକୁ ଇଣ୍ଟରଭ୍ୟୁ ଦେବାକୁ ଆସିଥିଲେ। କିନ୍ତୁ କ୍ୟାରିୟର ଗଢ଼ିବା ପୂର୍ବରୁ ହିଁ କମ୍ପାନି ପରିସରରେ ସେ ହଠାତ୍ ଅଚେତ ହୋଇ ଢଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେତେବେଳକୁ ସବୁ ଶେଷ ହୋଇଯାଇଥିଲା। ସମ୍ଭାବ୍ୟ ହୃଦ୍‌ଘାତ ଯୋଗୁଁ ତାଙ୍କର ଏଭଳି ଅକାଳ ବିୟୋଗ ଘଟିଥିବା ଅନୁମାନ କରାଯାଉଛି।

## ହୀରାକୁଦ ଜଳସ୍ତର ୬୦୯.୭୩ ଫୁଟ୍

ସମ୍ବଲପୁର, ୧୬।୭ (ସମିସ) : ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯.୭୩ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୭, ୦୦୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୦, ୨୦୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୨୭୦୯୦ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୮୬୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୧୬, ୧୫୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଖଇରମାଲଠାରେ ୩୪, ୮୦୦ କ୍ୟୁସେକ୍, ବାରମୁଲଠାରେ ୬୭, ୬୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୮୦, ୮୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୩.୪୮ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୪୯.୧୨ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ପୂର୍ବାହ୍ଣ ୧୧ଟାରେ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ପ୍ରଥମ ଦିନ ମୋଟ ୧୦ଟି ଖୋଲା ଯାଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ୮ଟି ଗେଟ୍ ବନ୍ଦ କରାଯାଇଥିଲା। ଏହାପରେ ପୁଣି ୧୩ ତାରିଖ ସକାଳ ୯ଟା ସମୟରେ ଗୋଟିଏ ଏବଂ ୧୪ ତାରିଖ ସନ୍ଧ୍ୟାରେ ଆଉ ଗୋଟିଏ ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ହୀରାକୁଦ ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି।

## ତାଲିମପ୍ରାପ୍ତ ଏସ୍‌ଏଚ୍‌ଜି ମହିଳାଙ୍କୁ ହେଲମେଟ୍ ପ୍ରଦାନ

ସମ୍ବଲପୁର, ୧୬।୭ (ସମିସ) : ସ୍ଥାନୀୟ ହୋପ୍‌ସ୍କୋପ୍ ଡ୍ରାଇଭିଂ ସ୍କୁଲଠାରେ ଜିଲ୍ଲା ପରିବହନ ବିଭାଗ ଓ ହିଣ୍ଡାଲକୋ ପକ୍ଷରୁ ତାଲିମପ୍ରାପ୍ତ ଏସ୍‌ଏଚଜି ମହିଳାଙ୍କୁ ହେଲମେଟ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡ୍ଡୁ, ହିଣ୍ଡାଲକୋ ଏଫ୍‌ଆର୍‌ପି ମାନବସମ୍ବଳ ମୁଖ୍ୟ ଶିବଶଙ୍କର ମିଶ୍ର, କର୍ପୋରେଟ ବ୍ୟାପାର ମୁଖ୍ୟ ବିଜ୍ଞେଶ୍ୱର ପଣ୍ଡା ଓ ଏଫ୍‌ଆରପି ଇଆର୍ ମୁଖ୍ୟ ସମୀର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୦୦ଜଣ ତାଲିମପ୍ରାପ୍ତ ଏସ୍‌ଏଚଜି ମହିଳାଙ୍କୁ ମାନପତ୍ର ସହ ହେଲମେଟ୍ ପ୍ରଦାନ କରାଯାଇଥିଲା। ଏହାପରେ ସଚେତନତାଧର୍ମୀ ନାଟକ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସୂଚନାଯୋଗ୍ୟ ଯେ, ହୋପ୍‌ସ୍କୋପ୍ ଡାଇଭିଂ ସ୍କୁଲ ପକ୍ଷରୁ ଏସ୍‌ଏଚଜି ମହିଳାମାନଙ୍କୁ ନିଶୁଳ୍କ ସ୍କୁଟି ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ୫ ମାର୍ଚ୍ଚରୁ ଆରମ୍ଭ ହୋଇ ୩୦ ଏପ୍ରିଲରେ ଶେଷ ହୋଇଥିଲା। ହୋପ୍‌ସ୍କୋପ୍‌ର ସ୍ୱାଗତିକା ସ୍ୱାଇଁ ସ୍ୱାଗତଭାଷଣ ଏବଂ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଚ୍ଚନା ବେହେରା, ମନୋରଞ୍ଜନ ବେହେରା, ବିଶ୍ୱରଞ୍ଜନ ବେହେରା, ମନୋଲିସା ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଡିଏଭିରେ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଉତ୍ସବ




ସମ୍ବଲପୁର, ୧୬।୭ (ସମିସ): ବୁର୍ଲା ସ୍ଥିତ ଶିକ୍ଷାନୁଷ୍ଠାନ ଡିଏଭିରେ ନବଗଠିତ ଛାତ୍ର କ୍ୟାବିନେଟର ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ସିଏଲ ବୁର୍ଲା ଜନମଙ୍ଗଳ ବିଭାଗର ଜେନେରାଲ ମ୍ୟାନେଜର ତଥା ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଜଗବନ୍ଧୁ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ସମାଜରେ ଯୁବଶକ୍ତିର ଭୂମିକା ବିଷୟରେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ। ଅଭିଜିତ ଦଣ୍ଡପାଟ ଓ ମଣିକାର୍ଣ୍ଣିକା ସ୍ୱାଇଁ ଭାଇସ କ୍ୟାପଟେନ ରୂପେ ଦାୟିତ୍ୱ ଗ୍ରହଣ କରିଥିବା ସ୍ଥଳେ ବ୍ରହ୍ମପୁତ୍ର ହାଉସ ତରଫରୁ ପ୍ରଣୟ ଭୋଇ, କାମ୍ୟା ଅଜାଦିବାଳ, ଗୋଦାବରୀଶ ହାଉସ ତରଫରୁ ସୋମନାଥ ନାୟକ, ସ୍ୱର୍ଣ୍ଣା ଗଡ଼ତ୍ୟା, ଋଷିକୁଲ୍ୟା ହାଉସ ତରଫରୁ ଅନୁରାଗ ପୁରୋହିତ, ରୋଜାଲିନ ମହାପାତ୍ର, ଯମୁନା ହାଉସ ତରଫରୁ ପ୍ରଭୁ କଲ୍ୟାଣ, ସାଇ ସ୍ମୃତି ମହାପାତ୍ର କ୍ୟାପଟେନ ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ସମସ୍ତ କ୍ୟାବିନେଟର ସଦସ୍ୟ ମାନଙ୍କୁ କ୍ୟାପଟେନ ପ୍ରଜ୍ଞାରୂପା ବହିଦାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର, ପବିତ୍ରମୋହନ ଶତପଥୀ, ରାଜଶ୍ରୀ ସାହାଣୀ, ଶ୍ରୀହର୍ଷ ପତି, ଅଭୟ କୁମାର ମିଶ୍ର, ବିନ୍ଦୁ ନାୟର ପ୍ରମୁଖ ସହାୟତା କରିଥିଲେ। ଶିକ୍ଷକ ଶ୍ରୀହର୍ଷ କୁମାର ପତି ପରିଚାଳନା କରିଥିବାବେଳେ ବରିଷ୍ଠଶିକ୍ଷକ ସୌଭାଗ୍ୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଦୁଇ ଘଣ୍ଟା ବର୍ଷାରେ ଭିଜିଲେ ଭତ୍ତା ହିତାଧିକାରୀ



ସମ୍ବଲପୁର, ୧୬।୭(ସମିସ): ଆଜି ସକାଳ ପ୍ରାୟ ୯ଟା ସମୟରେ ପ୍ରବଳ ବର୍ଷା ମଧ୍ୟରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ ୨୨, ମୁଦିପଡ଼ା ପ୍ରାଥମିକ ବିଦ୍ୟାଳୟରେ ଭାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ମହାନଗର ନିଗମ ପକ୍ଷରୁ ଡିଇଓ ଓ ବିଇଓଙ୍କ ଅନୁମତି ସହ ବିଦ୍ୟାଳୟର ଏକକକ୍ଷ ବ୍ୟବହାର କରିବାକୁ ଲିଖିତ ଅନୁମତି ନିଆଯାଇଥିଲା। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଯେ, ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରାୟ ଦୁଇଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟର ମୁଖ୍ୟ ଫାଟକ ଖୋଲି ନ ଥିଲେ କିମ୍ବା ଫାଟକ ଖୋଲିବା ପାଇଁ କୌଣସି କର୍ମଚାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇ ନ ଥିଲେ। ଫଳରେ ୬୦ ବର୍ଷରୁ ଅଧିକ ବୟସ୍କ ପୁରୁଷ, ମହିଳା ଓ ଦିବ୍ୟାଙ୍ଗ ଭତ୍ତାଭୋଗୀମାନେ ପ୍ରବଳ ବର୍ଷାରେ ଦୀର୍ଘ ସମୟ ଧରି ଭିଜି ଛିଡ଼ା ହୋଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଏହି ଘଟଣା ବୃଦ୍ଧ, ଦିବ୍ୟାଙ୍ଗ ଓ ଅସହାୟ ଲୋକଙ୍କ ପ୍ରତି ଚରମ ଅବହେଳାର ପରିଚୟ ବହନ କରୁଛି। ଜନସାଧାରଣଙ୍କ ସୁବିଧା ପାଇଁ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଏଭଳି ଅବ୍ୟବସ୍ଥା କେବେ ମଧ୍ୟ ଗ୍ରହଣୀୟ ନୁହେଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏହି ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରାଯାଇ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ସହ ଏଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ଭତ୍ତା ପାଇଁ ଆସିଥିବା ତ୍ରିନାଥ ରାଉତ ଅଭିଯୋଗ କରିଛନ୍ତି।

## ଆଜି ପ୍ରତିଷ୍ଠା ଦିବସ: ସମସ୍ୟା ଘେରରେ ସରକାରୀ ମହିଳା ମହାବିଦ୍ୟାଳୟ

ସମ୍ବଲପୁର, ୧୬।୭ (ସମିସ) : ୬୮ ବର୍ଷ ପୂର୍ବେ ୧୯୫୯ ମସିହା ଜୁଲାଇ ୧୭ ତାରିଖରେ ଜୀବନ୍ୟାସ ପାଇଥିବା ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଆଜି ସମଗ୍ର ଓଡ଼ିଶାରେ ମହିଳା ସଶକ୍ତିକରଣର ଏକ ମାଧ୍ୟମ ଭାବେ ପ୍ରତିଷ୍ଠା ଲାଭ କରିପାରିଛି। ଟ୍ରଷ୍ଟଫଣ୍ଡର ଆର୍ଥିକ ସହାୟତା ପାଇ ମାତ୍ର ୧୩ ଜଣ ଛାତ୍ରୀ ଏବଂ ୫ ଜଣ ଅଧ୍ୟାପିକାଙ୍କୁ ନେଇ ସମ୍ବଲପୁର ଟାଉନ୍‌ହଲରେ ଆରମ୍ଭ ହୋଇଥିଲା ସମ୍ବଲପୁର ମହିଳା ମହାବିଦ୍ୟାଳୟ। ଆଜି ୧୮ଟି ସ୍ନାତକୋତ୍ତର, ୧୯ଟି ସ୍ନାତକ ସମ୍ମାନ ବିଷୟ, ପ୍ରାୟ ଚାରିହଜାର ଛାତ୍ରୀ ଓ ଶତାଧିକ କର୍ମଚାରୀଙ୍କୁ ନେଇ ଏହି ଅନୁଷ୍ଠାନ ଓଡ଼ିଶାର ଯେ କୌଣସି ନାମୀ ଉଚ୍ଚଶିକ୍ଷା ଅନୁଷ୍ଠାନର ସମକକ୍ଷ ହୋଇପାରିଛି। ଏହି ଅନୁଷ୍ଠାନର ଜନ୍ମପଛରେ ବ୍ରଜମୋହନ ପଣ୍ଡା, ସୈରେନ୍ଦ୍ରୀ ନାୟକ, ତତ୍କାଳୀନ ଜିଲ୍ଲାପାଳ ଚନ୍ଦ୍ରଶେଖରନ୍, ବୋଧିରାମ ଦୁବେ, ଭରତଚନ୍ଦ୍ର ନାୟକ, ଡ.ପର୍ଶୁରାମ ମିଶ୍ର, ଶିକ୍ଷାବିତ୍ ପ୍ରାଣକୃଷ୍ଣ ପରିଜା ତଥା ଟ୍ରଷ୍ଟଫଣ୍ଡର ସଭ୍ୟ ତଥା ଅନେକ ଶିକ୍ଷାବିତ୍ ଓ ଜନନେତାଙ୍କ ଭୂମିକା ଅଗ୍ରଗଣ୍ୟ। ସମ୍ବଲପୁରର ତତ୍କାଳୀନ ମହିଳା ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରୁଥିବା ସମାଜସେବୀଙ୍କ ପ୍ରୟାସ ଆଜି ଫଳବତୀ ହୋଇପାରିଛି। ଏହି ଅନୁଷ୍ଠାନର ଛାତ୍ରୀମାନେ ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି। ରାଜନୀତି କ୍ଷେତ୍ରରେ ପ୍ରବେଶ କରି ମନ୍ତ୍ରୀ, ସାଂସଦ, ବିଧାୟକ ଭାବରେ ଦେଶସେବା କରୁଥିବାବେଳେ ଶିକ୍ଷାକ୍ଷେତ୍ର, ସର୍ବଭାରତୀୟ ତଥା ରାଜ୍ୟସ୍ତରୀୟ ପ୍ରଶାସନିକ ସେବା, କଳା, ସାହିତ୍ୟ ଓ ସଂସ୍କୃତି, ସମ୍ବଲପୁରୀ ନୃତ୍ୟ, କ୍ରୀଡ଼ା ପ୍ରତିଯୋଗିତା, ଏନ୍‌ସିସି ଆଦି ବିଭିନ୍ନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ପ୍ରାଦେଶିକ ଓ ଜାତୀୟସ୍ତରରେ ନିଜ ନିପୁଣତା ପ୍ରଦର୍ଶନ କରି ପୁରସ୍କୃତ ଓ ପ୍ରଶଂସିତ ହୋଇଛନ୍ତି। କଲେଜ ସମ୍ମୁଖ ରାସ୍ତାର ଅପରପାର୍ଶ୍ୱରେ ଦୁଇଟି ଛାତ୍ରୀନିବାସ ଅଛି, ଯେଉଁଠି ପ୍ରାୟ ୪୫୦ ଜଣ ଛାତ୍ରୀ ଅବସ୍ଥାନ କରୁଛନ୍ତି। ଏହାସହିତ ଖେଳପଡ଼ିଆ ମଧ୍ୟ ରହିଛି। ସମାଜସେବୀ ସ୍ୱର୍ଗତ ଡାକ୍ତର ନାରାୟଣୀ ପଣ୍ଡା ନିଜ ଘରଟିକୁ ମହାବିଦ୍ୟାଳୟର ଛାତ୍ରୀନିବାସ ନିମନ୍ତେ ଦାନ କରିଛନ୍ତି। ଏହା ଏକ ଯୁଗ୍ମ ଅନୁଷ୍ଠାନ, ଏଥିରେ ସରକାରୀ ଉଚ୍ଚମାଧ୍ୟମିକ ମହିଳା ବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟ ସହିତ ରହିଛି ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ। ସମ୍ପ୍ରତି ମହାବିଦ୍ୟାଳୟରେ ଅନେକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସ୍ଥାନ ଖାଲିପଡ଼ିଛି ଯାହାକି ମହାବିଦ୍ୟାଳୟର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଛି। ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଭିତ୍ତିଭୂମିର ବିକାଶ ଅପରିହାର୍ଯ୍ୟ। ଛାତ୍ରୀଙ୍କ ପାଇଁ ହଷ୍ଟେଲରେ ସ୍ଥାନାଭାବ, ପ୍ରତ୍ୟେକ ବିଭାଗ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ସହ ସଭାସମିତି ଓ ଉତ୍ସବ ନିମିତ୍ତ ପ୍ରେକ୍ଷାଳୟ ନାହିଁ। ଏହାସହିତ ୧୮ଟି ସ୍ନାତକୋତ୍ତର ବିଭାଗ ପାଇଁ ଏକ ଶୈକ୍ଷିକ କୋଠା ତଥା ଗୋଟିଏ ମିନିଷ୍ଟାଡିଅମର ଆବଶ୍ୟକତା ଅଛି। ମହାବିଦ୍ୟାଳୟର ଅଧିକାରରେ ୧୨ ଏକର ୫୦ ଡେସିମିଲ ଜମି ରହିଥିବାସ୍ଥଳେ ମହାବିଦ୍ୟାଳୟ ନାମରେ ମାତ୍ର ୭ ଏକର ୪୬ ଡେସିମିଲ ଜମିର ପଟ୍ଟା (ଆର୍‌ଓଆର୍) ରହିଛି। ଆଉ ୫ ଏକର ୪୬ ଡେସିମିଲ୍ ଜମି ବୋର୍ଡ ଅଫ୍ ରେଭେନ୍ୟୁ, ଓଡ଼ିଶା ପତ୍ର ସଂଖ୍ୟା ୯୩୩/ତାରିଖ ୨୨.୨.୭୭ ଓଡ଼ିଶା ଶିକ୍ଷା ବିଭାଗ ମାଧ୍ୟମରେ ଜିଲ୍ଲା ପ୍ରଶାସନ ମାଧ୍ୟମରେ ମହାବିଦ୍ୟାଳୟକୁ ହସ୍ତାନ୍ତରିତ ହୋଇଥିବା ସତ୍ତ୍ୱେ ମହାବିଦ୍ୟାଳୟ ନାମରେ ପଟ୍ଟା (ଆର୍‌ଓଆର୍) ମିଳି ପାରିନାହିଁ।

### ଫେଲ୍ ମାରିଲା ଟିପିଡବ୍ଲୁଓଡିଏଲର ନିରବିଚ୍ଛିନ ବିଦ୍ୟୁତ ସେବା ପ୍ରସ୍ତୁତି

# ବର୍ଷା ହେଲେ ଲାଇନ୍ ଛୁ

ସମ୍ବଲପୁର, ୧୬।୭ (ସମିସ)

ସମ୍ବଲପୁର ସହରରେ ଫେଲ୍ ମାରିଛି ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ଟିପିଡବ୍ଲୁଓଡିଏଲର ନିରବିଚ୍ଛିନ ବିଦ୍ୟୁତ ସେବା। ବର୍ଷା ଦିନରେ ନିରବିଚ୍ଛିନ ବିଦ୍ୟୁତ ସେବା ଯୋଗାଇବା ପାଇଁ କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା କୁହାଯାଇଥିଲା, ହେଲେ ବାସ୍ତବରେ କମ୍ପାନୀର ସବୁ ପ୍ରସ୍ତୁତି ଫେଲ୍ ମାରିଛି। କମ୍ପାନୀ ନିରବିଚ୍ଛିନ ବିଦ୍ୟୁତ ସେବା ଦେବାପାଇଁ ଯାହା ଯାହା ପଦକ୍ଷେପ ନେଇଥିବା ପ୍ରଚାର କରିଥିଲା ତାହାସବୁ ଫେଲ୍ ହୋଇଛି। ସମ୍ବଲପୁର ସହରରେ ଲଗାଣବର୍ଷା ଯୋଗୁଁ କମ୍ପାନୀର ବିଫଳତା ପଦାରେ ପକାଇଛି।

ସୂଚନା ଅନୁସାରେ, ଲଘୁଚାପ ଯୋଗୁଁ ସହରରେ ବୁଧବାରଠାରୁ ବର୍ଷା ଲାଗି ରହିଛି। ଏହି ସମୟରେ ସହରର ବିଭିନ୍ନ ପଡ଼ାରେ ବିଦ୍ୟୁତ ସେବା ବ୍ୟାଘାତ ଥିଲା। ଏଥିପାଇଁ ସହରରେ ବର୍ଷା ଟିକେ ହେଲେ ଲାଇନ ଛୁ ମାରୁଛି ବୋଲି ସହରବାସୀ ଆଲୋଚନା କରୁଛନ୍ତି। ପ୍ରକାଶ ଯେ, ବର୍ଷା ଋତୁ ଆସିବା ପୂର୍ବରୁ ବଡ଼ ବଡ଼ ପ୍ରତିଶ୍ରୁତିର ପାହାଡ଼ ଠିଆ କରାଯାଇଥିଲା। ଗଣମାଧ୍ୟମରେ ବ୍ୟାପକ ପ୍ରଚାର କରି କୁହାଯାଇଥିଲା ଯେ, ଏଥର ବର୍ଷାଦିନେ ଗ୍ରାହକଙ୍କୁ ନିରବିଚ୍ଛିନ ବିଦ୍ୟୁତ ସେବା ଯୋଗାଇ ଦିଆଯିବ। କମ୍ପାନୀ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ନେଇ ଡିଣ୍ଡିମ ପିଟାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ନୂତନ ବିଦ୍ୟୁତ ଖୁଣ୍ଟ ସ୍ଥାପନାଠାରୁ ଆରମ୍ଭ କରି ପୁରୁଣା ତାର ବଦଳାଇବା ଓ ଗଛଲତା କଟାଯିବା ଭଳି ଅନେକ ନାଟକବାଜି ଦେଖିବାକୁ ମିଳିଥିଲା। କିନ୍ତୁ ପ୍ରଥମ ଲଘୁଚାପ ବର୍ଷାରେ ହିଁ କମ୍ପାନୀର ଏହି ସବୁ ଫମ୍ପା ପ୍ରତିଶ୍ରୁତିର ଅସଲ ଚେହେରା ପଦାରେ ପଡ଼ିଯାଇଛି। କମ୍ପାନୀର ବିତରଣ କ୍ଷେତ୍ରରେ ୩, ୪୨୬ଟି ମଧ୍ୟବର୍ତ୍ତୀ ଖୁଣ୍ଟ ସ୍ଥାପନ କରି ଭିତ୍ତିଭୂମିର ଅଧିକ ସୁଦୃଢ଼ୀକରଣ ଓ ୧୦ଟି ମୋବାଇଲ୍ ଡିଟିଆର୍, ୧୭ଟି ମ୍ୟାନ୍ ଲିଫ୍ଟର୍ ଓ ୫ଟି ଆସ୍କା ଲାଇଟ୍ ୟୁନିଟ୍ ସହ ଜରୁରୀକାଳୀନ ଟିମ୍ ପ୍ରସ୍ତୁତ କରିଥିବା ପ୍ରଚାର କରିଥିଲା। କିନ୍ତୁ ପ୍ରଥମ ବର୍ଷାରେ ହିଁ ବିପର୍ଯ୍ୟସ୍ତ ବିଦ୍ୟୁତ ସେବା ସହରବାସୀଙ୍କୁ ଯନ୍ତ୍ରଣା ଦେଇଛି। ବୁଧବାର ବିଳମ୍ବିତ ରାତିରେ ଯେତେବେଳେ ପ୍ରବଳ ବର୍ଷା ହେଲା, ସେତେବେଳେ କମ୍ପାନୀର ଆଧୁନିକ ବ୍ୟବସ୍ଥା ଆଣ୍ଠେଇ ପଡ଼ିଥିଲା। ସହରର ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ଅଧିକାଂଶ ପ୍ରମୁଖ ପଡ଼ା ଏବଂ ଆବାସିକ ଅଞ୍ଚଳରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ବ୍ୟାଘାତ ହୋଇଥିଲା। ସାଧାରଣ ଲୋକେ ଏବେ ପ୍ରଶ୍ନ କରୁଛନ୍ତି ଯେ, କମ୍ପାନୀ ନିରବିଚ୍ଛିନ ବିଦ୍ୟୁତ ସେବା ଦେବା ପାଇଁ ଯାହା ଯାହା ପଦକ୍ଷେପ ନେଇଥିବା ଡେଙ୍ଗୁରା ପିଟିଥିଲା, ତାହା ଗଲା କୁଆଡ଼େ। ବର୍ଷା ସମୟରେ ଜରୁରୀକାଳୀନ ସ୍ଥିତିର ମୁକାବିଲା ପାଇଁ କମ୍ପାନୀର ତତ୍ପରତା କେବଳ କାଗଜପତ୍ରରେ ସୀମିତ ଥିଲା କି। ସାମାନ୍ୟ ପବନ କିମ୍ବା ଟିକିଏ ବର୍ଷା ହେଲେ ସମ୍ବଲପୁରରେ 'ଲାଇନ୍ ଛୁ' ହେବା ଘଟଣା ଏବେ ସହରର ପ୍ରତିଟି ଛକ ବଜାରରେ ଆଲୋଚନାର ମୁଖ୍ୟ ବିଷୟ ପାଲଟିଛି।



### ଗ୍ରାହକ ସେବାରୁ ମିଳୁନି ସନ୍ତୋଷଜନକ ଉତ୍ତର

ବିଶେଷ ଭାବେ ବିଦ୍ୟୁତ କାଟ ସମୟରେ କମ୍ପାନୀର ଗ୍ରାହକ ସେବା କେନ୍ଦ୍ରକୁ ଫୋନ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ମିଳୁନଥିବା ନେଇ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଆଗକୁ ବର୍ଷା ଋତୁର ପୂରା ସମୟ ବାକି ରହିଛି, ଯଦି ପ୍ରଥମ ବର୍ଷାରେ ସମ୍ବଲପୁର ସହରର ଏଭଳି ସ୍ଥିତି, ତେବେ ଆଗାମୀ ଦିନରେ ସ୍ଥିତି ଆହୁରି ସଂଗୀନ ହେବ ବୋଲି ଆଶଙ୍କା କରାଯାଉଛି।

ସକାଳ
THE SAKALA

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

## ଜଗନ୍ନାଥ ଖୁସି ନାହାନ୍ତି

ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଆସିବା ଦିନଠାରୁ ଅଘଟଣ ପରିସଂଖ୍ୟାନ ବଢ଼ିବାରେ ଲାଗିଛି। ୨୦୨୪ରେ ବଡ଼ଠାକୁରଙ୍କୁ ରଥ ଉପରୁ ପହଣ୍ଡି ବେଳେ ତଳେ ପକାଇ ଦେବା ଘଟଣା ଏ ପର୍ଯ୍ୟନ୍ତ ଲୋକଙ୍କ ମନରୁ ଲିଭିନାହିଁ। ତା'ପର ବର୍ଷ ଜଗନ୍ନାଥଙ୍କ ରଥକୁ ସୂର୍ଯ୍ୟାସ୍ତ ପରେ ଲାଇଟ୍ ଲଗାଇ ଟଣା ଗଲା ଏବଂ ରଥ ବାରମ୍ବାର ନିୟନ୍ତ୍ରଣ ହରାଇବା ପରି ଅବାଞ୍ଛିତ ଘଟଣା ଘଟିଲା। ପୁଣି ନୀତିକାନ୍ତିରେ ବିଶୃଙ୍ଖଳା ଓ ଭିଡ଼ ନିୟନ୍ତ୍ରଣରେ ବିଫଳତା ଯୋଗୁଁ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ଚଳିତ ବର୍ଷର ଅଘଟଣ ବୋଧହୁଏ ପୂର୍ବ ଦୁଇବର୍ଷକୁ ଟପିଯାଇଛି। ଏହି ଆଲେଖ୍ୟ ଲେଖା ହେବା ପର୍ଯ୍ୟନ୍ତ ଦଳାଚକଟାରେ ଦୁଇଜଣ ଭକ୍ତଙ୍କ ମୃତ୍ୟୁ ଘଟିଛି ଏବଂ ଶତାଧିକ ଆହତ ହୋଇଛନ୍ତି। ଭଗବାନ ନ କରନ୍ତୁ; କିନ୍ତୁ ଆହତଙ୍କ ମଧ୍ୟରେ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଚଳିତ ବର୍ଷ ରଥଯାତ୍ରାର ଆଦ୍ୟ ପର୍ବ ସ୍ନାନଯାତ୍ରାରୁ ହିଁ କିଛି ଅଘଟଣ ଘଟିବାର ପୂର୍ବ ସୂଚନା ମିଳିସାରିଥିଲା। ସ୍ନାନବେଦୀ ଉପରେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଆଳତି ବେଳେ ଦୀପ ହଠାତ୍ ଲିଭିଯାଇଥିଲା। ପୂର୍ବରୁ ଏଭଳି କୌଣସି ଅଘଟଣର ସୂଚନା ମିଳିଲେ ଗଜପତି ରାଜା/ମହାରାଜାମାନେ ପ୍ରଭୁଙ୍କ ନିକଟରେ ଅଧିଆ ପଡ଼ି ଦୋଷ ମାର୍ଜନା କରିବାର ଯାଚନା କରୁଥିଲେ। କିନ୍ତୁ ଶାସନ କ୍ଷମତାର ମୋହ ଓ ଉପଭୋଗରେ ସରକାର ବାହାଦୂର ଏତେ ଅନ୍ଧ ହୋଇଯାଇଛନ୍ତି ଯେ ଏହାକୁ ମାମୁଲି ଅଘଟଣ ଭାବେ ଅଣଦେଖା କଲେ।

ଶ୍ରୀଜୀଉମାନଙ୍କର ପହଣ୍ଡିର ମୁଖ୍ୟ ଆକର୍ଷଣ ହେଉଛି ଟାହିଆ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏଥର ଗୁମୁଟ ଡେଇଁ ବଡ଼ଦାଣ୍ଡକୁ ଆସିବା ବେଳେ ଶ୍ରୀଜଗନ୍ନାଥଙ୍କ ଟାହିଆ ନଥିଲା। ବୋଧହୁଏ ଟାହିଆ ପରମ୍ପରା ଆରମ୍ଭ ହେବା ଦିନଠାରୁ ଇତିହାସରେ ପ୍ରଥମ ଥର ପାଇଁ ବିନା ଟାହିଆରେ ପ୍ରଭୁ ରଥ ଉପରକୁ ଗଲେ। ସବୁକିଛି ଅସ୍ୱାଭାବିକ ଲାଗୁଥିଲା। ଶ୍ରୀଜଗନ୍ନାଥଙ୍କୁ ଆପଣାର ପରିବାରର ମୁରବି ଏବଂ ପ୍ରାଣର ସ୍ପନ୍ଦନ ବୋଲି ମନେ କରୁଥିବା କୋଟିକୋଟି ଶ୍ରଦ୍ଧାଳୁ ଓ ଭକ୍ତମାନେ ମନେ କରୁଥିଲେ ସତେଯେମିତି ପ୍ରଭୁ ଏଥର ରଥଯାତ୍ରା ପାଇଁ ଆଦୌ ପ୍ରସ୍ତୁତ ନୁହନ୍ତି। ନିଜ ଅନିଚ୍ଛାରେ ସେ ବାଧ ହୋଇ ଯାଉଛନ୍ତି। ଯେଉଁ ଚକା ଆଖି ଓ ରଙ୍ଗାଅଧର ସମଗ୍ର ବିଶ୍ୱକୁ କ୍ଷଣିକେ ସମ୍ମୋହନ କରିଦିଏ ଆଜି ସେ ନିଜେ ହିଁ ବିଷଣ୍ଣ ଥିବା ହୃଦ୍‌ବୋଧ ହେଉଥିଲା। ଭାବବିହ୍ୱଳ ଭକ୍ତମାନେ ଏହାର କାରଣ ଖୋଜି ପାଉ ନଥିଲେ। କିନ୍ତୁ ଆତ୍ମବିଭୋର ଶାସନ ନିର୍ବିକାର ଭାବରେ ବସି ରହିଥିଲେ।

ଜଗତର ମହାନାୟକ ବର୍ଷାରେ ଭିଜି ଭିଜି ବଡ଼ଦାଣ୍ଡରେ ଚାଲି ଚାଲି ଆସୁଥିବା ବେଳେ ମନ୍ତ୍ରିପରିଷଦର ସଦସ୍ୟ, ରାଜନ୍ୟ ବର୍ଗ ଓ ଭିଭିଆଇପିମାନେ ସୁରକ୍ଷିତ ଭାବେ କଂକ୍ରିଟ୍ ଛାତ ତଳେ ବସି ରହି ଏ ଦୃଶ୍ୟ ଉପଭୋଗ କରୁଥିଲେ। ଏହା ମହାପ୍ରଭୁଙ୍କ ପ୍ରତି ଅପମାନ ନୁହେଁ କି? କେବଳ ଅଣଓଡ଼ିଆ ଓ ବିଧର୍ମୀ ହିଁ ଏଭଳି ଧୃଷ୍ଟତା କରିପାରେ। ଏହା ଓଡ଼ିଆ ଜାତି ପ୍ରତି କଳଙ୍କ କହିଲେ ଭୁଲ୍ ହେବ ନାହିଁ। ମହାପ୍ରଭୁଙ୍କ ଅନ୍ୟମନସ୍କତାକୁ ଦେଖିବାରେ ବୁଝିବାରେ ଓଡ଼ିଆ ଅସ୍ମିତାର ନାରା ଦେଇ କ୍ଷମତାକୁ ଆସିଥିବା ସରକାର ସମ୍ପୂର୍ଣ୍ଣ ବିଫଳ ହେଲେ, ଯାହାର ପରିଣାମ ଜୀବନହାନିରେ ପ୍ରତିଫଳିତ ହୋଇଛି।

ଚଳିତ ଥର ରଥଯାତ୍ରା ଭିଡ଼ ନିୟନ୍ତ୍ରଣ ପାଇଁ ୨୦ରୁ ଊର୍ଦ୍ଧ୍ୱ ଆଇପିଏସ୍ ଅଫିସରଙ୍କ ତତ୍ତ୍ୱାବଧାନରେ, ୪୫୦ରୁ ଊର୍ଦ୍ଧ୍ୱ ଏଆଇ ପରିଚାଳିତ କ୍ୟାମେରା ନିୟନ୍ତ୍ରଣରେ ୧୩ ହଜାର ପୁଲିସ କର୍ମଚାରୀ, ୧୫ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀ ନିୟୋଜିତ ହୋଇଥିବା ସରକାର କହିଥିଲେ। କିନ୍ତୁ କେବଳ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଯୋଜନା କରିଦେଲେ, ନିର୍ଦ୍ଦେଶ ଜାରି କରିଦେଲେ ତାହା ବାସ୍ତବତାରେ ପ୍ରତିଫଳିତ ହେବ ନାହିଁ। ପୂର୍ବ ବିଫଳତାରୁ ସରକାର କିଛି ଶିଖିବା ମାନସିକତାରେ ନାହାନ୍ତି। ଗତଥର ଦଳାଚକଟା ଜନିତ ମୃତ୍ୟୁ ଅଘଟଣର ତଦନ୍ତ ପାଇଁ ଯେଉଁ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନେତୃତ୍ୱରେ କମିଟି ଗଠନ ହୋଇଥିଲା ସିଏ ଏବେ ମୁଖ୍ୟ ଶାସନ ସଚିବ ପଦ ମଣ୍ଡନ କରିଛନ୍ତି। ଗତ ଥର ଅଘଟଣର ଆରୋପ ତଳିଆ ସଦସ୍ୟଙ୍କ ମୁଣ୍ଡରେ ଲଦି ଦେଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ରଥ ଉପରୁ ବଳଭଦ୍ର ପଡ଼ିଯିବାର ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନିନ ହୋଇନାହିଁ କି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନାହିଁ। ତେଣୁ ଏଥର ଅଘଟଣର ରିପୋର୍ଟ ମଧ୍ୟ ଯେ ସ୍ୱଚ୍ଛତା ଆସିବ ସେ ବିଶ୍ୱାସ ଆସୁନାହିଁ।

ଶାସକୀୟ ଢାଞ୍ଚା ଓ ବ୍ୟବସ୍ଥାରେ ଯେ ଉତ୍କଳର ରାଜାଧିରାଜ ସୁଖୀ ନାହାନ୍ତି ତାହା ଶାସକ ବର୍ଗକୁ ବୁଝିବାକୁ ହେବ। ବିଶେଷକରି ଶାସକ ଦଳ ବ୍ୟକ୍ତିପୂଜନ ପରମ୍ପରାକୁ ତ୍ୟାଗ କରି ଜନତା ଜନାର୍ଦ୍ଦନଙ୍କ କଲ୍ୟାଣମୁଖୀ ହେବାକୁ ପଡ଼ିବ। କେବଳ ଭୋଟ ହାସଲ ପାଇଁ ସରକାରୀ ତହବିଲ୍‌ରୁ ଟଙ୍କା ବାଣ୍ଟି ଦେଲେ ଶାସନ ଜନକଲ୍ୟାଣମୁଖୀ ହୋଇଯିବ ନାହିଁ। ଧନର ଗର୍ବ, ଆତ୍ମବଡ଼ିମା ପ୍ରଭୁ କେବେ ସହିନାହାନ୍ତି କି ସହିବେ ନାହିଁ। ଏ କଥା ସରକାରରେ ଥିବା ଦଳର ନେତାମାନେ ଚେତିବାର ସମୟ ଆସିଯାଇଛି। ଶ୍ରୀଜଗନ୍ନାଥ କ୍ଷମାସାଗର। ଶାସନର ତୁଙ୍ଗ ନେତାମାନେ ନିଜ କୃତ କର୍ମ ପାଇଁ ପଶ୍ଚାତାପ କରିବା ସହିତ ଦୋଷମାର୍ଜନା ପାଇଁ ଆନ୍ତରିକତାର ସହିତ ଶ୍ରୀଜଗନ୍ନାଥଙ୍କ ଆଗରେ ଭକ୍ତିପୂତ ନିବେଦନ କରନ୍ତୁ। ଏହାଦ୍ୱାରା କ୍ଷମତାର ବାକି ବର୍ଷଗୁଡ଼ିକରେ ଅନ୍ତତଃ ଓଡ଼ିଶାବାସୀଙ୍କର ମଙ୍ଗଳ ବିଧାନ ହେବ। ●

## ସାମାଜିକ ବିକାଶର ଅଦୃଶ୍ୟ ଶକ୍ତି

ଡ. ପ୍ରଦୀପ କୁମାର ସାହୁ

ଭାରତର ବୃତ୍ତିଗତ ସାମାଜିକ କର୍ମୀମାନେ ଦାରିଦ୍ର୍ୟ ହ୍ରାସ, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ସାମୂହିକ ବିକାଶ କ୍ଷେତ୍ରରେ ଅଗ୍ରଭାଗରେ ରହି କାମ କରୁଛନ୍ତି। ସମାଜର ସବୁଠାରୁ ଅସହାୟ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ସେମାନେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ମଧ୍ୟ ବାସ୍ତବରେ ସେମାନେ ନିଜେ ସମ୍ମାନ, ସୁରକ୍ଷା ଓ ପେସାଗତ ସ୍ୱୀକୃତିରୁ ବଞ୍ଚିତ। ଯେତେବେଳେ କୌଣସି ଅଞ୍ଚଳରେ ପ୍ରାକୃତିକ ବିପର୍ଯ୍ୟୟ ଘଟେ, କୌଣସି ଶିଶୁ ଶୋଷଣର ଶିକାର ହୁଏ, ଦରିଦ୍ର ପରିବାର ଜୀବନ ସଂଘର୍ଷରେ ଲଢ଼େ, ରୋଗୀ ମାନସିକ ସହଯୋଗ ଆବଶ୍ୟକ କରେ, ବଞ୍ଚିତ ସମ୍ପ୍ରଦାୟ ସରକାରୀ ଯୋଜନାର ସୁବିଧା ପାଇବାକୁ ଚେଷ୍ଟା କରେ କିମ୍ବା ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୁଏ ସେତେବେଳେ ପରଦା ପଛରେ ନିରବରେ କାମ କରୁଥା'ନ୍ତି ଜଣେ ସାମାଜିକ କର୍ମୀ। ସେମାନେ ଦୁର୍ଗମ ଗାଁକୁ ଯା'ନ୍ତି, ପ୍ରତିକୂଳ ପରିସ୍ଥିତିରେ କାମ କରନ୍ତି, ଅସହାୟ ଲୋକମାନଙ୍କୁ ସହାୟତା କରନ୍ତି ଏବଂ ସରକାରୀ ନୀତି ଓ ସାଧାରଣ ଲୋକଙ୍କ ମଧ୍ୟରେ ସେତୁର ଭୂମିକା ନିଭାନ୍ତି।

୧୦ ଜୁନ୍ ୨୦୨୬ ତାରିଖରେ 'ଜର୍ଣ୍ଣାଲ୍ ଅଫ୍ ସୋସିଆଲ୍ ୱର୍କ ପ୍ରାକ୍ଟିସ୍' ରେ ପ୍ରକାଶିତ ଏକ ଗବେଷଣାମୂଳକ ପ୍ରବନ୍ଧ ଏହି ଗୁରୁତ୍ୱପୂର୍ଣ୍ଣ ଅଥଚ ଅନାଲୋଚିତ ସମସ୍ୟାକୁ ସାମ୍ନାକୁ ଆଣିଛି। ଭାରତର ସାତଟି ରାଜ୍ୟର ୮୧୩ ଜଣ ବୃତ୍ତିଗତ ସାମାଜିକ କର୍ମୀଙ୍କ ଉପରେ କରାଯାଇଥିବା ଏହି ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ସାମାଜିକ କର୍ମୀମାନେ ଦେଶର ବିକାଶରେ ବଡ଼ ଅବଦାନ ରଖୁଥିଲେ ମଧ୍ୟ ସେମାନେ ଏପର୍ଯ୍ୟନ୍ତ ଚାକିରିର ଅନିଶ୍ଚିତତା, ପେସାଗତ ସ୍ୱୀକୃତିର ଅଭାବ, କାର୍ଯ୍ୟସ୍ଥଳର ବିଭିନ୍ନ ସମସ୍ୟା ଓ ଅପର୍ଯ୍ୟାପ୍ତ ସାମାଜିକ ସୁରକ୍ଷାର ସମ୍ମୁଖୀନ ହେଉଛନ୍ତି।

ବିକାଶଶୀଳ ଭାରତ ପାଇଁ ସାମାଜିକ କାର୍ଯ୍ୟ ଏକ ଅତ୍ୟାବଶ୍ୟକ ପେସା। ସାମାଜିକ କାର୍ଯ୍ୟ କେବଳ ସ୍ୱେଚ୍ଛାସେବା କିମ୍ବା ଦାନଧର୍ମ ନୁହେଁ। ସମୟ ସହିତ ଏହା ବୈଜ୍ଞାନିକ ଜ୍ଞାନ, ନୈତିକ ମୂଲ୍ୟବୋଧ, ଗବେଷଣା ଓ ବିଶେଷ ଦକ୍ଷତା ଉପରେ ଆଧାରିତ ଏକ ସ୍ୱତନ୍ତ୍ର ବୃତ୍ତିଗତ କ୍ଷେତ୍ରରେ ପରିଣତ ହୋଇଛି। ବିଶ୍ୱସ୍ତରରେ ସାମାଜିକ କାର୍ଯ୍ୟକୁ ଏକ ଅଧିକାର-ଭିତ୍ତିକ ପେସା ଭାବେ ସ୍ୱୀକୃତି ମିଳିଛି, ଯାହା ସାମାଜିକ ନ୍ୟାୟ, ସମାନତା ଓ ସମ୍ପ୍ରଦାୟର ସଶକ୍ତୀକରଣ ପାଇଁ କାର୍ଯ୍ୟ କରେ।

ଭାରତରେ ୧୯୩୬ ମସିହାରେ ପ୍ରଥମ ଥର ପାଇଁ ସାମାଜିକ କାର୍ଯ୍ୟର ଔପଚାରିକ ଶିକ୍ଷା ଆରମ୍ଭ ହୋଇଥିଲା। ଏହାପରେ ଏହି ବିଷୟର ବ୍ୟାପକ ବିକାଶ ଘଟିଛି। ଉଚ୍ଚଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଅନୁଯାୟୀ, ଦେଶର ୧୮୧ଟି ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୫୨୬ଟି ସାମାଜିକ କାର୍ଯ୍ୟ ଶିକ୍ଷାନୁଷ୍ଠାନ କାର୍ଯ୍ୟ କରୁଛି। ଏହି ଅନୁଷ୍ଠାନଗୁଡ଼ିକରେ ପ୍ରତିବର୍ଷ ପ୍ରାୟ ଏକ ଲକ୍ଷ ଛାତ୍ରଛାତ୍ରୀ ସାମାଜିକ କାର୍ଯ୍ୟରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରୁଛନ୍ତି। ସେମାନେ ସ୍ୱାସ୍ଥ୍ୟସେବା, ସାମୁଦାୟିକ ବିକାଶ, ଶିଶୁ କଲ୍ୟାଣ, ପରାମର୍ଶଦାନ, ବିପର୍ଯ୍ୟୟ ପରିଚାଳନା, ଗ୍ରାମୀଣ ବିକାଶ, ଆଦିବାସୀ କଲ୍ୟାଣ ଓ ସଂଶୋଧନମୂଳକ ସେବା ପରି ବିଭିନ୍ନ କ୍ଷେତ୍ରରେ ବିଶେଷଜ୍ଞତା ଅର୍ଜନ କରୁଛନ୍ତି।

ଗବେଷଣାରେ ଉଲ୍ଲେଖିତ ସବୁଠାରୁ ବଡ଼ ସମସ୍ୟାମାନଙ୍କ ମଧ୍ୟରୁ ଗୋଟିଏ ହେଉଛି, ଭାରତରେ ବୃତ୍ତିଗତ ସାମାଜିକ କର୍ମୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ନିୟାମକ ବ୍ୟବସ୍ଥାର ଅଭାବ। ଦେଶର ଅନ୍ୟାନ୍ୟ ସ୍ଥାପିତ ପେସାମାନଙ୍କ ପରି ସାମାଜିକ କାର୍ଯ୍ୟ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ୱତନ୍ତ୍ର ବୈଧାନିକ ପରିଷଦ ଗଠିତ ହୋଇନାହିଁ। ଏହିପରି ଏକ ପରିଷଦ ପେସାଗତ ଶିକ୍ଷା, ନୈତିକ ମାନଦଣ୍ଡ, କାର୍ଯ୍ୟପ୍ରଣାଳୀ ଓ ବୃତ୍ତିଗତ ବିକାଶକୁ ନିୟନ୍ତ୍ରଣ ଓ ସୁଦୃଢ଼ କରିପାରିଥା'ନ୍ତା। ଭାରତ ପରି ଏକ ଦେଶ, ଯାହା ବହୁମୁଖୀ ସାମାଜିକ ସମସ୍ୟାର ସମ୍ମୁଖୀନ, ସେଠାରେ ସ୍ୱୀକୃତିପ୍ରାପ୍ତ ଓ ଦକ୍ଷ ସାମାଜିକ କର୍ମୀଙ୍କର ଏକ ସୁଦୃଢ଼ ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ। ଏହି ପେସାକୁ ସୁଦୃଢ଼ କରିବା କେବଳ ସାମାଜିକ କର୍ମୀଙ୍କ ସ୍ୱାର୍ଥରେ ନୁହେଁ, ବରଂ ସମଗ୍ର ସାମାଜିକ ବିକାଶ କାର୍ଯ୍ୟକ୍ରମର ଗୁଣବତ୍ତା ଓ ପ୍ରଭାବଶାଳୀତା ବୃଦ୍ଧି ପାଇଁ ମଧ୍ୟ ଅତ୍ୟନ୍ତ ଜରୁରୀ।

ଏହି ଅଧ୍ୟୟନ ସାମାଜିକ କର୍ମୀମାନଙ୍କ ନିଯୁକ୍ତି ସ୍ଥିତି ସମ୍ପର୍କରେ ଏକ ଚିନ୍ତାଜନକ ଚିତ୍ର ଉପସ୍ଥାପନ କରିଛି। ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା କେବଳ ୧୧.୮ ପ୍ରତିଶତ ସାମାଜିକ କର୍ମୀ ସ୍ଥାୟୀ ଚାକିରିରେ ନିଯୁକ୍ତ ଥିବା କହିଛନ୍ତି। ଅଧିକାଂଶ ସାମାଜିକ କର୍ମୀ ଚୁକ୍ତିଭିତ୍ତିକ, ଅସ୍ଥାୟୀ କିମ୍ବା ପ୍ରକଳ୍ପଭିତ୍ତିକ ନିଯୁକ୍ତିରେ କାମ କରୁଛନ୍ତି। ଅନେକ ସାମାଜିକ କର୍ମୀ ଉଚ୍ଚ ଶିକ୍ଷା, ବୃତ୍ତିଗତ ଦକ୍ଷତା ଓ ବହୁ ବର୍ଷର ଅଭିଜ୍ଞତା ରଖିଥିଲେ ମଧ୍ୟ ସେମାନଙ୍କ ଚାକିରି ଭବିଷ୍ୟତ ସବୁବେଳେ ଅନିଶ୍ଚିତ ରହୁଛି। ସେମାନେ ଭବିଷ୍ୟନିଧି, ପେନ୍‌ସନ୍, ଗ୍ରାଚୁଇଟି, ବେତନଯୁକ୍ତ ଛୁଟି, ସ୍ୱାସ୍ଥ୍ୟ ବୀମା ଏବଂ ଅନ୍ୟାନ୍ୟ ବୈଧାନିକ ସୁବିଧାରୁ ବଞ୍ଚିତ। ଏହା ଏକ ବଡ଼ ବିରୋଧାଭାସ ସୃଷ୍ଟି କରୁଛି। ଅଧ୍ୟୟନରେ ଦେଖାଯାଇଛି ଯେ, ୧୭ ପ୍ରତିଶତ ସାମାଜିକ କର୍ମୀ ନିଜ କର୍ତ୍ତବ୍ୟ ପାଳନ ସମୟରେ ଜୀବନ ପ୍ରତି ବିପଦର ସମ୍ମୁଖୀନ ହୋଇଛନ୍ତି। ଏହାଛଡ଼ା କାର୍ଯ୍ୟସ୍ଥଳରେ ଉତ୍ପୀଡ଼ନ ଓ ସୁରକ୍ଷା ସମସ୍ୟା ସମ୍ପର୍କରେ ମଧ୍ୟ ଅନେକ ଉତ୍ତରଦାତା ମତ ଦେଇଛନ୍ତି। ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଓ ଅନୁଷ୍ଠାନଗତ ସହଯୋଗର ଅଭାବ ସାମାଜିକ କର୍ମୀମାନଙ୍କ ମଧ୍ୟରେ ମାନସିକ ଚାପ ଓ ଅସୁରକ୍ଷା ବଢ଼ାଇ ଦେଉଛି। ଏହା କାମ କରିବାର ପ୍ରେରଣା ଏବଂ ପେସାଗତ ସନ୍ତୁଷ୍ଟି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଏ। ତେଣୁ ଅନେକ ଅଭିଜ୍ଞ ସାମାଜିକ କର୍ମୀ ପେସା ଛାଡ଼ିବାକୁ ବାଧ ହେଉଛନ୍ତି।

ଆଜିର ଭାରତ ଅନେକ ଜଟିଳ ଓ ପରସ୍ପର ସମ୍ବନ୍ଧିତ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଛି। ଜଳବାୟୁ ପରିବର୍ତ୍ତନ, ସ୍ଥାନାନ୍ତରଣ, ସହରାଞ୍ଚଳର ଦାରିଦ୍ର୍ୟ, ବୟସ୍କ ଜନସଂଖ୍ୟାର ବୃଦ୍ଧି, ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ବେକାରି, ଲିଙ୍ଗଗତ ଅସମାନତା ଏବଂ ସାମାଜିକ ବାସନ୍ଦ ପରି ସମସ୍ୟାଗୁଡ଼ିକ ଦେଶର ସାମଗ୍ରିକ ବିକାଶ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରୁଛି। ଏହି ସମସ୍ତ ସମସ୍ୟାର ସଫଳ ସମାଧାନ ପାଇଁ ଏଭଳି ବୃତ୍ତିଗତ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି, ଯେଉଁମାନେ ସମ୍ପ୍ରଦାୟର ସମସ୍ୟାକୁ ଗଭୀର ଭାବରେ ବୁଝନ୍ତି, ତୃଣମୂଳ ସ୍ତରରେ କାର୍ଯ୍ୟ କରନ୍ତି ଏବଂ ସାଧାରଣ ଲୋକଙ୍କୁ ସରକାରୀ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ସହିତ ସଂଯୋଗ କରିପାରନ୍ତି। ଦେଶର ସମାବେଶୀ ବିକାଶ ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ କରିବାରେ ସାମାଜିକ କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେହିପରି ସାମାଜିକ କାର୍ଯ୍ୟ ପେସାକୁ ସ୍ୱୀକୃତି ଦେବା ଓ ସୁଦୃଢ଼ କରିବା କେବଳ ଜଣେ ବୃତ୍ତିଜୀବୀଙ୍କୁ ସମର୍ଥନ କରିବା ନୁହେଁ, ବରଂ ଭାରତର ସାମାଜିକ ପ୍ରଗତିରେ ଏକ ଦୀର୍ଘମିଆଦୀ ବିନିଯୋଗ କରିବା ସହ ସମାନ।

ସାମାଜିକ କର୍ମୀମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାର ସମାଧାନ ପାଇଁ ତୁରନ୍ତ ସରକାରୀ ନୀତିଗତ ପଦକ୍ଷେପ ଓ ଅନୁଷ୍ଠାନଗତ ସଂସ୍କାରର ଆବଶ୍ୟକତା ରହିଛି। ଭାରତରେ ସାମାଜିକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ବୃତ୍ତିଗତ ବ୍ୟବସ୍ଥା ଗଠନ କରାଯିବା ଆବଶ୍ୟକ। ଏଥିପାଇଁ ଜାତୀୟ ସାମାଜିକ କାର୍ଯ୍ୟ ପରିଷଦ ଗଠନ କରାଯାଇପାରେ, ଯାହା ଶିକ୍ଷା, ପ୍ରଶିକ୍ଷଣ, ନୈତିକ ମାନଦଣ୍ଡ ଏବଂ ପେସାଗତ କାର୍ଯ୍ୟପ୍ରଣାଳୀ ପାଇଁ ସ୍ପଷ୍ଟ ମାନକ ନିର୍ଦ୍ଧାରଣ କରିବ। ଏହାସହିତ ସାମାଜିକ କର୍ମୀମାନଙ୍କର ଚାକିରି ସ୍ଥିତିରେ ମଧ୍ୟ ଉନ୍ନତି ଆଣିବା ଆବଶ୍ୟକ। ସରକାରୀ ଯୋଜନା, ବେସରକାରୀ ସଂଗଠନ ଏବଂ ବିଭିନ୍ନ ବିକାଶମୂଳକ ପ୍ରକଳ୍ପରେ କାର୍ଯ୍ୟରତ ସାମାଜିକ କର୍ମୀମାନଙ୍କୁ ଯଥୋଚିତ ଦରମା, ନିରାପଦ କାର୍ଯ୍ୟ ପରିବେଶ ଏବଂ ସାମାଜିକ ସୁରକ୍ଷା ସୁବିଧା ମିଳିବା ଉଚିତ। ସାମାଜିକ କାର୍ଯ୍ୟ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ମଧ୍ୟ ସମାନ ଭାବେ ଜରୁରୀ। ଏଥିପାଇଁ ଦୃଢ଼ ଶିକ୍ଷାଗତ ଭିତ୍ତି, ଉନ୍ନତ କ୍ଷେତ୍ର ପ୍ରଶିକ୍ଷଣ ଏବଂ ବ୍ୟବହାରିକ ଅଭିଜ୍ଞତା ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସାମାଜିକ କର୍ମୀମାନଙ୍କୁ ଜାତୀୟ ବିକାଶର ଅପରିହାର୍ଯ୍ୟ ସହଭାଗୀ ଭାବେ ସ୍ୱୀକୃତି ଦେବା ଆବଶ୍ୟକ। ସେମାନଙ୍କ ଜ୍ଞାନ ଓ ଦକ୍ଷତାକୁ ସରକାରୀ ନୀତି, ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଏବଂ ସାମୁଦାୟିକ ବିକାଶ କାର୍ଯ୍ୟକ୍ରମରେ ସଠିକ୍ ଭାବରେ ସାମିଲ କରାଯିବା ଉଚିତ। ଯେଉଁମାନେ ସମାଜକୁ ସୁରକ୍ଷା ଦିଅନ୍ତି, ସେମାନଙ୍କୁ ମଧ୍ୟ ସୁରକ୍ଷା ଦେବା ଦରକାର। ସାମାଜିକ କର୍ମୀମାନଙ୍କର ଅବଦାନକୁ ସ୍ୱୀକାର ନଲେ ଭାରତର ବିକାଶର କାହାଣୀ କେବେ ବି ସମ୍ପୂର୍ଣ୍ଣ ହେବ ନାହିଁ। ସାମାଜିକ କର୍ମୀମାନେ କୌଣସି ବିଶେଷ ସୁବିଧା ଦାବି କରୁନାହାନ୍ତି। ସେମାନେ କେବଳ ପେସାଗତ ସମ୍ମାନ, ନ୍ୟାୟସଙ୍ଗତ ସୁଯୋଗ ଏବଂ ମୌଳିକ ସୁରକ୍ଷା ଆଶା କରୁଛନ୍ତି। ଏବେ ସମୟ ଆସିଛି ସାମାଜିକ କର୍ମୀମାନଙ୍କୁ କେବଳ ଅଦୃଶ୍ୟ ସହାୟକ ଭାବରେ ନୁହେଁ, ବରଂ ରାଷ୍ଟ୍ର ଗଠନର ଅପରିହାର୍ଯ୍ୟ ସହଭାଗୀ ଭାବରେ ସ୍ୱୀକୃତି ଦେବାର। ●

(ସହକାରୀ ଅଧ୍ୟାପକ, ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ)
ଭୁବନେଶ୍ୱର, ମୋ: ୯୮୬୧୦୬୫୧୬୪

## ଆବେଗହୀନ ଶୈଶବ

ବିଶ୍ୱନାଥ ପାଢ଼ୀ

ଆଜିର ବଦଳୁଥିବା ସମାଜରେ ପିଲାମାନଙ୍କ ଆଚରଣରେ ଏକ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ସେମାନେ ଏକାନ୍ତ ବା କୋଠରି ଭିତରେ ଏକୁଟିଆ ରହିବାକୁ ପସନ୍ଦ କରୁଛନ୍ତି। ମିଳାମିଶା କରିବାକୁ କେହି କହିଲେ କିମ୍ବା ମିଳାମିଶା ପାଇଁ ଚେଷ୍ଟା କଲେ ସେମାନେ ଉତ୍କ୍ଷିପ୍ତ ହୋଇପଡୁଛନ୍ତି। 'ଜେନ-ଜେଡ୍' ପିଢ଼ିର ପିଲାମାନଙ୍କ ମଧ୍ୟରେ ଅନେକ ସମୟରେ ଏକ ଅଜବ ଜିଦ୍‌ଖୋର ମନୋଭାବ ଦେଖାଯାଉଛି, ଯେଉଁଠାରେ ସେମାନେ ନିଜକୁ ସର୍ବଦା ଠିକ୍ ବୋଲି ପ୍ରମାଣ କରିବାକୁ ଚାହୁଁଛନ୍ତି। ଖେଳପଡ଼ିଆରେ ହେଉ ବା ପାଠପଢ଼ାରେ, ସେମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯଦି କେହି ସେମାନଙ୍କୁ ସାମାନ୍ୟ ଥଟ୍ଟା କରୁଛି ବା ସେମାନଙ୍କ ଦୋଷ ଦେଖାଇଦେଉଛି, ତେବେ ସେମାନେ ଅତ୍ୟଧିକ ପ୍ରତିକ୍ରିୟାଶୀଳ ହୋଇଯାଉଛନ୍ତି ଏବଂ ନିଜର ଆବେଗ ଉପରେ ନିୟନ୍ତ୍ରଣ ହରାଉଛନ୍ତି। ଏହି ପିଲାମାନେ କୌଣସି ଭୁଲ୍ କରିଥିଲେ ମଧ୍ୟ କେବେ କ୍ଷମା ମାଗିବାକୁ ପସନ୍ଦ କରୁନାହାନ୍ତି, ବରଂ ନିଜ ଅଭିମାନକୁ ବଡ଼ ମନେ କରି ଅନ୍ୟମାନଙ୍କଠାରୁ ଖୁବ୍ ଶୀଘ୍ର ଦୂରେଇ ଯାଉଛନ୍ତି। ସେମାନଙ୍କ ମଧ୍ୟରେ ସମ୍ପର୍କରୁ ବିଚ୍ଛିନ୍ନ ହେବାର ପ୍ରବୃତ୍ତି ଏତେ ଅଧିକ ଯେ, ସେମାନେ ନିଜର ବଡ଼ କିମ୍ବା ସାନ ଭାଇଭଉଣୀଙ୍କ ସହ ମଧ୍ୟ ନିଜ ମନର କଥା ବାଣ୍ଟୁନାହାନ୍ତି। ଏହା କେବଳ ଡିଜିଟାଲ୍ ନିଶା ନୁହେଁ, ବରଂ ଏକ ଗଭୀର ମାନସିକ ଦୂରତା।

ପିଲାମାନେ ଆଜିକାଲି ନିଜକୁ ଗୁପ୍ତ ରଖିବାକୁ ଚେଷ୍ଟା କରୁଛନ୍ତି, ଯାହାଫଳରେ ସେମାନଙ୍କ ସାମାଜିକ ବିକାଶ ବାଧାପ୍ରାପ୍ତ ହେଉଛି। ସେମାନଙ୍କର ଏହି 'ଇଗୋ' ବା ଅହଂକାର ସେମାନଙ୍କୁ ବାସ୍ତବ ଦୁନିଆର ଶିକ୍ଷା ଓ ସଂସ୍କାରଠାରୁ ଦୂରେଇ ନେଉଛି। ଆଜିକାଲିର ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଏହି ଆଚରଣଗତ ପରିବର୍ତ୍ତନ ପଛରେ କେବଳ ସେମାନଙ୍କର ଜିଦ୍ ନୁହେଁ ବରଂ କିଛି ଗଭୀର ମାନସିକ ଏବଂ ସ୍ନାୟବିକ କାରଣ ମଧ୍ୟ ରହିଛି। ପ୍ରଥମତଃ, ସାମାଜିକ ଗଣମାଧ୍ୟମ ଏବଂ ଭିଡିଓ ଗେମ୍‌ର ଅତ୍ୟଧିକ ବ୍ୟବହାର ଯୋଗୁଁ ମସ୍ତିଷ୍କରେ 'ଡୋପାମାଇନ୍' ନାମକ ହରମୋନ୍ କ୍ଷରିତ ହେଉଛି। ଯାହା ପିଲାଙ୍କୁ ତତ୍କାଳ ସନ୍ତୋଷ ଦେଉଛି। ଯେତେବେଳେ ସେମାନେ ବାସ୍ତବ ଦୁନିଆକୁ ଆସୁଛନ୍ତି ବା ସାମାଜିକ କାର୍ଯ୍ୟକ୍ରମକୁ ଯାଉଛନ୍ତି, ସେଠାରେ ଏହି ସନ୍ତୋଷ ତାଙ୍କୁ ଧୀରେ ଧୀରେ ମିଳୁଛି, ଫଳରେ ସେମାନେ ବିରକ୍ତ ହେଉଛନ୍ତି ଏବଂ ଏକାକୀ ରହିବାକୁ ପସନ୍ଦ କରୁଛନ୍ତି। ଦ୍ୱିତୀୟରେ ମସ୍ତିଷ୍କର 'ଆମିଗଡ଼ାଲା' ଅଂଶ ଆମର ଭୟ ଓ କ୍ରୋଧକୁ ନିୟନ୍ତ୍ରଣ କରୁଛି। ଯେତେବେଳେ ପିଲାମାନଙ୍କୁ କେହି ଥଟ୍ଟା କରୁଛି ବା ସେମାନେ ହାରିଯାଉଛନ୍ତି, ସେମାନଙ୍କର ଏହି ଅଂଶ ଅଧିକ ସକ୍ରିୟ ହେଇଯାଉଛି, ଯାହାଫଳରେ ସେମାନେ ଆବେଗ ଉପରେ ନିୟନ୍ତ୍ରଣ ହରାଇ ବସୁଛନ୍ତି। କିଶୋର ଅବସ୍ଥାରେ ମସ୍ତିଷ୍କର ଯେଉଁ ଅଂଶ (ପ୍ରି-ଫ୍ରଣ୍ଟାଲ କର୍ଟେକ୍ସ) ନିଷ୍ପତ୍ତି ନେବା ଏବଂ ସମ୍ପର୍କ ବୁଝିବାରେ ସାହାଯ୍ୟ କରେ ତାହା ତାଙ୍କର ସମ୍ପୂର୍ଣ୍ଣ ବିକଶିତ ହୋଇ ନ ଥିବା କାରଣରୁ ସେମାନେ ନିଜକୁ ସବୁବେଳେ ଠିକ୍ ମନେ କରୁଛନ୍ତି ଏବଂ ଯୁକ୍ତି କରୁଛନ୍ତି। ସବୁବେଳେ ଡିଜିଟାଲ୍ ଦୁନିଆରେ ରହିବା ଫଳରେ ବାସ୍ତବ ଦୁନିଆର ସମ୍ପର୍କୀୟଙ୍କ ସହ କଥା ହେବାକୁ ମଧ୍ୟ ସେମାନେ ଭୟ (ସୋସିଆଲ୍ ଆଙ୍ଗଜାଇଟି) ମନେ କରୁଛନ୍ତି, ଯାହାକୁ ସେମାନେ 'ପ୍ରାଇଭେସି' ବା 'ଗୋପନୀୟତା'ର ନାମ ଦେଉଛନ୍ତି।

ଏହି ପିଲାମାନଙ୍କୁ କେବଳ ଗାଳି କରିବା କିମ୍ବା ଶାସନ କରିବା ସମାଧାନ ନୁହେଁ। ସେମାନଙ୍କ ମଧ୍ୟରେ ଦୟା, କ୍ଷମା ଓ ମିଳାମିଶାର ଗୁଣ ଭରିବା ପାଇଁ ଆମକୁ ବନ୍ଧୁ ଭଳି ସେମାନଙ୍କ ସହ ସମୟ ବିତାଇବାକୁ ହେବ। ରାତିରେ ଶୋଇବା ପୂର୍ବରୁ ଏବଂ ପରିବାର ସହ ଖାଇବା ସମୟରେ ମୋବାଇଲ୍ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେବ। ଏହା ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରିବ। ପିଲାଙ୍କୁ ବୁଝାଇବାକୁ ହେବ ଯେ ପରାଜୟର ଅର୍ଥ ଶେଷ ନୁହେଁ, ବରଂ ଶିଖିବାର ଏକ ସୁଯୋଗ। ସେମାନଙ୍କୁ ବିଭିନ୍ନ ଦଳଗତ କାର୍ଯ୍ୟ ବା ଖେଳରେ ସାମିଲ କରିବାକୁ ହେବ, ଯେଉଁଠି ସେମାନେ ଜିତିବା ଅପେକ୍ଷା ମିଳିମିଶି ଖେଳିବାର ଗୁରୁତ୍ୱ ବୁଝିବେ। ସେମାନଙ୍କୁ 'କ୍ଷମା' ଓ 'ଧନ୍ୟବାଦ'ର ଗୁରୁତ୍ୱ ଜଣେଇବାକୁ ହେବ। ଯଦି ପିଲା କୌଣସି ଜିନିଷ ପାଇଁ ରାଗୁଛି, ତେବେ ତା' ଉପରେ ରାଗିବା ପରିବର୍ତ୍ତେ ତା'କୁ ଶାନ୍ତ ହେବାକୁ ସମୟ ଦେଇ ପରେ ସେହି ବିଷୟରେ ଆଲୋଚନା କରିବାକୁ ହେବ। ପିଲାଙ୍କୁ ସବୁ ଜିନିଷ ତୁରନ୍ତ ଦେବା ଅପେକ୍ଷା କିଛି ସମୟ ଅପେକ୍ଷା କରାଇବା ଶିଖାଇବାକୁ ହେବ। ଏହା ସେମାନଙ୍କ ଆବେଗିକ ନିୟନ୍ତ୍ରଣ କ୍ଷମତା ବଢ଼ାଇବ। ପିଲାଙ୍କ ସହ ଏମିତି ସମ୍ପର୍କ ରଖିବାକୁ ହେବ ଯେପରି ସେମାନେ ନିଜ ମନର କଥା କହିବାକୁ ଭୟ କରିବେ ନାହିଁ। ଯେତେବେଳେ ସେମାନେ ଜାଣିବେ ଯେ ସେମାନଙ୍କୁ କେହି ସମାଲୋଚନା କରୁନାହିଁ, ସେମାନେ ନିଜକୁ ଏକୁଟିଆ କରି ରଖିବା ବନ୍ଦ କରିଦେବେ।


ପିଲାମାନଙ୍କୁ ବଦଳାଇବା ପାଇଁ ପ୍ରଥମେ ଆମକୁ ସେମାନଙ୍କ ଦୁନିଆକୁ ବୁଝିବାକୁ ହେବ। ସ୍ନେହ ଓ ସଠିକ୍ ବୁଝାମଣା ହିଁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିପାରିବ। ସେମାନଙ୍କ 'ପ୍ରାଇଭେସି'କୁ ସମ୍ମାନ ଦେବା ସହ ସେମାନଙ୍କୁ ସାମାଜିକ ଦାୟିତ୍ୱବୋଧ ବିଷୟରେ ବୁଝାଇବାକୁ ହେବ, ଯେପରି ସେମାନେ ସେହି ଅନ୍ଧକାରପୂର୍ଣ୍ଣ ଏକାକୀପଣରୁ ବାହାରି ଏକ ସୁସ୍ଥ ପାରିବାରିକ ଜୀବନ ବଞ୍ଚିପାରିବେ। ଆମକୁ ସେମାନଙ୍କୁ ଶିଖାଇବାକୁ ହେବ ଯେ ଜୀବନରେ ହାରିବା ଏବଂ କ୍ଷମା ମାଗିବା ମଣିଷକୁ ଛୋଟ କରେନାହିଁ, ବରଂ ମହାନ କରିଥାଏ। ●

(ଓଡ଼ିଶା ଆଦର୍ଶ ବିଦ୍ୟାଳୟ)
ସତ୍ୟବାଦୀ(ପୁରୀ), ମୋ: ୯୨୩୮୮୩୧୬୫୮

## ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଐତିହ୍ୟ ଓ ସାଂସ୍କୃତିକ ମିଳନ

ଡକ୍ଟର ଗୌରୀଶଙ୍କର ଯୁଗ ପ୍ରକାଶ ଜେନା

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଜଗନ୍ନାଥ ସଂସ୍କୃତି ହେଉଛି ଭାରତର ସବୁଠାରୁ ପ୍ରାଚୀନ ପ୍ରାକୃତିକ ଐତିହ୍ୟ। ଆଦିବାସୀ ଉତ୍ପତ୍ତିର ଦେବତା ଭାବରେ ପ୍ରଭୁ ଜଗନ୍ନାଥ ଓଡ଼ିଶାର କିମ୍ବଦନ୍ତୀ, ଲୋକକଥା ଓ ଐତିହାସିକ ତଥ୍ୟରୁ ସ୍ପଷ୍ଟ ହୁଏ। ଶବର ଜନଜାତି ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପୂଜା ପରବର୍ତ୍ତୀ ସମୟରେ ହିନ୍ଦୁ ରୀତିନୀତିରେ ଗ୍ରହଣ କରାଯାଇଛି। ଓଡ଼ିଶାର ଆଞ୍ଚଳିକ ପରମ୍ପରା ଏକ ଜନଜାତି ନିରନ୍ତରତାକୁ ପ୍ରତିନିଧିତ୍ୱ କରେ। ରାଜ୍ୟରେ ପ୍ରାୟ ୬୪ ଟି ଆଦିବାସୀ ସମ୍ପ୍ରଦାୟ ଅଛି, ଯାହା ରାଜ୍ୟ ଜନସଂଖ୍ୟାର ୨୩ ପ୍ରତିଶତ। ରାଜ୍ୟରେ ବିପୁଳ ଆଦିବାସୀ ଜନସଂଖ୍ୟାର ଉପସ୍ଥିତି ହିନ୍ଦୁ ଓ ଆଦିବାସୀ ସଂସ୍କୃତିର ମିଶ୍ରଣକୁ ପ୍ରୋତ୍ସାହିତ କରିଛି, ଯାହାମଧ୍ୟରୁ ଶ୍ରୀଜଗନ୍ନାଥ ସଂସ୍କୃତି ବିକଶିତ ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରକୃତି ପୂଜା ଉପରେ ବହୁତ ଗୁରୁତ୍ୱ ଦିଏ। ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ରୀତିନୀତି ପରିବେଶ ସମ୍ବେଦନଶୀଳ, ଯାହା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରେ ଏବଂ ଭାରତର ଅମୂର୍ତ୍ତ ପ୍ରାକୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଆଦିବାସୀ ରୀତିନୀତି ପ୍ରଥା ସହିତ ଜଗନ୍ନାଥ ସଂସ୍କୃତିକୁ ପରସ୍ପର ସହିତ ସଂଯୁକ୍ତ କରୁଥିବା ପ୍ରକୃତିର ପୂଜା ନିମ୍ନମତେ-

୧. ଶ୍ରୀଜଗନ୍ନାଥଙ୍କୁ ଦାରୁବ୍ରହ୍ମ ଭାବରେ ପୂଜା କରାଯାଏ, ଯାହା ଭାରତ କିମ୍ବା ବିଦେଶର ଅନ୍ୟ କୌଣସି ହିନ୍ଦୁ ମନ୍ଦିରରେ ଦେଖାଯାଏ ନାହିଁ। ଏହା ଅନନ୍ୟ, ରହସ୍ୟମୟ ଓ ଅତୁଳନୀୟ। ୨. ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଗିନୀ ସୁଭଦ୍ରା ତ୍ରିମୂର୍ତ୍ତିଙ୍କ ପୂଜା ଓଡ଼ିଶାର ସୌରା ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟର ଭାଇଭଉଣୀ ପୂଜା ସହିତ ସମାନ। ୩. ଅରୁଣ ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ଏବଂ କଳ୍ପବଟ (ବରଗଛ)ଙ୍କ ବୃକ୍ଷ ପୂଜା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ କାଠସ୍ତମ୍ଭ ପୂଜା ସହିତ ସମାନ। ୪. ଜଗନ୍ନାଥ ମନ୍ଦିରର ଦଇତାପତିମାନେ ବିଶ୍ୱାବାସୁଙ୍କ ଉତ୍ତରାଧିକାରୀ ବୋଲି କୁହାଯାଏ। ସେମାନେ ଜଗନ୍ନାଥଙ୍କ ସଭାର ଭକ୍ତ। ସେମାନଙ୍କୁ ଅଣସର ସମୟରେ ପୁରୀ ମନ୍ଦିରରେ ଗୁପ୍ତ ରୀତିନୀତି ଓ ରଥଯାତ୍ରାର ଦାୟିତ୍ୱ ନ୍ୟସ୍ତ କରାଯାଏ। ୫. ଅଣସର ସମୟରେ ଦେବତାମାନଙ୍କର ଅଣସରପଟ୍ଟି (ପାରମ୍ପରିକ ପଟ୍ଟ ଚିତ୍ର) ପୂଜା ଏବଂ ଦେବତାମାନଙ୍କୁ ଔଷଧ ଭାବରେ ନୂତନ ଫଳ, ଫୁଲ ଓ ଔଷଧି ଅର୍ପଣ କରିବା ଆଦିବାସୀ ରୀତିନୀତି ପ୍ରଥା ସହିତ ସମାନତାକୁ ସୂଚିତ କରେ। ୬. ପୁଷ୍ଟିଯୁକ୍ତ ମୂଲ୍ୟ ଓ ଜୀବସାର ସଂରକ୍ଷଣ କରି ମାଟି ପାତ୍ରରେ ବାଷ୍ପ ଦେଇ ସୁଆରମାନେ ପ୍ରତିଦିନ ପ୍ରସ୍ତୁତ ମହାପ୍ରସାଦ ଦେବତାମାନଙ୍କୁ ଅର୍ପଣ କରନ୍ତି ଏବଂ ତା'ପରେ ସମସ୍ତଙ୍କ ଦ୍ୱାରା ଗ୍ରହଣ କରାଯାଏ। ଏହା ବ୍ୟତୀତ, ପୁରୀ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଛପନ ଭୋଗ (ଛପନ ପ୍ରକାରର ନୈବେଦ୍ୟ)ରେ ଓଡ଼ିଶାର ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ। ୭. ପୁରୀ ମନ୍ଦିରରେ ପାଳିତ ପର୍ବଗୁଡ଼ିକ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପାଳିତ ପର୍ବଗୁଡ଼ିକ ସହିତ ବହୁତ ସମାନ। ୮. ନବକଳେବର ରୀତି ହେଉଛି ଓଡ଼ିଶାର ସୌରା, ଗଣ୍ଡ, କନ୍ଧ ଏବଂ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ଆଦିବାସୀ ରୀତି ପ୍ରଥାର ଏକ ବଡ଼ ପ୍ରତିକୃତି, ଯେଉଁମାନେ ଜଗନ୍ନାଥଙ୍କୁ ସେମାନଙ୍କର ମୂଳ ଦେବତା ବୋଲି ଦାବି କରନ୍ତି। ନବକଳେବର ରୀତି ସମୟରେ ଅଙ୍କୁରାରୋପଣ (ବୀଜର ଅଙ୍କୁରିତ ହେବା) ଏବଂ ତା'ପରେ ଯଜ୍ଞ (ଅଗ୍ନି ଯଜ୍ଞ), କାଠ ଦେବତାଙ୍କ ସମାଧି (ମାଟିର ଉର୍ବରତା ବୃଦ୍ଧି) ଏବଂ ଅନ୍ୟାନ୍ୟ ଏପରି ପ୍ରଥା ବୈଜ୍ଞାନିକ, ଆଧ୍ୟାତ୍ମିକ ଏବଂ ନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ବିଭିନ୍ନ ରୀତିନୀତି ଓଡ଼ିଶାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଯଥା ସୌରା, ଗଣ୍ଡ, କନ୍ଧ, ସାନ୍ତାଳ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟ ଦ୍ୱାରା ପାଳନ କରାଯାଉଥିବା ସ୍ୱତନ୍ତ୍ର ପାରମ୍ପରିକ ଜ୍ଞାନ, ମୌଖିକ ପରମ୍ପରା ଏବଂ ରୀତିନୀତି ପ୍ରଥାର ସଂରକ୍ଷଣକୁ ସମର୍ଥନ କରେ। ଏହି ସର୍ବୋତ୍ତମ ପ୍ରଥାଗୁଡ଼ିକୁ ମୂଳତଃ ସଂରକ୍ଷିତ କରାଯିବା ଆବଶ୍ୟକ। ଅସ୍ପଷ୍ଟ ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟ ପରିପ୍ରେକ୍ଷୀରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରାଯିବା ଆବଶ୍ୟକ। ଅଭିଜ୍ଞତାମୂଳକ କ୍ଷେତ୍ର ଆଧାରିତ ଗବେଷଣା ତତ୍ତ୍ୱ ଓ ତଥ୍ୟ ମାଧ୍ୟମରେ ଏହାକୁ ଅଧିକ ପ୍ରଚାର ପ୍ରସାର କରାଯିବା ଆବଶ୍ୟକ। ଏହା ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି, ରୀତିନୀତି ଓ ଭାରତୀୟ ଜ୍ଞାନ ବିଜ୍ଞାନ ସାମ୍ରାଜ୍ୟକୁ ଋଦ୍ଧିମନ୍ତ କରିବାରେ ସହାୟକ ହେବ। ●

(ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ)
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ...

### ଦି' ହାତ...

ସେମାନଙ୍କ ଜୀବନ ଚାଲିଯାଇଛି। ପବିତ୍ର ଘୋଷଯାତ୍ରା ପାଇଁ ଗୁରୁବାର ନୀତିକାନ୍ତିଆରମ୍ଭରୁ ସଅଳ ଚାଲିଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ, ଗୁରୁବାର ସକାଳ ୬ଟାରେ ମଙ୍ଗଳ ଆଳତି ଥିବାବେଳେ ୬ଘଣ୍ଟାଏ ପୂର୍ବରୁ ଅର୍ଥାତ୍ ଭୋର୍ ସାଢ଼େ ୫ଟାରେ ଆଳତି ହୋଇଥିଲା। ସେହିପରି ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ପାଇଁ ନୀତି ନିର୍ଘଣ୍ଟ ହୋଇଥିଲାବେଳେ ୯ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ଲାଗୁଥିଲା ରଥଟଣା ଧାର୍ଯ୍ୟ ସମୟ ପୂର୍ବରୁ ଆରମ୍ଭ ହୋଇଯିବ। କିନ୍ତୁ ସେମିତି ହେଲାନି। ପହଣ୍ଡିରେ ଅଭିମାନ କରିଥିଲେ କଳାଠାକୁର। ଫଳରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ପହଣ୍ଡି ସରିବାକୁ ଧାର୍ଯ୍ୟ ହୋଇଥିବାବେଳେ ଦେଢ଼ଘଣ୍ଟା ବିଳମ୍ବ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ସେହିପରି ୧ ଘଣ୍ଟା ୧୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୫ଟା ୧୦ରେ ଗଡ଼ିଥିଲା ରଥ।

ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଭକ୍ତିମୟ ହୋଇଉଠିଥିଲା ଶ୍ରୀକ୍ଷେତ୍ର। ଯଦିଓ ଦୁଇଦିନ ଧରି ପୁରୀରେ ଲଗାଣ ବର୍ଷା ହେଉଥିଲା, ତଥାପି ବୁଧବାର ସନ୍ଧ୍ୟାରେ ବଡ଼ଦାଣ୍ଡରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗୁରୁବାର ସକାଳୁ ସକାଳୁ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଥିଲା। ରଥାରୂଢ଼ ଠାକୁରଙ୍କ ଦର୍ଶନ ଲାଗି ପୁରୀକୁ ଛୁଟିଆସିଥିଲେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ଗୁରୁବାର ଭୋର ସାଢ଼େ ୫ଟାରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ଚାଲିଥିଲା। ସକାଳ ସାଢ଼େ ୮ଟାରେ ସକାଳଧୂପ ସରିଥିଲା। ୮ଟା ୪୫ରେ ରଥ ପ୍ରତିଷ୍ଠା ପରେ ପୁଷ୍ପାଞ୍ଜଳି ଓ ଡୋରଲାଗି ସରି ବାଜିଥିଲା ବିଜେ କାହାଳୀ। ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ଧାର୍ଯ୍ୟ ସମୟର ୩୦ ମିନିଟ୍ ପୂର୍ବରୁ ସକାଳ ୯ଟାରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ହରିବୋଲ, ହୁଳହୁଳି, ଘଣ୍ଟନାଦ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର ସମ୍ମୁଖ। ପରମ୍ପରା ଅନୁଯାୟୀ ଧାଡ଼ି ପହଣ୍ଡିରେ ଆସିଥିଲେ ଦାରୁବିଗ୍ରହ। ପ୍ରଥମେ ଶ୍ରୀସୁଦର୍ଶନ, ତା'ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ରଥାରୂଢ଼ ହୋଇଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ଅପରାହ୍ନ ସାଢ଼େ ୧ଟା ସୁଦ୍ଧା ରଥରେ ବିଜେ କରିଥିଲେ। ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ସହଜ ସରଳ ରଥାରୂଢ଼ ହୋଇଯାଇଥିଲେ। ହେଲେ ହଠ ଭିଆଇଥିଲେ କଳିଆଠାକୁର। ମାନ କରିବା ଭଳି ଧୀରେ ଧୀରେ ହେଲିଦୋହଲି ଆଗକୁ ବଢ଼ିଥିଲେ। ପ୍ରାୟ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଝୁଲିଥିଲେ ଶରଧାବାଲିରେ ଭାବ ବିନୋଦିଆ କଳା ଠାକୁର ରଥାରୂଢ଼ ହୋଇଥିଲେ। ମଦନମୋହନ, ରାମ ଓ କୃଷ୍ଣ ରଥକୁ ବିଜେ କରିବା ପରେ ମହାପ୍ରଭୁଙ୍କ ଚିତାଲାଗି କରାଯାଇଥିଲା। ଏହାପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କର ଶିଷ୍ୟ ସାଧକଙ୍କ ସହିତ ଆସି ତିନିରଥ ଉପରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶଙ୍କରାଚାର୍ଯ୍ୟ ବିଦାୟ ପରେ ମହାପ୍ରଭୁଙ୍କ ବେଶ କରାଯାଇଥିଲା।

ଠାକୁରଙ୍କ ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ତାମ୍ଜାନରେ ଶ୍ରୀନଅରରୁ ଆସି ଅପରାହ୍ନ ସାଢ଼େ ୩ଟା ସୁଦ୍ଧା ରଥ ପାଖରେ ପହଞ୍ଚିଥିଲେ। ବିଧି ଅନୁଯାୟୀ, ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଛେରାପହଁରା ସାରି ୪ଟା ୪୦ରେ ଫେରିଯାଇଥିଲେ। ଛେରାପହଁରା ଅପରାହ୍ନ ୩ଟା ସୁଦ୍ଧା ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ଗଜପତି ପ୍ରଥମେ ତାଳଧ୍ୱଜ ରଥରେ ଛେରାପହଁରା ସାରିବା ପରେ ବଡ଼ଠାକୁରଙ୍କ ରଥରେ ଚାରମାଳ ଫିଟା ଯାଇ ଘୋଡ଼ା ଓ ସାରଥୀ ଲାଗିଥିଲା। ଅପରାହ୍ନ ୪ଟାରେ ରଥଟଣା ଯିବାକୁ ଧାର୍ଯ୍ୟ ହୋଇଥିବାବେଳେ ୧ ଘଣ୍ଟା ୧୦ ମିନିଟ୍ ବିଳମ୍ବରେ ଅର୍ଥାତ୍ ୫ଟା ୧୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଏବଂ ଘଣ୍ଟ ମାଦଳରେ ପ୍ରଥମେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥକୁ ଟାଣିଥିଲେ ଭକ୍ତ। ଏହା ପରେ ସନ୍ଧ୍ୟା ୬ଟା ୧୦ରେ ଦେବଦଳନ ରଥଟଣାଯାଇଥିଲା। ଶେଷରେ ବିଧି ରକ୍ଷା ପାଇଁ ନନ୍ଦିଘୋଷ ରଥ ସନ୍ଧ୍ୟା ୭ଟା ୧୦ରେ ଟଣାଯାଇଥିଲା। ସିଂହଦ୍ୱାରଠାରୁ ମାତ୍ର ଦି' ହାତ ନନ୍ଦିଘୋଷ ଆଗକୁ ଗଡ଼ିବା ପରେ ରଥଟଣା ବନ୍ଦ ରହିଛି। ତେବେ ରଥ ଆଡ଼କୁ ଯିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମରିଚିକୋଟ ଛକରେ ଠେଲାପେଲା ଏବଂ ଦଳାଚକଟା ଘଟି ଅନେକ ଶ୍ରଦ୍ଧାଳୁ ତଳେ ପଡ଼ିଯାଇଥିଲେ। ସେମାନଙ୍କ ଉପରେ ଅନ୍ୟମାନେ ଚଢ଼ିଯିବାରୁ ବହୁ ଭକ୍ତ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ସେମାନଙ୍କୁ ସୁରକ୍ଷା କର୍ମୀ ଓ ଅନ୍ୟ ଶ୍ରଦ୍ଧାଳୁମାନେ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ମୃତକ ଦୁଇଜଣ ହେଉଛନ୍ତି କଟକର ଅନିଲ କୁମାର ଦାସ ଏବଂ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟପ୍ରକାଶ ରାଓ।

ଅପରପକ୍ଷେ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଅଟକି ରହିଥିବା ତିନିରଥ ଚତୁଃପାର୍ଶ୍ୱକୁ କର୍ଡନ କରାଯାଇ ଲାଇଟ୍ ଲଗାଯାଇଛି। ଫଳରେ ଶ୍ରଦ୍ଧାଳୁମାନେ ରାତିରେ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିପାରିବେ। ରଥ ଉପରେ ହିଁ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସକାଳେ ବଡ଼ଦାଣ୍ଡରେ ଅଟକିଥିବା ତିନିରଥ ଟଣାଯିବ। ଶନିବାର ଅପରାହ୍ନ ପର୍ଯ୍ୟନ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏହାପରେ ଅନୁଷ୍ଠିତ ହେବ ଠାକୁରଙ୍କ ଆଡ଼ପ ପହଣ୍ଡି। ଗୋଟି ପହଣ୍ଡିରେ ବିଜେ ହୋଇ ଆଡ଼ପମଣ୍ଡପକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି। ଆଉ ଏହା ପରଠାରୁ ଜନ୍ମବେଦୀରେ ଆରମ୍ଭ ହେବ ମହାପ୍ରଭୁଙ୍କ ଲୀଳାଖେଳା।

### ବିନା ଟାହିଆରେ...

ସାତ ପାହାଚରେ ତାଙ୍କ ମସ୍ତକରେ ଟାହିଆ ଲାଗି ହୋଇଥିଲା। କିନ୍ତୁ ୨୨ ପାହାଚ ଅତିକ୍ରମ କରି ସିଂହଦ୍ୱାର ଗୁମ୍ଫ ପାଖରେ ପହଞ୍ଚିବା ବେଳକୁ ଟାହିଆ ଦେଖିବାକୁ ମିଳି ନ ଥିଲା। କେଉଁ ପରିସ୍ଥିତିରେ କିଭଳି ଘଟିଲା ତାହା ବୁଝାପଡ଼ି ନ ଥିଲା। ଅନ୍ୟପକ୍ଷରେ ବିନା ଟାହିଆରେ ମହାପ୍ରଭୁଙ୍କୁ ଦେଖି ଲକ୍ଷ ଲକ୍ଷ ଭକ୍ତ, ଗବେଷକ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ। ଏତେ ବଡ଼ ସେବା ଓ ନୀତିକାନ୍ତିରେ ଏଭଳି ସମନ୍ୱୟର ଅଭାବ ଏବଂ ପ୍ରଶାସନିକ ବିଭ୍ରାଟ କେମିତି ହେଲା ବୋଲି ପରସ୍ପରକୁ ପ୍ରଶ୍ନ କରିଥିଲେ। ଏହି ଅଘଟଣ ଜାଣିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁଲିସ ଡିଜି, ଏସ୍‌ପି, ଜିଲ୍ଲାପାଳ ସମସ୍ତେ ବିବ୍ରତ ହୋଇପଡିଥିଲେ। ଶେଷକୁ ବିନା ଟାହିଆରେ ସିଂହଦ୍ୱାର ଗୁମ୍ଫ ଅତିକ୍ରମ କରି ବଡ଼ଦାଣ୍ଡକୁ ବିଜେ କରିଥିଲେ କଳାଠାକୁର।

ତିନିବର୍ଷ ଧରି ଲଗାତର ରଥଯାତ୍ରାରେ ଏଭଳି ଅଘଟଣ ପଛରେ ପରିଚାଳନାଗତ ତ୍ରୁଟି ନା ଆଉ କିଛି କାରଣ ରହିଛି? ଏମିତି ପ୍ରଶ୍ନବାଚୀ ସମସ୍ତଙ୍କ ମନରେ ସୃଷ୍ଟି ହେବା ସ୍ୱାଭାବିକ। ତେବେ ଚଳିତବର୍ଷ ରଥଯାତ୍ରାକୁ ସମ୍ପୂର୍ଣ୍ଣ ତ୍ରୁଟିହୀନ କରିବାକୁ ରାଜ୍ୟ ସରକାର ଘନ ଘନ ବୈଠକ କରିଥିଲେ ହେଁ ଠିକଣା ବେଳକୁ ସବୁ ଫେଲ୍ ମାରିଛି। ବର୍ଷା ଯୋଗୁଁ ଟାହିଆ ଓଜନିଆ ହୋଇ ନଷ୍ଟ ହେବାରୁ ଏହାକୁ ଖୋଲି ଦିଆଯାଇଥିଲା ବୋଲି ଜଣେ ସେବାୟତ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି। କିନ୍ତୁ ଅନ୍ୟଜଣେ ବରିଷ୍ଠ ସେବାୟତ ଦାମୋଦର ପ୍ରଧାନୀ କହିଛନ୍ତି, ମହାପ୍ରଭୁଙ୍କ ମସ୍ତକରେ ଟାହିଆ ନ ରହିବା ଏହା ଅଶୁଭ ସୂଚନା ଦେଉଛି। ବିଗତ ବର୍ଷମାନଙ୍କରେ ସିଂହଦ୍ୱାର ଗୁମ୍ଫ ଅତିକ୍ରମ ପରେ ବି ସେମିତି ଟାହିଆ ଅକ୍ଷତ ଥିବା ଆମେ ଦେଖିଛୁ। ପହଣ୍ଡି ଏପରି କି, ଚାରମାଳ ଉପରେ ଚଢ଼ିବା ବେଳେ ଦୋହଲାୟମାନ ଟାହିଆ ବେଶ୍ ଆକର୍ଷଣୀୟ ଲାଗିଥାଏ। ରୁଖା ପୂର୍ବରୁ ଏହାକୁ ଖୋଲି ରଖାଯାଏ। ପହଣ୍ଡିରେ ଟାହିଆ ମଣ୍ଡିତ ମହାପ୍ରଭୁ ଝୁଲି ଝୁଲି ଯିବାର ଅପୂର୍ବ ଦୃଶ୍ୟ ଉପଭୋଗ କରନ୍ତି ଶ୍ରଦ୍ଧାଳୁ। ପ୍ରଭୁ କ'ଣ ଚାହୁଁଛନ୍ତି ସେ କେବଳ ଜାଣିଥିବେ ବୋଲି ଶ୍ରୀ ପ୍ରଧାନୀ କହିଛନ୍ତି। ସେହିପରି ପରିଚାଳନା କମିଟି ସଦସ୍ୟ ମହେଶ୍ୱର ସାହୁ କହିଛନ୍ତି, ମହାପ୍ରଭୁ ବିନା ଟାହିଆରେ ବାହାରି ନାହାନ୍ତି। ନୀତି ନିୟମ ଅନୁଯାୟୀ ସାତପାହାଚରେ ଶ୍ରୀମସ୍ତକରେ ଟାହିଆ ଲାଗି ହୋଇଥିଲା। କିଛି ବାଟ ଆସିବା ପରେ ଏଭଳି ଦୃଶ୍ୟ। ଏହା ମହାପ୍ରଭୁଙ୍କର ଏକ ଲୀଳା ହୋଇଥାଇପାରେ ବୋଲି ସେ ମତ ରଖିଛନ୍ତି।

ବର୍ଷାରେ ଟାହିଆ ନଷ୍ଟ ହୋଇଯିବା କଥାକୁ କିନ୍ତୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଭକ୍ତ। ମହାପ୍ରଭୁଙ୍କ ପହଣ୍ଡି ସମୟରେ ଏମିତି ବର୍ଷା ହେଉ ନ ଥିଲା ଯେ, ଟାହିଆ ନଷ୍ଟ ହୋଇଯିବ। ଯଦି ବର୍ଷାରେ ଟାହିଆ ନଷ୍ଟ ହେବାର ପୂର୍ବରୁ ନଜିର ଥିଲା ତେବେ ୫ ଦିନ ଆଗରୁ ଲଘୁଚାପ ବର୍ଷା ସୂଚନା ମିଳିଥିଲେ ମଧ୍ୟ ବିକଳ୍ପ ପ୍ରସ୍ତୁତି ନ ଥିଲା କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଯଦିବି ଟାହିଆ ନଷ୍ଟ ହେଲା ସେହିଭଳି ଉଗ୍ରୀଂଶ ଶ୍ରୀମସ୍ତକରେ ଥିଲେ କେଉଁଠି ଅସୁବିଧା ନ ଥିଲା। ବିନା ଟାହିଆରେ କାଳିଆ ଠାକୁରଙ୍କୁ ଏମିତି ପହଣ୍ଡିରେ ଅଣାଯିବା ଆଘାତ ଦେଉଛି ବୋଲି କହିଛନ୍ତି। ଅପରପକ୍ଷେ ଟାହିଆ ଖସିଯିବା ପରେ ଭିଡ଼ିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ହୋଇପାରିଲା ନାହିଁ। ତେଣୁ ପହଣ୍ଡି ବିଳମ୍ବ ହେଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

'ଟାହିଆ' କେବଳ ଏକ ସାଧାରଣ ସାଜସଜ୍ଜା ଜିନିଷ ନୁହେଁ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ରଥଯାତ୍ରା ପରମ୍ପରାରେ ଏହାର ଏକ ଗଭୀର ଆଧ୍ୟାତ୍ମିକ, ତାତ୍ତ୍ୱିକ ଏବଂ ଐତିହାସିକ ଗୁରୁତ୍ୱ ରହିଛି। ଏହାକୁ 'ଇଚ୍ଛାଧୀନ' ବା 'ଅନାବଶ୍ୟକ' କୁହାଯାଇପାରିବ ନାହିଁ। ଧାଡ଼ି ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ଼ଠାକୁର ଶ୍ରୀବଳଭଦ୍ର କେବଳ ଚାଲନ୍ତି ନାହିଁ ବରଂ ଏକ ସ୍ୱତନ୍ତ୍ର ଛନ୍ଦରେ ଝୁଲିଝୁଲି ଆଗକୁ ବଢ଼ନ୍ତି। ଏହାକୁ 'ପହଣ୍ଡି ଗତି' କୁହାଯାଏ। ଏହି ଭାରି ଓ ବିଶାଳ ଟାହିଆଟି ସେହି ଝୁଲଣ ଗତି ସହିତ ତାଳ ଦେଇ ଆଗପଛ ହୋଇ ଦୋହଲୁଥାଏ। ଏହା ଦେଖିବାକୁ ଅତ୍ୟନ୍ତ ମନୋରମ ଲାଗେ। ଟାହିଆ ବିନା ପହଣ୍ଡିର ସେହି ପାରମ୍ପରିକ ଗୌରବ ଏବଂ ଆଧ୍ୟାତ୍ମିକ ଛନ୍ଦ ଅଧୁରା ରହିଯାଏ।

### ଭକ୍ତଙ୍କ ସୁରକ୍ଷା...

ଭକ୍ତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏପରି ଦୁଃଖଦ ସମୟରେ ସଭିଙ୍କ ସହାୟତା ପାଇଁ ବିଜୁ ଜନତା ଦଳର ସମସ୍ତ କର୍ମୀ ପୂର୍ଣ୍ଣ ସହଯୋଗ ଯୋଗାଇ ଦେବେ। ମୁଁ ଆଶା କରୁଛି ରାଜ୍ୟ ସରକାର ଭିଡ଼ ପରିଚାଳନା ସଠିକ ଭାବେ କରି ଭକ୍ତଙ୍କ ସୁବିଧା ତଥା ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ କହିଛନ୍ତି।

# ନବୀନଙ୍କ ନିର୍ଦ୍ଦେଶରେ ମୃତାହତଙ୍କ ପରିବାରକୁ ଭେଟିଲା ବିଜେଡି

ଭୁବନେଶ୍ୱର,୧୬।୭ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରଥଯାତ୍ରାରେ ଦଳାଚକଟାରେ ଆହତ ଭକ୍ତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭେଟି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ଉମାକାନ୍ତ ସାମନ୍ତରାୟ ଓ ସୁଭାଶିଷ ଖୁଣ୍ଟିଆ। ଏହି ନେତାମାନେ ରଥଯାତ୍ରାରେ ଦଳାଚକଟାରେ ୨ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ସୂଚନା ପ୍ରଦାନ ସହ ରଥଯାତ୍ରା ପରିଚାଳନାରେ ଚରମ ଅସଫଳତା ପାଇଁ ରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ଦାୟିତ୍ୱ ନେଇଥିବା ସରକାର ଏଥିରେ କାହିଁକି ବିଫଳ ହେଲେ, ତାହାର ଜବାବ ଓ ସମ୍ପୂର୍ଣ୍ଣ ତଦନ୍ତ




ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

ଏହି ଅବସରରେ ଶ୍ରୀ ଦାସବର୍ମା କହିଛନ୍ତି ଯେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଦୁଇ ଜଣ ଭକ୍ତଙ୍କ ମୃତ୍ୟୁ ଖବର ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ। ଏହି ଦୁଃଖର ମୁହୂର୍ତ୍ତରେ ମୃତକଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଆହତ ଭକ୍ତମାନଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭେଟି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଜାଣିବା ସହିତ ଶୀଘ୍ର ଆରୋଗ୍ୟ କାମନା କରିଛି। ଗୁରୁବାର ସକାଳ ୮ ଟାରୁ ବର୍ତ୍ତମାନ ସୁଦ୍ଧା ୩୬୨ ଜଣ ଭକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨୧ ଜଣ ଗୁରୁତର ଆହତ ଏବଂ ୨୩୩ ଜଣ ଆଂଶିକ ଆହତ ତଥା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତ ବ୍ୟକ୍ତିମାନଙ୍କ ପରିବାରକୁ ୨୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଏବଂ ସମସ୍ତ ଗୁରୁତର ଆହତ (ଟ୍ରମା୍ କେସ୍) ଭୁବନେଶ୍ୱରର ବିଭିନ୍ନ ଘରୋଇ ହସ୍ପିଟାଲ ତଥା ଏମ୍ସକୁ ଉତ୍ତମ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଉ। ସମସ୍ତ ଆହତ ଓ ଚିକିତ୍ସିତ ହେଉଥିବା ଭକ୍ତ ମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ବ୍ୟବସ୍ଥା କରନ୍ତୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ମୃତକଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏବଂ ଆହତ ସମସ୍ତ ଭକ୍ତଙ୍କୁ ଶୀଘ୍ର ସୁସ୍ଥ କରନ୍ତୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଗଞ୍ଜେଇ ମାଫିଆଙ୍କ ସହ ଇନ୍ସପେକ୍ଟରଙ୍କ ଲିଙ୍କ୍

ମନମୁଣ୍ଡା,୧୬।୭ (ସମିସ): ବୌଦ୍ଧ ଜିଲ୍ଲାରେ ରକ୍ଷକ ଭକ୍ଷକ ସାଜିଛି। ପୁଲିସକୁ କଳଙ୍କ ଲାଗିଛି। ନିଶା ମୁକ୍ତ ଓଡିଶା ଅଭିଯାନ ଆରମ୍ଭ କରିଥିବା ପୁଲିସ ହିଁ ନିଶା କାରବାରରେ ସମ୍ପୃକ୍ତ ରହିଛି। ପୂର୍ବରୁ ଜିଲ୍ଲାରେ କେତେକ ରିଜର୍ଭ ପୁଲିସ, କନେଷ୍ଟବଳ, ହୋମ୍ ଗାର୍ଡ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା ପ୍ରମାଣ ମିଳିଛି। ସେମାନଙ୍କୁ ନିଲମ୍ବିତ କାରାଯାଇଛି। ଏପରିକି ଚାକିରିରୁ ବହିଷ୍କାର କରାଯାଇଛି। କେତେଜଣ ମଧ୍ୟ ଜେଲ୍ ଯାଇଛନ୍ତି। ବର୍ତ୍ତମାନ ଜଣେ ଇନ୍ସପେକ୍ଟର ଏଥିରେ ଯୋଡ଼ି ହୋଇଛନ୍ତି। ଏହି ଇନ୍ସପେକ୍ଟର ଜଣକ ହେଉଛନ୍ତି ମନମୁଣ୍ଡା ଥାନାର ପୂର୍ବତନ ଆଇଆଇସି ସସ୍ମିତା ମଗର। ବର୍ତ୍ତମାନ ସେ ବୌଦ୍ଧ ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ। ଗଞ୍ଜେଇ ଚୋରାଚାଲାଣରେ ସେ ମାଫିଆଙ୍କୁ କେବଳ ସହଯୋଗ କରି ନାହାନ୍ତି; ବରଂ ପୁଲିସ ତଥା ଗୃହ ବିଭାଗ ସହ ବିଶ୍ୱାସଘାତକ କରିଛନ୍ତି। ତେବେ ଏହା କୌଣସି ମନଗଢ଼ା କାହାଣୀ ବା ଉଡ଼ା ଖବର ନୁହେଁ। ଖୋଦ୍ ପଡ଼ୋଶୀ ସୁବର୍ଣ୍ଣପୁର ଜିଲ୍ଲାର ଏସ୍‌ପି ମାର୍ଚ୍ଚ ମାସରେ ଏଭଳି ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ବୌଦ୍ଧ ଏସ୍‌ପିଙ୍କୁ ପ୍ରମାଣ ସହ ଚିଠି ଚିଠି ଲେଖିଛନ୍ତି। ଇନ୍ସପେକ୍ଟର ସସ୍ମିତା ମଗର ଗଞ୍ଜେଇ ମାଫିଆଙ୍କ ସହ ସମ୍ପୃକ୍ତିର ଚାଟିଂର ନକଲ ମଧ୍ୟ ଦେଇଛନ୍ତି। ଗୁରୁବାର ସାମାଜିକ ଗଣମାଧ୍ୟମରେ ଏହି ଚାଟିଂ ଭାଇରାଲ ହେବା ପରେ ଘଟଣା ପ୍ରଘଟ ହୋଇଛି।

ସୁବଲୟା ଥାନା କେସ୍ ନମ୍ବର ୧୪ (୧୮।୦୧।୨୦୨୬)ରେ ଏକ ମାମଲା ରୁଜୁ କରାଯାଇଥିଲା; ଯେଉଁଥିରେ ଗାଡ଼ି ନମ୍ବର ଏନ୍‌ଏଲ୍ ୦୧ ଏନ୍‌୬୯୧୪ ସହ ୫.୯୩ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାରେ ୨ ଜଣ ଆନ୍ତଃରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ମନମୁଣ୍ଡା ଥାନା ଅଧୀନ ଏକ ଢାବା ନିକଟରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ ଏବଂ ମନମୁଣ୍ଡା ଥାନା ଅଧୀନ ଗୁଛାବାଡ଼ି ଗ୍ରାମର ସପ୍ଲାୟର୍ସ ପରେଶ ସାହୁ ଏବଂ ସତ୍ୟ ସାହୁଙ୍କ ଦ୍ୱାରା ଏହି ଗଞ୍ଜେଇ ଲୋଡ୍ କରାଯାଇଥିଲା ବୋଲି ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହି ମାମଲାର ଫେରାର ଅଭିଯୁକ୍ତଙ୍କୁ କାବୁ କରିବା ପାଇଁ ସୁବର୍ଣ୍ଣପୁର ପୁଲିସ ଦ୍ୱାରା ମାମଲା ରୁଜୁ କରାଯାଇଥିଲା; କିନ୍ତୁ ନିର୍ଦ୍ଦିଷ୍ଟ ସ୍ଥାନଗୁଡିକରେ ଅଭିଯୁକ୍ତଙ୍କ ଉପସ୍ଥିତି ବାବଦରେ ନିର୍ଦ୍ଦିଷ୍ଟ ସୂଚନା ଥାଇ ମଧ୍ୟ ସେମାନଙ୍କ ମଧ୍ୟରୁ କାହାକୁ ଗିରଫ କରାଯାଇପାରି ନ ଥିଲା। ମନମୁଣ୍ଡା ଥାନା ଆଇଆଇସିଙ୍କ ଦ୍ୱାରା ଚଢ଼ଉ ପୂର୍ବରୁ ଅପରାଧୀମାନଙ୍କ ସହ ସଲାସୁତୁରା/ସହଯୋଗ ଏବଂ ସୂଚନା ପ୍ରଦାନ କରାଯାଉଥିବା ହେତୁ ଅଭିଯୁକ୍ତମାନେ



■ ଚୋରା ଚାଲାଣରେ ସହଯୋଗ କରୁଥିଲେ
■ ବୌଦ୍ଧ ଏସ୍‌ପିଙ୍କୁ ସୁବର୍ଣ୍ଣପୁର ଏସ୍‌ପିଙ୍କ ଚିଠି
■ ମାର୍ଚ୍ଚ ମାସରୁ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ଶୂନ
■ ହ୍ୱାଟ୍ସଆପ୍ ଚାଟିଂ ଭାଇରାଲ ପରେ ଘଟଣା ପ୍ରଘଟ

ଗିରଫ ହେବାରୁ ସକ୍ଷମ ହେଉଥିଲେ ବୋଲି ସୁବର୍ଣ୍ଣପୁର ପୁଲିସ ଗୋପନୀୟ ସୂଚନାରୁ ଜାଣିବାକୁ ପାଇଥିଲା। ସେହିଭଳି ସୁବର୍ଣ୍ଣପୁର ଜିଲ୍ଲାର ପୁଲିସ ଅଧିକାରୀଙ୍କ ଏକ ଟିମ୍ ସହ ସାଧାରଣ ପୋଷାକରେ ଥିବା ଏକ ପୁଲିସ ଟିମ୍ ମନମୁଣ୍ଡା ଥାନାକୁ କୌଣସି ସୂଚନା ନ ଦେଇ କିମ୍ବା ମନମୁଣ୍ଡା ଥାନାର ପୁଲିସ ସହାୟତା ନ ନେଇ ମନମୁଣ୍ଡା ଥାନା ଅଞ୍ଚଳରେ ଅଭିଯୁକ୍ତ ୱେବ୍ ସାମ୍ବାଦିକ ପ୍ରଶାନ୍ତ ପ୍ରଧାନର ଲୁଚିବା ସ୍ଥାନରେ ଚଢ଼ଉ କରିଥିଲା। ସେହିଦିନ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନକୁ କାବୁ କରାଯାଇଥିଲା। ତା ପରେ ମନମୁଣ୍ଡା ପୁଲିସକୁ ଅବଗତ କରାଯାଇଥିଲା। ଯେତେବେଳେ ଅଭିଯୁକ୍ତ ସୋନପୁର ପୁଲିସର ହେପାଜତରେ ଥିଲା ସେତେବେଳେ ମନମୁଣ୍ଡା ଥାନାର ପୂର୍ବତନ ଆଇଆଇସି ସସ୍ମିତା ମଗର ମଧ୍ୟ ଅଭିଯୁକ୍ତ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ସେହି ସମୟରେ ଅଭିଯୁକ୍ତର ଫୋନ୍ ପୁଲିସ ହେପାଜତରେ ଥିଲା; ଯେଉଁଥିପାଇଁ ଆଇଆଇସିଙ୍କ ଦ୍ୱାରା ତାଙ୍କୁ ସୂଚନା ପଠାଯାଇପାରି ନ ଥିଲା। ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ ଗିରଫ ହେବା ପରେ ତା'ଠାରୁ ୩ ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା; ଯେଉଁଥିରୁ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ ବ୍ୟବହାର କରୁଥିବା ମୋବାଇଲ୍‌ରେ ମନମୁଣ୍ଡା ଥାନା ଆଇଆଇସି ସସ୍ମିତା ମଗରଙ୍କ ମଧ୍ୟରେ ସାଧାରଣ କଲ୍ ଏବଂ ହ୍ୱାଟସଆପ୍ କଲ୍ ମାଧ୍ୟମରେ ନିରନ୍ତର ଯୋଗାଯୋଗ ହୋଇଥିବା ଜଣାପଡିଛି। ମନମୁଣ୍ଡା ଥାନା ଆଇଆଇସିଙ୍କ ନିର୍ଦ୍ଦେଶ ଅନୁଯାୟୀ ସୋନପୁର ପୁଲିସ ଟିମ୍‌ର ଚଢ଼ଉ ଯୋଜନା ବିଷୟରେ ସେମାନଙ୍କୁ ଗିରଫରୁ ବଞ୍ଚାଇବା ପାଇଁ ଜଣାଇଥିବା କଥା ସ୍ୱୀକାର କରିଥିଲା। ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନର ଜବତ ହୋଇଥିବା ମୋବାଇଲ୍ ଫୋନର ଯାଞ୍ଚରୁ ହ୍ୱାଟସଆପ୍ ଚାଟ୍‌ରେ ଏହା ପ୍ରମାଣିତ ହୋଇଛି।

ଇନ୍ସପେକ୍ଟର ସସ୍ମିତା ମଗରଙ୍କ ଆଚରଣର ତଦନ୍ତ କରିବା ଏବଂ ଏଭଳି କାର୍ଯ୍ୟ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁବର୍ଣ୍ଣପୁର ଏସ୍‌ପି ଗତ ମାର୍ଚ୍ଚ ମାସରୁ ବୌଦ୍ଧ ଏସ୍‌ପିଙ୍କୁ ଚିଠି କରିଛନ୍ତି। ବୌଦ୍ଧ ଏସ୍‌ପି ମଧ୍ୟ ଇନ୍ସପେକ୍ଟର ସସ୍ମିତା ମଗରଙ୍କୁ କୈଫିୟତ୍ ମାଗିଥିଲେ; କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ କଥା ଉଠୁଛି ଇନ୍ସପେକ୍ଟର ସସ୍ମିତା ମଗରଙ୍କ ଏତେ ସାହସ କିପରି ହେଉଥିଲା, ସେ ଆଉ କାହାର ସାହସରରେ ଏପରି କରୁ ନ ଥିଲେ ତ, ଗଞ୍ଜେଇ ବ୍ୟବସାୟୀ ବା ମାଫିଆଙ୍କଠାରୁ ପାଉଥିବା ଲକ୍ଷ ଲକ୍ଷ ଟଙ୍କା କ'ଣ ସେ ଏକା ନେଉଥିଲେ ନା ଏଥିରେ ବିଭାଗର ଆଉ କୌଣସି ବଡ଼ ବାବୁଙ୍କ ଭାଗ ଥିଲା? ବୌଦ୍ଧ ଲୋକଙ୍କ ମଧ୍ୟରେ ଏମିତି ଅନେକ ପ୍ରଶ୍ନ ଆଉ ସନ୍ଦେହ ସୃଷ୍ଟି ହୋଇଛି। ଆଉ ଏକ ପ୍ରସଙ୍ଗ ହେଉଛି ଏହି ଘଟଣା ଚପିଯିବ ନା ଏହାର ପର୍ଦ୍ଦାଫାସ ହେବ? ଯାହା ଜଣା ପଡୁଛି ବଦନାମ ହେବା ଆଉ ଧରା ପଡ଼ିଯିବା ଭୟରେ ପୁଲିସର ବଡ଼ବାବୁମାନେ ଏହତି ଘଟଣାକୁ ମିଳିମିଶି ଚାପି ଦେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।


**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 10/07/2026 ଦ୍ୱାରା ଟେଣ୍ଡର ନଂ. RTM-2026-27-56 ର ପ୍ରକାଶନ ପାଇଁ ଏହି କାର୍ଯ୍ୟାଳୟର ସମସଂଖ୍ୟକ ପତ୍ର ଜାରି କରାଯାଇଥିଲା। ଟେଣ୍ଡରରେ ଅତିରିକ୍ତ ବିଶେଷ ସର୍ତ୍ତ ଯୋଡ଼ିବା ପାଇଁ ସଂଶୋଧନ ନଂ. 1 ଜାରି କରାଯାଇଛି। ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-160

Like us on: facebook.com/WesternRly

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ ବିଜ୍ଞପ୍ତି**

NIT ନଂ. W/623/5/1/NIT, ତାରିଖ 04/07/2026। ନଂ. RTM-2026-27-64 କୁ ଏହି କାର୍ଯ୍ୟାଳୟର ସମସଂଖ୍ୟକ ପତ୍ର ମାଧ୍ୟମରେ ପ୍ରକାଶନ ପାଇଁ ପଠାଯାଇଥିଲା। ନିବିଦାରେ ଅତିରିକ୍ତ ବିଶେଷ ସର୍ତ୍ତ ଯୋଡ଼ିବା ପାଇଁ ସଂଶୋଧନ ନଂ. 5 ଜାରି କରାଯାଇଛି। ସର୍ତ୍ତାବଳୀ www.ireps.gov.in ୱେବସାଇଟରେ ଉପଲବ୍ଧ।

SNP-159

Like us on: facebook.com/WesternRly

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ**

W/623/NIT/1, ତାରିଖ: 13/07/2026। ଟେଣ୍ଡର ନଂ. RTM-2026-27/61। କାର୍ଯ୍ୟର ନାମ- (1) ଚନ୍ଦେରିଆ-ରତଲାମ ସେକ୍ସନରେ ଚିତ୍ତୌଡ଼ଗଡ଼, ନିମ୍ବାହେରା ଏବଂ ଶମ୍ଭୁପୁରା ଷ୍ଟେସନରେ ଆନୁଷଙ୍ଗିକ ସୁବିଧା ସହିତ ମେସିନ୍ ସାଇଡିଂ ପ୍ରଦାନ କରିବା, (2) ରତଲାମ-ଖଣ୍ଡୱା ସେକ୍ସନରେ ନଉଗାୱାନ, ବରନାଗର ଏବଂ ପାଲିଆ ଷ୍ଟେସନରେ ଆନୁଷଙ୍ଗିକ ସୁବିଧା ସହିତ ମେସିନ୍ ସାଇଡିଂ ପ୍ରଦାନ କରିବା ଏବଂ (3) ଚନ୍ଦେରିଆ-ରତଲାମ-ଖଣ୍ଡୱା ସେକ୍ସନରେ SSE (P/W) NMH, JAO, BNG, DADN ଏବଂ KNW ଅଧୀନରେ ମୋଟ 11.0 ଟ୍ରାକ୍ କି.ମି. ପରିମାଣର କାଜୁଆଲ୍ ରେଳ ନବୀକରଣ କାର୍ଯ୍ୟ। ଉକ୍ତ ଟେଣ୍ଡର, ଯାହା 05/08/2026 ତାରିଖରେ ଖୋଲାଯିବାକୁ ଥିଲା, ତାହାକୁ ସଂଶୋଧନ କରାଯାଇ IREPSରେ ଅଦ୍ୟତନ କରାଯାଇଛି।

| ବିବରଣୀ | ବର୍ତ୍ତମାନ | ସଂଶୋଧିତ |
| --- | --- | --- |
| ଆନୁମାନିକ ମୂଲ୍ୟ | ₹105091357.46 | ₹108453923.85 |
| ଅମାନତ ଜମା | ₹2101800.00 | ₹2169100.00 |
| ନୂତନ ସାମଗ୍ରୀ ସଂଯୋଜନ | "ବାଲାଷ୍ଟ ଯୋଗାଣ ପାଇଁ WR USSOR ଆଇଟମଗୁଡ଼ିକ" | |

SNP-158

Like us on: facebook.com/WesternRly

**AFFIDAVIT**

By virtue of an affidavit before the Executive Magistrate, Daspalla, on dt.02.07.2026, I, Jhili Naik, W/o- Late Chittaranjan Naik, Vill/P.O. Tendabadi, P.S. Daspalla, Dist. Nayagarh, Odisha do hereby declare that I have changed my minor daughter's name from "Rachana Naik" to "Archana Naik". Henceforth, she shall be known as **"Archana Naik"** for all purposes.

**Sd/- Jhili Naik**

**AFFIDAVIT**

I BALAJI SINGH SABHARWAL / BAIJIT SABHARWAL/BALAJIT SINGH/ S/O SANTOKH SINGH, RESIDENT AT- SHELTER CHHAK, MARWARI BAGICHHA, PO- TULASIPUR, PS- LALBAG, CUTTACK-753008 ODISHA DECLARE BY THIS AFFIDAVIT NO- 10662, DT - 15.07.2026. THAT NOW ON WARDS I SHALL BE KNOWN AS **BALJIT SINGH** FOR ALL FEATURES PURPOSES


**ପୁରୀ ରଥଯାତ୍ରାରେ ଅଘଟଣ ପ୍ରସଙ୍ଗ**

# ତ୍ରୁଟିଶୂନ୍ୟ ରଥଯାତ୍ରା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ

ଭୁବନେଶ୍ୱର,୧୬।୭ (ସମିସ): ପବିତ୍ର ପୁରୀ ରଥଯାତ୍ରା ଅବସରରେ ଦଳାଚକଟା ଯୋଗୁଁ ଦୁଇଜଣ ଶ୍ରଦ୍ଧାଳୁଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଏହାସହିତ ଶତାଧିକ ଭକ୍ତ ଆହତ ହୋଇଛନ୍ତି। ଏହି ଘଟଣାରେ ବିଜେଡି ଶୋକ ପ୍ରକାଶ କରିବା ସହ ରଥଯାତ୍ରାକୁ ତ୍ରୁଟିଶୂନ୍ୟ କରିବା ଲାଗି ସରକାରଙ୍କୁ ଅନୁରୋଧ କରିଛନ୍ତି।

ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ମୃତ ଭକ୍ତଙ୍କ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି ଆହତ ସମସ୍ତ ଭକ୍ତଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରିଛନ୍ତି। ରାଜ୍ୟ ସରକାରଙ୍କୁ ଆହତ ସମସ୍ତ ଭକ୍ତଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସହ ପ୍ରଭାବିତ ପରିବାରମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପବିତ୍ର ଧାର୍ମିକ ମହୋତ୍ସବ ମଧ୍ୟରୁ ଅନ୍ୟତମ ଅଟେ। ଯେଉଁଥିରେ କି ଦେଶ ତଥା ବିଦେଶରୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷର ରଥଯାତ୍ରାରେ ଘଟି ଯାଇଥିବା ଏହିପରି ଦୁର୍ଭାଗ୍ୟଜନକ ଘଟଣା ସମସ୍ତ ଭକ୍ତଙ୍କୁ ଗଭୀର ମର୍ମାହତ କରିଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରଥଯାତ୍ରା ସମୟରେ ଜଣେ ଭକ୍ତଙ୍କର ମୃତ୍ୟୁ ଘଟିଥିବା ବେଳେ ୧୫୦ରୁ ଅଧିକ ଭକ୍ତ ଭିଡଜନିତ ଅଘଟଣ ଓ ଅନ୍ୟାନ୍ୟ ଦୁର୍ଘଟଣାରେ ଆହତ ହୋଇଛନ୍ତି। ପୁରୀ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଘୋଷଯାତ୍ରା ବେଳେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେଉଁଥିରେ ଦୁଇଜଣ ଭକ୍ତଙ୍କର ପ୍ରାଣହାନି ଘଟିଛି। ମୃତକ ଜଣକ କେନ୍ଦୁଝର ଜିଲ୍ଲାର ବାସିନ୍ଦା ଅନିଲ ଦାସ ବୋଲି ସୂଚନା ମିଳିଛି। ଏଭଳି ପ୍ରତ୍ୟେକ ଘଟଣା ଗଭୀର ଚିନ୍ତାର ବିଷୟ ଏବଂ ଏହାର ଯତ୍ନଶୀଳ ସମୀକ୍ଷା ଓ ଅନୁଧ୍ୟାନ ଆବଶ୍ୟକ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା, ସୁରକ୍ଷା ପ୍ରୋଟୋକଲ, ଜରୁରୀକାଳୀନ ଚିକିତ୍ସା ସେବା ଏବଂ ସାମଗ୍ରିକ ପ୍ରଶାସନିକ ପରିଚାଳନାର ଏକ ବ୍ୟାପକ ସମୀକ୍ଷା କରାଯିବା ଆବଶ୍ୟକ ଅଟେ।

**ଘରୋଇ କ୍ଷେତ୍ରରେ ଇନ୍ଧନ ଅଭାବର ମୁକାବିଲା**

# ଡିଜେଲ, ଏଟିଏଫ୍ ଉପରେ ରପ୍ତାନି ଶୁଳ୍କରେ ବୃଦ୍ଧି

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଡିଜେଲ ଏବଂ ବିମାନ ଇନ୍ଧନ (ଏଟିଏଫ୍) ଉପରେ ରପ୍ତାନି ଶୁଳ୍କ ବୃଦ୍ଧି କରିଛନ୍ତି। ହେଲେ ଏହି ସମୟରେ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କ ହ୍ରାସ କରାଯାଇଛି। ଡିଜେଲ ଉପରେ ରପ୍ତାନି ଶୁଳ୍କ ୭ ଟଙ୍କା ବୃଦ୍ଧି କରି ୧୫.୫୦ଟଙ୍କା କରିଛନ୍ତି। ପୂର୍ବରୁ ଏହାର ରପ୍ତାନି ଶୁଳ୍କ ୮.୫୦ ଟଙ୍କା ରହିଥିଲା। ସେହିପରି, ଏଟିଏଫ୍ (ବିମାନ ଟର୍ବାଇନ୍ ଇନ୍ଧନ) ଉପରେ ରପ୍ତାନି ଶୁଳ୍କ ୭.୫୦ରୁ ୧୪.୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତଥାପି, ପେଟ୍ରୋଲ ରପ୍ତାନିକାରୀମାନଙ୍କୁ ଏଥିରେ କିଛି ଆଶ୍ୱସ୍ତି ପ୍ରଦାନ କରାଯାଇଛି। ପେଟ୍ରୋଲ ଉପରେ ଉପରେ ରପ୍ତାନି ଶୁଳ୍କ ୪ଟଙ୍କାରୁ ୨.୫୦ ଟଙ୍କାକୁ ହ୍ରାସ କରାଯାଇଛି। ଏହି ନୂତନ ଇନ୍ଧନ ଦର ଜୁଲାଇ ୧୦ ରୁ ସାରା ଦେଶରେ ଲାଗୁ ହୋଇଛି। ସରକାର କହିଛନ୍ତି ଯେ ଅଶୋଧିତ ତୈଳ ସଙ୍କଟକୁ ଦୃଷ୍ଟିରେ ରଖି ଦେଶ ଭିତରେ ପେଟ୍ରୋଲିୟମ ଉତ୍ପାଦର



**ପେଟ୍ରୋଲ ଉପରେ ଶୁଳ୍କ ହ୍ରାସ**

ଅଭାବ ନ ହେବା ଏବଂ ଘରୋଇ ବଜାର ବଦଳରେ ବିଦେଶରେ ତେଲ ବିକ୍ରି କରିବାକୁ ପସନ୍ଦ କରୁଥିବା କମ୍ପାନୀଗୁଡ଼ିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ମାର୍ଚ୍ଚ ୨୭ରେ ସରକାର ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ଏବଂ ସଡ଼କ ଏବଂ ଭିତ୍ତିଭୂମି ସେସ୍ ଆକାରରେ ଏହି ରପ୍ତାନି ଶୁଳ୍କ ଲାଗୁ କରିଥିଲେ। ଏହାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ଘରୋଇ ବଜାରରେ ପର୍ଯ୍ୟାପ୍ତ ଇନ୍ଧନ ଉପଲବ୍ଧତା ବଜାୟ ରଖିବା। ପଶ୍ଚିମ ଏସିଆ ସଙ୍କଟରୁ ଉପୁଜିଥିବା ବିଶ୍ୱ ପରିସ୍ଥିତି ମଧ୍ୟରେ କମ୍ପାନୀଗୁଡ଼ିକୁ ଲାଭ ଦେବା ପାଇଁ ବିଦେଶକୁ ଅଧିକ ତେଲ ରପ୍ତାନି କରିବାରୁ ରୋକିବା ପାଇଁ ଏହି ଟିକସ ଲାଗୁ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍‌ର ହାରାହାରି ଅନ୍ତର୍ଜାତୀୟ ମୂଲ୍ୟ ଆଧାରରେ ଏହି ଶୁଳ୍କ ହାର ପ୍ରତି ୧୫ ଦିନରେ ଥରେ ସମୀକ୍ଷା କରାଯାଇଥାଏ। ଶେଷ ଥର ପାଇଁ ଶୁଳ୍କ ଉପରେ ସମୀକ୍ଷା ଜୁଲାଇ ପହିଲାରେ କରାଯାଇଥିଲା। ରପ୍ତାନି ଶୁଳ୍କରେ ବୃଦ୍ଧି ପରେ ପେଟ୍ରୋଲ ପମ୍ପରେ ସାଧାରଣ ଗ୍ରାହକଙ୍କ ପାଇଁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବନାହିଁ।


**ACRE** MAKING ASSETS WORK

**ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍**

ୟୁନିଟ୍ ନଂ. ୫୦୨, ସି ୱିଙ୍ଗ, ୱାନ୍ ବିକେସି, ରେଡିଅସ୍ ଡେଭେଲପର୍ସ, ପ୍ଲଟ୍ ନଂ. ସି-୬୬, ଜି ବ୍ଲକ୍, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ – ୪୦୦୦୫୧

**ଦଖଲ ବିଜ୍ଞପ୍ତି**

(ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ ଆର୍ଥିକ ସମ୍ପତ୍ତି ତଥା ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଅଧିନିୟମ, ୨୦୦୨ ଅନୁଯାୟୀ ACRE-174-TRUST ର ଟ୍ରଷ୍ଟି ଭାବେ କାର୍ଯ୍ୟରତ ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ର ପ୍ରାଧିକୃତ ଅଧିକାରୀ, ଉକ୍ତ ଅଧିନିୟମର ଧାରା ୧୩(୧୨) ସହ ପଠିତ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମାବଳୀ, ୨୦୦୨ ର ନିୟମ ୩ ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ ୦୪.୧୧.୨୦୨୫ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣଗ୍ରହୀତା ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ ଏବଂ ଦୁଃଶାସନ ପ୍ରଧାନଙ୍କୁ ଋଣ ଖାତା ନଂ. ୫୯୦୦୦୦୧୪୦୭ ଏବଂ ୫୯୦୦୦୦୧୭୪୩ ବିପକ୍ଷରେ କ୍ରମଶଃ ୦୪.୧୧.୨୦୨୫ ସୁଦ୍ଧା ଦେୟ ରାଶି ଟ.୯,୭୨,୨୧୫.୦୫/- (ନଅ ଲକ୍ଷ ବାସ୍ତରୀ ହଜାର ଦୁଇଶହ ପନ୍ଦର ଟଙ୍କା ପାଞ୍ଚ ପଇସା ମାତ୍ର) ଏବଂ ଟ.୧୨,୨୨,୬୯୫.୬୨/- (ବାର ଲକ୍ଷ ବାଇଶ ହଜାର ଛଅଶହ ପଞ୍ଚାନବେ ଟଙ୍କା ବାଷଠି ପଇସା ମାତ୍ର) ସହିତ ପରବର୍ତ୍ତୀ ସୁଧ, ଉକ୍ତ ନୋଟିସ୍ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀକାଳରେ ପିରାମଲ ଫାଇନାନ୍ସ ଲିମିଟେଡ୍ ଉକ୍ତ ଋଣ ଖାତା ସମ୍ବନ୍ଧୀୟ ସମସ୍ତ ଅଧିକାର, ମାଲିକାନା ଓ ସ୍ୱାର୍ଥକୁ ୨୮.୦୩.୨୦୨୫ ତାରିଖର ଏକ ଆସାଇନମେଣ୍ଟ ଚୁକ୍ତି ମାଧ୍ୟମରେ ACRE-174-TRUST ର ଟ୍ରଷ୍ଟି ଭାବେ କାର୍ଯ୍ୟରତ ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ ("ACRE") ସପକ୍ଷରେ ହସ୍ତାନ୍ତର କରିଛି।

ଋଣଗ୍ରହୀତାମାନେ ଉକ୍ତ ଦେୟ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଅଧସ୍ୱାକ୍ଷରକାରୀ ସିକ୍ୟୁରିଟାଇଜେସନ୍ ଏବଂ ପୁନର୍ଗଠନ ଆର୍ଥିକ ସମ୍ପତ୍ତି ତଥା ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଅଧିନିୟମ, ୨୦୦୨ ର ଧାରା ୧୩(୪) ସହ ପଠିତ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମାବଳୀ, ୨୦୦୨ ର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିର ସାଙ୍କେତିକ ଦଖଲ ୧୩.୦୭.୨୦୨୬ ତାରିଖରେ ଗ୍ରହଣ କରିଛନ୍ତି।

ଋଣଗ୍ରହୀତାମାନେ ଏବଂ ସାଧାରଣ ଜନସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଯାଉଛି ଯେ, ଉକ୍ତ ସମ୍ପତ୍ତି ସମ୍ବନ୍ଧରେ କୌଣସି ପ୍ରକାର କାରବାର କରିବେ ନାହିଁ। ସମ୍ପତ୍ତି ସମ୍ବନ୍ଧୀୟ ଯେକୌଣସି କାରବାର ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍ (ACRE-174-TRUST) ଙ୍କ ପକ୍ଷରେ ଟ.୯,୭୨,୨୧୫.୦୫/- (ନଅ ଲକ୍ଷ ବାସ୍ତରୀ ହଜାର ଦୁଇଶହ ପନ୍ଦର ଟଙ୍କା ପାଞ୍ଚ ପଇସା ମାତ୍ର) ଏବଂ ଟ.୧୨,୨୨,୬୯୫.୬୨/- (ବାର ଲକ୍ଷ ବାଇଶ ହଜାର ଛଅଶହ ପଞ୍ଚାନବେ ଟଙ୍କା ବାଷଠି ପଇସା ମାତ୍ର), ଯାହା ୦୪.୧୧.୨୦୨୫ ସୁଦ୍ଧା ଦେୟ, ତଥା ପରବର୍ତ୍ତୀ ସୁଧର ଭାରାଧୀନ ରହିବ।

ଋଣଗ୍ରହୀତାଙ୍କ ଦୃଷ୍ଟି ଉକ୍ତ ଅଧିନିୟମର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ପ୍ରତି ଆକର୍ଷଣ କରାଯାଉଛି, ଯେଉଁଥିରେ ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ବ୍ୟବସ୍ଥା ରହିଛି।

**ସ୍ଥାବର ସମ୍ପତ୍ତିର ବିବରଣୀ (IES)**

ପ୍ଲଟ୍ ନଂ. ୧୭୨, କ୍ଷେତ୍ରଫଳ-ଏ.୦.୧୬୦ ଡିସିମିଲ, ସ୍ଥିତି-ସ୍ଥିତିବାନ, କିସମ-ଘରବାରି, ଜିଲ୍ଲା-ପୁରୀ, ତହସିଲ-ଗୋପ, ଏସ୍.ଆର୍.ଓ. -ଗୋପ, ଥାନା - ଗୋପ, ଥାନା ନଂ. - ୧୨୭, ମୌଜା - ତରାହଣା, ଖାତା ନଂ. - ୨୫୪, ଏହାର ଚାରିପାର୍ଶ୍ୱରେ- ଉତ୍ତର: ବୁଲା ପ୍ରଧାନ, ଦକ୍ଷିଣ: ସୁକାନ୍ତ ପ୍ରଧାନ, ପଶ୍ଚିମ: ଗ୍ରାମରାସ୍ତା, ପୂର୍ବ: ସୁକାନ୍ତ ପ୍ରଧାନ ଏବଂ ତଳି ପ୍ରଧାନ

ତାରିଖ : ୧୩/୦୭/୨୦୨୬
ସ୍ଥାନ : ଓଡ଼ିଶା

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆସେଟ୍ସ କେୟାର ଆଣ୍ଡ ରିକନଷ୍ଟ୍ରକ୍ସନ୍ ଏଣ୍ଟରପ୍ରାଇଜ୍ ଲିମିଟେଡ୍
(ACRE-174-TRUST)

ସକାଳ
THE SAKALA



# ନୃସିଂହନାଥ ମନ୍ଦିରରେ ରଥଯାତ୍ରା; ପାଇକମାଳ ଆସିଲେ ଠାକୁର





**ପାଇକମାଳ, ୧୬।୭ (ସମିସ)**

ବରଗଡ଼ ଜିଲ୍ଲାର ପ୍ରସିଦ୍ଧ ନୃସିଂହନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଚଛି। ବ୍ରାହ୍ମଣ ସମାଜର କର୍ମକର୍ତ୍ତା ତିନି ଠାକୁରଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଫୁଲ ଚନ୍ଦନ ଓ ତୁଳସୀ ମାଳାରେ ସଜାଇ ପହଣ୍ଡି କରି ରଥକୁ ଆଣିଥିଲେ।

ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ନୃସିଂହନାଥ ମନ୍ଦିରରୁ ରଥାରୁଢ଼ ୩ ଠାକୁରଙ୍କୁ ଦୀର୍ଘ ୪ କିମି ଟାଣି ଟାଣି ନେଇ ରାତି ୮ଟାରେ ପାଇକମାଳ ସ୍ଥିତ ମାଉସୀ ମା' ମନ୍ଦିରରେ ପହଞ୍ଚାଇଥିଲେ। ଦିନ ସାରା ବର୍ଷା ଲାଗି ରହିଥିବା ବେଳେ ଅପରାହ୍ନରେରେ ସାମାନ୍ୟ ପାଗ ଭଲ ହେବାରୁ ବହୁ ସଂଖ୍ୟରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ନୃସିଂହନାଥଙ୍କ ମନ୍ଦିରରେ ସମସ୍ତ ପ୍ରକାର ନୀତିକାନ୍ତି ସମୟ ମୁତାବକ ସେବାୟତ ତଥା ଭକ୍ତଙ୍କର ଦ୍ୱାରା ସମ୍ପାଦନ କରାଯାଇଥିଲା। ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ମନ୍ଦିର କୁଳ ପୁରୋହିତ ସୁନିଲ ପୁରୋହିତ, ମନ୍ଦିର ପୂଜକ ସେବାୟତ, ନୃସିଂହନାଥ ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ ଓ ଭକ୍ତମାନଙ୍କ ଉପସ୍ଥିତରେ ତିନି ଠାକୁରଙ୍କୁ ରଥକୁ ଆଣିଥିଲେ। ସେହିପରି ମାଣ୍ଡୋସିଲରେ ମଧ୍ୟ ତିନି ରଥ ଟଣା ଯାଇଥିଲା। ଛିନ୍ଦେଇକେଲା ଗାଁରେ ମଧ୍ୟ ରଥ ଟଣା ଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ବିଧାୟକ ଓ ଜିଲ୍ଲାପାଳଙ୍କ ଉଦ୍ୟମରେ ବଡ଼ଦାଣ୍ଡକୁ ଆସିଲା ରଥ

**ବରଗଡ଼, ୧୬।୭ (ସମିସ):** ଗାନ୍ଧୀ ଛକରୁ ଭିଏସ୍ଏସ୍ ନଗର ଛକ ରାସ୍ତା ପ୍ରଶସ୍ତିକରଣ ପରେ ବରଗଡ଼ବାସୀ ଏହି ରାସ୍ତାକୁ ବରଗଡ଼ର ବଡ଼ଦାଣ୍ଡ ବୋଲି ନାମିତ କରିଥିଲେ। ଗୁରୁବାର ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ପ୍ରଚେଷ୍ଟା କ୍ରମେ ଏହି ସ୍ଥାନକୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ଆସି ଗଡ଼ିଛି। ରାତି ୪ଟାରୁ ଦିନ ୨ଟା ପର୍ଯ୍ୟନ୍ତ ନିର୍ଦ୍ଧୁମ ବର୍ଷା ବରଗଡ଼ ସହର ତଥା ଆଖପାଖ ଅଞ୍ଚଳରେ ହୋଇଥିଲା ହେଁ ଠିକ୍ ୨ଟାରେ ସମ୍ପୂର୍ଣ୍ଣ ବର୍ଷା ବନ୍ଦ ହେବା ପରେ ବଡ଼ଦାଣ୍ଡକୁ ଭକ୍ତଙ୍କ ସୁଅ ଛୁଟିଥିଲା। ସହରରେ ଆଜି ପ୍ରଥମ ଥର ପାଇଁ ସାମୂହିକ ରଥଯାତ୍ରା ବଡ଼ଦାଣ୍ଡରେ ପାଳନ କରାଯାଇଛି। ବୀର ସୁରେନ୍ଦ୍ର ସାଏ ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିବା ଓସାର ରାସ୍ତାରେ ସହରର ବିଭିନ୍ନ ଅଞ୍ଚଳରୁ ମହାପ୍ରଭୁଙ୍କ ରଥଗୁଡ଼ିକ ଆସିଥିଲା। ସେଠାରେ ମିଳିତ ଭାବେ ରଥଟଣା ଶୁଭାରମ୍ଭ କରାଯାଇଥିଲା। କୁନିକୁନି ପିଲାମାନଙ୍କୁ ରଥ ଛୁଆଁ ଯାଇଥିବା ବେଳେ ୩ଟି ସ୍ଥାନରେ ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏକ ଆଧ୍ୟାତ୍ମିକ ପରିବେଶରେ ଆଜି ବରଗଡ଼ରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ଭଟଲି ଛକରୁ ପୁରୀ ଆସିଥିବା ୧୬ ଚକିଆ ରଥକୁ ଏକ ଭବ୍ୟ ଶୋଭାଯାତ୍ରାରେ ବୀର ସୁରେନ୍ଦ୍ର ସାଏ ଛକକୁ ଅଣାଯାଇଥିଲା। ଭକ୍ତମାନେ ରଥ ଟାଣିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ପ୍ରଭାତଦିତ୍ୟ ମିଶ୍ର, ରଥଯାତ୍ରା ସମନ୍ୱୟ ସମିତି ସଭାପତି ସୁରେଶ୍ୱର ଶତପଥୀ, ଜିଲ୍ଲା ବିଜେପି ସଭାପତି ଡା. ଅରୁପା ନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





# 'ଅମୃତ ଭାରତ ଷ୍ଟେସନ' ଯୋଜନାରେ ବରପାଲି ରେଳ ଷ୍ଟେସନ

**ବରପାଲି, ୧୬।୭ (ସମିସ):** ବରପାଲି ରେଳ ଷ୍ଟେସନକୁ 'ଅମୃତ ଭାରତ ଷ୍ଟେସନ ଯୋଜନା' ଅଧୀନରେ ଏକ ଆଧୁନିକ ଏବଂ ଯାତ୍ରୀ-ଅନୁକୂଳ ରେଳ ଷ୍ଟେସନ ମାଧ୍ୟମରେ ରୂପ ଦିଆଯାଇଛି।



**ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ**

ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରତିଫଳିତ କରିପାରିଛି। ପ୍ରାୟ ୨୨ କୋଟି ଟଙ୍କା ବ୍ୟୟରେ ପୁନଃବିକଶିତ ହୋଇଥିବା ଏହି ଷ୍ଟେସନରେ ଆଧୁନିକ ଯାତ୍ରୀ ସୁବିଧା ସହିତ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରିଚୟର ମିଶ୍ରଣ ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗୀକରଣ ମଜଭୁତ ହେବା, ଯାତ୍ରୀଙ୍କ ସୁବିଧା ବୃଦ୍ଧି ପାଇବା ଏବଂ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି। ଷ୍ଟେସନ ବିଲ୍ଡିଂକୁ ସମ୍ପୂର୍ଣ୍ଣ ରୂପେ ଅପଗ୍ରେଡ୍ କରାଯାଇଛି, ଯେଉଁଥିରେ ନୂତନ ପ୍ରବେଶ ପଥ, ପ୍ରଶସ୍ତ ପରିକ୍ରମା କ୍ଷେତ୍ର ଏବଂ ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁବିଧା ରହିଛି। ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସମେତ ସମସ୍ତ ଯାତ୍ରୀଙ୍କ ନିରାପଦ ଓ ସୁବିଧା ଜନକ ଚଳାଚଳ ପାଇଁ ୧୨ ମିଟର ଓସାରର ଏକ ଫୁଟ୍ ଓଭର୍‌ବ୍ରିଜ୍ ନିର୍ମାଣ କରାଯାଇଛି।

ଉନ୍ନତ ରେଳ ଭିତ୍ତିଭୂମି ଚାଷୀ, କାରିଗର, ବୁଣାକାର, ବ୍ୟବସାୟୀ ଏବଂ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ, ଯାହା ଦ୍ୱାରା ପଶ୍ଚିମ ଓଡ଼ିଶାର ସାମଗ୍ରିକ ଅର୍ଥନୈତିକ ବିକାଶକୁ ସହାୟତା ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟନ ହେବାକୁ ରହିଥିବା ଭାରତୀୟ ରେଳବାଇର ୭୫ଟି ଷ୍ଟେସନ ମଧ୍ୟରେ ବରପାଲି ଅନ୍ୟତମ।

# ବୈଦିକ ସ୍କୁଲରେ ରଥଯାତ୍ରା

**ବରଗଡ଼, ୧୬।୭ (ସମିସ):** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ସ୍ଥାନୀୟ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ପାଳିତ ହୋଇଯାଇଛି। କିଡ୍‌ସ ବିଭାଗର ଛାତ୍ରଛାତ୍ରୀମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ବେଶରେ ସଜେଇ ହୋଇ ଭକ୍ତିମୟ ପରିବେଶକୁ ଦ୍ୱିଗୁଣିତ କରିଥିଲେ। କୁନି ଭକ୍ତମାନେ ରଥ ଟାଣି ମହା ଆନନ୍ଦରେ ପ୍ରସାଦ ଗ୍ରହଣ କରିଥିଲେ। ସେହିପରି ଏକାଦଶ, ଦ୍ୱାଦଶ ଓ ଓଡ଼ିଆ ବିଭାଗର ଶ୍ରଦ୍ଧାଳୁ ଛାତ୍ରଛାତ୍ରୀ ଅପରାହ୍ନରେ ରଥ ଟାଣିବା ସହ ମହାପ୍ରଭୁଙ୍କ ଜୟ ଜୟକାରରେ ଗଗନ ପବନ ପ୍ରକମ୍ପିତ କରିଥିଲେ। ରାସ୍ତାରେ ଥିବା ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଛାତ୍ରୀମାନେ ଭକ୍ତି ସଙ୍ଗୀତ ଗାଇ ମନ ମୋହିଥିଲେ।





# ୪୦ କେଜି ଗଞ୍ଜେଇ ଜବତ; ମହିଳା ଗିରଫ

**ବରଗଡ଼/ଭେଡ଼େନ, ୧୬।୭ (ସମିସ):** ଭେଡ଼େନ ଥାନା ରକ୍ଷୁଡା ଫାଣ୍ଡି ଅନ୍ତର୍ଗତ କମଗାଁ ଗ୍ରାମର ରଞ୍ଜିତା ମାଝୀ (୪୦)ଙ୍କୁ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ବରଗଡ଼ ଏସ୍‌ପି ରବୀନ୍ଦ୍ର ଶତପଥୀ କମଗାଁ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଭେଡ଼େନ ଥାନା ଅଧିକାରୀ ଅରୁପ ରଞ୍ଜନ ବରାଇକ, ଏସ୍‌ଆଇ ଟଙ୍କଧର ବାରିହା, କନେଷ୍ଟବଳ ଅମୂଲ୍ୟ ପଧାନ ଓ ପୁଲିସ ଟିମ ରକ୍ଷୁଡା ଫାଣ୍ଡି ଅନ୍ତର୍ଗତ କମଗାଁ ଗ୍ରାମର ରଞ୍ଜିତା ମାଝୀ ଘରକୁ ଚଢ଼ଉ କରିଥିଲେ ଓ ତାଙ୍କ ଘର ସମ୍ମୁଖରେ ଥିବା ତାଙ୍କ ସ୍ୱାମୀ ମୁରଲୀ ମାଝୀଙ୍କ ନାମରେ ଥିବା କାର୍ (ନଂ. ଓଡି୧୬ବି-୮୭୭୯)ରୁ ୪୦କେଜି ୫୦୦ଗ୍ରାମ ଗଞ୍ଜେଇ ପୁଲିସ ଜବତ କରିବା ସହ ମହିଳାଙ୍କୁ ଗିରଫ କରିଥିବା ବେଳେ ତାଙ୍କ ସ୍ୱାମୀ ମୁରଲୀ ମାଝୀ ଫେରାର ହୋଇଯାଇଛି। ଏନେଇ ଭେଡେନ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି। ହେଲେ ଏତେ ପରିମାଣର ଗଞ୍ଜେଇ ସେ କେଉଁଠାରୁ ଆଣିଥିଲା ଓ କାହାକୁ ବିକ୍ରି କରିଥାନ୍ତା ସେ ନେଇ ତଦନ୍ତ କଲେ ଚୋରାଚାଲାଣରେ ସମ୍ପୃକ୍ତ ଅନେକ ଲୋକ ଧରାପଡ଼ିବେ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।



# ବୁକୁରାମୁଣ୍ଡା ମାଉସୀ ମା' ମନ୍ଦିର ଉଦ୍‌ଘାଟିତ



**ପାଇକମାଳ, ୧୬।୭ (ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ବୁକୁରାମୁଣ୍ଡା ଗ୍ରାମରେ ନବନିର୍ମିତ ମାଉସୀ ମା' ମନ୍ଦିରର ଶୁଭ ଉଦଘାଟନ ଗୁରୁବାର ସମ୍ପନ୍ନ ହୋଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ଦିରର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ ଏବଂ ବୁକୁରାମୁଣ୍ଡା ସମିତି ସଭ୍ୟା ସୁସ୍ମିତା ବାରିକ ଉପସ୍ଥିତ ରହି ମନ୍ଦିର ଉଦ୍‌ଘାଟନ କାର୍ଯ୍ୟରେ ସାମିଲ ହୋଇଥିଲେ। ଅତିଥିମାନେ ମାଉସୀ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ, ଟାଇଲ ଚନ୍ଦ୍ର ଭୋଇ, ଗୌତମ ସିଂଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବୁକୁରାମୁଣ୍ଡା ଗ୍ରାମବାସୀ ଉପସ୍ଥିତ ଥିଲେ।

# ନୂଆଁପଡ଼ା ସମଲେଇ ମନ୍ଦିରରୁ ଚୋରି

**ଅତାବିରା, ୧୬।୭ (ସମିସ):** ଅତାବିରା ଥାନା ଟାଙ୍ଗରପାଲି ପଞ୍ଚାୟତ ନୂଆଁପଡ଼ା ଗ୍ରାମ ସମଲେଇ ମନ୍ଦିରରୁ ବୁଧବାର ଚୋରି ହୋଇଥିବା ନେଇ ଅତାବିରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ମା'ଙ୍କ ରତ୍ନଖଚିତ ୩୦ ଭରିର ରୁପା ମୁକୁଟ, ବଡ଼ ଜାଗର ୩ଟି, ମା'ଙ୍କ ଛତର, ଘଣ୍ଟି, ଘଣ୍ଟ ଆଦି ଚୋରି ହୋଇଯାଇଛି। ଗୁରୁବାର ସକାଳ ୫ଟାରେ ପୂଜକ ଦେହେରୀ ଯଦୁମଣି ସେଠ ମନ୍ଦିରକୁ ପୂଜା କରିବାକୁ ଆସି ମୁଖ୍ୟ କବାଟ ତାଲା ଭଙ୍ଗାଥିବା ସହ ଗର୍ଭଗୃହର କବାଟ ମେଳା ଥିବା ଦେଖିଥିଲେ। ସେଠାକୁ ଯାଇ ମା'ଙ୍କ ଆଭୂଷଣ ଆଦି ନ ଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସେ ଗ୍ରାମର ଲୋକଙ୍କୁ ସୂଚନା ଦେବା ପରେ ଅତାବିରା ପୁଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍, ଅନୁସନ୍ଧାନୀ କୁକୁର ଆସି ପ୍ରାଥମିକ ତଦନ୍ତ ଚଳାଇଛନ୍ତି।

# ପଦ୍ମପୁର-ବ୍ରାହ୍ମଣୀବନ୍ଧ କଂକ୍ରିଟ ରାସ୍ତା କାଦୁଅ

**ପଦ୍ମପୁର, ୧୬।୭ (ସମିସ):** ପଦ୍ମପୁର ସହରର ଘରୋଇ ବସଷ୍ଟାଣ୍ଡକୁ ହନୁମାନପଡ଼ା ସହ ସଂଯୋଗ କରୁଥିବା ବ୍ରାହ୍ମଣୀ ବନ୍ଧ କଂକ୍ରିଟ ରାସ୍ତାରେ ପଙ୍କୋଧାର ସମୟରେ ମାଟି ପଡ଼ି କାଦୁଅ ପଚ ପଚ ହୋଇଛି। ଫଳରେ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି ଏହି ରାସ୍ତା। ବର୍ତ୍ତମାନର ବର୍ଷା ଦିନିଆ ପାଗରେ ରାସ୍ତାଟି ସମ୍ପୂର୍ଣ୍ଣ କାଦୁଅମୟ ହୋଇପଡ଼ିଛି। ଫଳରେ ଏହି ବାଟ ଦେଇ ଯାତାୟାତ କଷ୍ଟକର ହୋଇପଡ଼ିଛି। ରାସ୍ତା କର୍ଦ୍ଦମାକ୍ତ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ସ୍କୁଲ୍ ଛାତ୍ରଛାତ୍ରୀ ଏବଂ ବୃଦ୍ଧବୃଦ୍ଧା ଯିବା ଆସିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସିନ୍ଦା ଏବଂ ବୁଦ୍ଧିଜୀବୀ ମହଲରେ ଏହାକୁ ନେଇ ଜନଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ରାସ୍ତାଟିକୁ ମାଟି ସଫେଇ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟଥା ଆଗାମୀ ଦିନରେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



# 'ଇନୋଭେସନ ଓ ଷ୍ଟାର୍ଟ-ଅପ୍' ସଚେତନତା

**ବରପାଲି, ୧୬।୭ (ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ 'ଇନୋଭେସନ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬' ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ସହ ସେମାନଙ୍କ ଆଭ୍ୟନ୍ତରୀଣ ଚିନ୍ତାଧାରାକୁ ବାସ୍ତବ ରୂପ ଦେବା ନିମନ୍ତେ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏହି ଅବସରରେ ସଚେତନତା ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନୂଆ ନୂଆ ଚିନ୍ତାଧାରା ନେଇ ଆଗକୁ ବଢ଼ିବାକୁ ଉତ୍ସାହ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସୁଶୀଲ କୁମାର ଶତପଥୀ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଧୀରୋଜ ତ୍ରିପାଠୀ, ଅଧ୍ୟାପକ ଉତ୍ତର କୁମାର ଗଡ଼ତିଆ, ଡ. ଭଗବାନ ମହାନନ୍ଦ, ଡ. ନୀଲମ ଦେବତା, ଡ. ବିଶ୍ୱନାଥ ସାହୁ ଏବଂ ଅଧ୍ୟାପିକା ଅଞ୍ଜନା ଭୋଇ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ସମସ୍ତ ସଂଶୟ ଦୂର କରିଥିଲେ। ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ କିଭଳି ନିଜର ଆଇଡିଆକୁ ଏକ ସଫଳ ଷ୍ଟାର୍ଟଅପ୍‌ରେ ରୂପାନ୍ତରିତ କରାଯାଇପାରିବେ, ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।




# ସମ୍ବଲପୁରୀ ଦିନ୍ ପାଇଁ ପ୍ରସ୍ତୁତି

**ବରଗଡ଼, ୧୬।୭ (ସମିସ):** ବରଗଡ଼ ସୌଖୀନ କଳାକାର ସଂଘ ଠାରେ ବରଗଡ଼ ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସଭାପତି ସୁଧୀର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ସମ୍ବଲପୁରୀ ଦିନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ଅଗଷ୍ଟ ୧କୁ ସମ୍ବଲପୁରୀ ଦିନ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। କିପରି ଭାବେ ପାଳନ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପସଭାପତି ସଞ୍ଜୀବ ଦାଶ, ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା, ସହସମ୍ପାଦକ ସୁରେଶ ଦାଶ, କୋଷାଧ୍ୟକ୍ଷ ରାଜେଶ ନାୟକ, ଉପଦେଷ୍ଟା ଦୀପକ ଦାଶ, ସୂର୍ଯ୍ୟ ପଣ୍ଡା, ମାନସ ଚାନ୍ଦ, କମଲେଶ ଚକ୍ରବର୍ତ୍ତୀ, ସୁରଥ କୁଅଁର, ଏମ୍‌ଡି ଲତିଫ, ସତ୍ୟଜିତ କର, ବିଭୂତି ଦାଶ, ସୂର୍ଯ୍ୟକାନ୍ତ ରାଉତ, ପିଣ୍ଟୁ, ରୋହିତ ରାୟ, ଜିତେନ୍ଦ୍ର ପାଣ୍ଡେ, ନାରାୟଣ ମେହେର, ପପୁ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜାମସେଠ ସମବାୟ ସମିତିରେ ଶୋକସଭା

**ପାଇକମାଳ, ୧୬।୭ (ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ଜାମସେଠ ସମବାୟ ସମିତି ପକ୍ଷରୁ ଏକ ଶୋକସଭା ଓ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିକଟରେ ସମିତିର ପୂର୍ବତନ ସଭାପତି ବେଣୁଧର ବେହେରା ଏବଂ ବର୍ତ୍ତମାନର ନିର୍ଦ୍ଦେଶକ ମହେନ୍ଦ୍ର ସାହୁଙ୍କ ଅକାଳ ବିୟୋଗ ଘଟିଥିବାରୁ ସମିତି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ଓ କର୍ମଚାରୀମାନେ ଦିବଙ୍ଗତ ଦୁଇ ବ୍ୟକ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଦିବଂଗତ ବେଣୁଧର ବେହେରାଙ୍କ ନେତୃତ୍ୱ ଏବଂ ମହେନ୍ଦ୍ର ସାହୁଙ୍କ ସକ୍ରିୟ ଭୂମିକା ସମିତିର ବିକାଶରେ ସଦା ସ୍ମରଣୀୟ ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ସମିତି ସଭାପତି ରାଜେନ୍ଦ୍ର ପ୍ରଧାନ, ସମ୍ପାଦକ ଦାମୋଦର ରଣା, ବିଶ୍ୱନାଥ ବାଗ, ନବଘନ ଭୋଇ, ନିତ୍ୟାନନ୍ଦ ପ୍ରଧାନ, ନରସିଂହ ଷଡ଼ଙ୍ଗୀ, ଯଶୋବନ୍ତ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।



# ୧୦ ଚୋରା ବାଇକ୍ ଜବତ; ୩ ଗିରଫ

**ବରପାଲି, ୧୬।୭ (ସମିସ)**

ବରଗଡ଼ ଜିଲ୍ଲା ବରପାଲି ପୁଲିସ ଏକ ବାଇକ୍ ଚୋରି ଗ୍ୟାଙ୍ଗକୁ କାବୁ କରିବା ସହ ୧୦ ଚୋରା ବାଇକ୍ ଉଦ୍ଧାର କରିଛି। ବରଗଡ଼ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ବରପାଲି ପୁଲିସ ୧୦ଟି ଚୋରା ବାଇକ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁସାରେ, ତେଜଙ୍ଗ ଗ୍ରାମର ନାମୁ ଜୁଆଡ଼ି (୩୨) ଗତ ୧୪ ଜୁଲାଇରେ ବରପାଲି ଥାନାରେ ଅଭିଯୋଗ କରିଥିଲେ ଯେ, ୧୨ ଜୁଲାଇ ରାତିରେ ବରପାଲିସ୍ଥିତ ଶ୍ୱଶୁର ଘରୁ ତାଙ୍କର ବାଇକ୍ (ନଂ.ଓଡି୧୭ଜେଡ୍-୯୩୯୬) ଚୋରି ହୋଇଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ବେଳେ ୩ଜଣିଆ ବାଇକ୍ ଚୋର ଗ୍ୟାଙ୍ଗକୁ କାବୁ କରିଥିଲା। ପଚରାଉଚରା କରାଯିବାରୁ ବରଗଡ଼, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସେମାନେ ଚୋରି ହୋଇଥିବା ୧୦ଟି ବାଇକ୍ ଜବତ କରିଥିଲେ।



ଗିରଫ ଅଭିଯୁକ୍ତମାନେ ହେଲେ ବରପାଲି ୱାର୍ଡ ନମ୍ବର୍ ୮ର ବିକି ସେଠ ଓରଫ ପ୍ରଥମ (୨୫), ୱାର୍ଡ ନମ୍ବର-୬ର ନିତାଇ ସେଠ ଓରଫ ଛବିଲା (୨୫) ଏବଂ ଧୁବେପଡ଼ା-ପୁର୍ଣ୍ଣବନ୍ଧ ଅଞ୍ଚଳର ଡାବଲୁ ନିଆଲ (୨୫)। ସେମାନଙ୍କୁ ୧୫ ଜୁଲାଇରେ ଗିରଫ କରାଯାଇ କୋର୍ଟକୁ ପଠାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ବିକି ସେଠଙ୍କ ନାମରେ ପୂର୍ବରୁ ଚୋରି, ଲୁଟ୍ ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ଏକାଧିକ ମାମଲା ରହିଛି। ସେହିପରି ନିତାଇ ସେଠଙ୍କ ନାମରେ ମଧ୍ୟ ପୂର୍ବରୁ ଏକ ମାମଲା ରହିଥିବା ଜଣାପଡ଼ିଛି। ସମସ୍ତ ମାମଲା ବର୍ତ୍ତମାନ ନ୍ୟାୟାଳୟରେ ବିଚାରାଧୀନ ଅଛି। ଏହି ଘଟଣାରେ ଜବତ ହୋଇଥିବା ୧୦ଟି ମୋଟର ସାଇକେଲର ମାଲିକଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଫେରସ୍ତ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ପ୍ରମୋଦ ସାହୁ କହିଛନ୍ତି।

■ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକଙ୍କ ନୂଆପଡ଼ା ଗସ୍ତ

# ଜଳସଂରକ୍ଷଣ ଓ ଜୀବିକାଭିତ୍ତିକ ପ୍ରକଳ୍ପ ପରିଦର୍ଶନ

**ଖଡ଼ିଆଳ, ୧୬।୭ (ସମିସ):** ନୂଆପଡ଼ା ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସିଥିବା ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ବିକାଶ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଗୁରୁବାର ଖଡ଼ିଆଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ପରିଦର୍ଶନ କରି ମୃତ୍ତିକା ସଂରକ୍ଷଣ, ଜଳସଂରକ୍ଷଣ, କୃଷି ଓ ଜୀବିକାଭିତ୍ତିକ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଗସ୍ତ ଅବସରରେ ସେ ପ୍ରଥମେ ଦାବରୀ ପଞ୍ଚାୟତର ଭୈରାଜପୁର ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ କୃଷି ଶିଞ୍ଚାୟୀ ଯୋଜନା ଅଧୀନରେ ବତକ ପାଳନ ପାଇଁ ସହାୟତା ପାଇଥିବା ଗୋମାତା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ବାର୍ଷିକ ଆୟ, ଜୀବିକାରେ ଆସିଥିବା ପରିବର୍ତ୍ତନ ଏବଂ ଯୋଜନାର ସଫଳତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ସେ ସ୍ଥାନୀୟ ଚାଷୀ ଶରଣ ବଛାଙ୍କ ଜମିରେ ଗୋଷ୍ଠୀର ସଦସ୍ୟାଙ୍କ ସହ ମିଶି ଆମ୍ବ ଓ ନଡ଼ିଆ ଚାରା ରୋପଣ କରି ପରିବେଶ ସୁରକ୍ଷା ଓ ଫଳଚାଷକୁ ପ୍ରୋତ୍ସାହିତ କରିଥିଲେ। ପରେ ଶ୍ରୀ ପଣ୍ଡା ଚାଷୀ ଅଜିତ ହେର୍ଣ୍ଣା ଓ ଭାସ୍କର ହେର୍ଣ୍ଣାଙ୍କ ଖେତ ପୋଖରୀ ପରିଦର୍ଶନ କରିବା ସହ ନାରୀଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ କୁକୁଡ଼ା ପାଳନ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିସହ ଚାଷ ଜମିରେ ନିର୍ମିତ ସ୍ପିଲୱେ, ଟିଂୱେଲ୍ ଓ ଅନ୍ୟାନ୍ୟ ଜଳସଂରକ୍ଷଣ ଭିତ୍ତିଭୂମିର କାର୍ଯ୍ୟର ମଧ୍ୟ ସ୍ଥଳ ପରିଦର୍ଶନ କରିଥିଲେ। ଦାବରୀ ପଞ୍ଚାୟତର ଜୁଗୁରାମ ମାଝୀ, ବିରଘାଟ ପଞ୍ଚାୟତର ହୃଦୟ ଶୁନାନୀ ଏବଂ ବାଦି ପଞ୍ଚାୟତର ପ୍ରସନ୍ନ ମାଝୀଙ୍କ ଜମିରେ ଜଳଧାରା ଯୋଜନା ଅଧୀନରେ ନିର୍ମିତ ଖେତ ପୋଖରୀ ପରିଦର୍ଶନ କରି କୃଷିରେ ଜଳ ସଂରକ୍ଷଣର ପ୍ରଭାବ ସମ୍ପର୍କରେ ଅବଗତ ହୋଇଥିଲେ। ଶ୍ରୀ ପଣ୍ଡା ଅରେଡା ପଞ୍ଚାୟତରେ ମନରେଗା ଯୋଜନାରେ ସୃଷ୍ଟି ହୋଇଥିବା ୩ ହେକ୍ଟର ପରିମିତ ଆମ୍ବ ବଗିଚା ପରିଦର୍ଶନ କରି କାର୍ଯ୍ୟର ଗୁଣାତ୍ମକ ମାନ ଓ ଏହାର ଦୀର୍ଘମିଆଦି ଜୀବିକା ସୃଷ୍ଟି ସମ୍ଭାବନାକୁ ପ୍ରଶଂସା କରିଥିଲେ। ପରିଦର୍ଶନ ସମୟରେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ନିର୍ଦ୍ଦେଶକ ଜଳସଂରକ୍ଷଣ, ମୃତ୍ତିକା ସଂରକ୍ଷଣ ଓ ଜୀବିକାଭିତ୍ତିକ ଯୋଜନା ଗୁଡ଼ିକୁ ସମନ୍ୱିତ ଭାବେ କାର୍ଯ୍ୟକାରୀ କରି କୃଷକଙ୍କ ଆୟବୃଦ୍ଧି ଓ ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।



ପାଡେପଦର ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ବେହାଲ

# ୨୪୦ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୩ ଶ୍ରେଣୀକକ୍ଷ

**ଥୁଆମୂଳ ରାମପୁର, ୧୬।୭ (ସମିସ)**

ଆଦିବାସୀ ଅଧ୍ୟୁଷିତ ଏବଂ ଦୁର୍ଗମ ଥୁଆମୂଳ ରାମପୁର ବ୍ଲକର ପାଡେପଦର ପଞ୍ଚାୟତ ଅଧୀନ ପାଡ଼େପଦର ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ଏକ ଦୟନୀୟ ଚିତ୍ର ସାମ୍ନାକୁ ଆସିଛି। ସରକାର ଶିକ୍ଷାର ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ଦାବି କରୁଥିବାବେଳେ ଏହି ବିଦ୍ୟାଳୟର ଅବ୍ୟବସ୍ଥା ସେହି ଦାବିକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ୧୭୧ ଜଣ ଏବଂ ନବମ ଓ ଦଶମ ଶ୍ରେଣୀରେ ୭୪ ଜଣ ଛାତ୍ରଛାତ୍ରୀ ପାଠପଢୁଛନ୍ତି। ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ମାତ୍ର ୩ଟି ଶ୍ରେଣୀ କକ୍ଷ ଉପଲବ୍ଧ ଥିବାରୁ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି।

ସୂଚନା ଅନୁଯାୟୀ, ପ୍ରାଥମିକ ବିଭାଗରେ ଜଣେ ମାତ୍ର ଶିକ୍ଷକ କାର୍ଯ୍ୟରତ ଥିବାବେଳେ ଉଚ୍ଚ ପ୍ରାଥମିକ ପାଇଁ ଦୁଇଜଣ ଏବଂ ନବମ-ଦଶମ ଶ୍ରେଣୀ ପାଇଁ ଛଅଜଣ ଶିକ୍ଷକ-ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି। ଶିକ୍ଷକ ନିଯୁକ୍ତି ଥିଲେ ମଧ୍ୟ ଶ୍ରେଣୀ କକ୍ଷର ଘୋର ଅଭାବ ଯୋଗୁଁ ନିୟମିତ ଓ ସୁଚାରୁ ଭାବରେ ପାଠପଢ଼ା କରାଇବା କଷ୍ଟସାଧ୍ୟ ହୋଇପଡ଼ିଛି। ପରିସ୍ଥିତି ଏପରି ଯେ, ବାଧ୍ୟ ହୋଇ ଶିକ୍ଷକମାନେ ବାଳକ ଛାତ୍ରାବାସର କକ୍ଷ ଓ ବିଦ୍ୟାଳୟ ବାରଣ୍ଡାରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି। ବର୍ଷାଋତୁରେ ଏହି ସମସ୍ୟା ଆହୁରି ଗମ୍ଭୀର ରୂପ ନେଉଥିବାରୁ ପାଠପଢ଼ା ବାରମ୍ବାର ବାଧାପ୍ରାପ୍ତ ହେଉଛି। ଦୀର୍ଘଦିନ ଧରି ନିର୍ମାଣାଧୀନ ଶ୍ରେଣୀ ଗୃହର କାମ ଧୀର ଗତିରେ ଚାଲିଥିବାରୁ କେବେ ଏହା ସମ୍ପୂର୍ଣ୍ଣ ହେବ ତାହାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଅପେକ୍ଷା କରି ରହିଛନ୍ତି। କେବଳ ଶ୍ରେଣୀ କକ୍ଷ ନୁହେଁ, ବିଦ୍ୟାଳୟର ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରୀ ନିବାସରେ ମଧ୍ୟ ଜଳଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିବାରୁ ଅନ୍ତେବାସୀ ଛାତ୍ରୀମାନେ ପାନୀୟ ଜଳ ଓ ଦୈନନ୍ଦିନ ବ୍ୟବହାର ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସେହିପରି ବିଦ୍ୟାଳୟର ଛାତ୍ରୀ ଶୌଚାଳୟର ପାର୍ଶ୍ୱ ପାଚେରି ଭାଙ୍ଗିପଡ଼ିଥିବାରୁ ସୁରକ୍ଷା ଓ ପରିମଳ ବ୍ୟବସ୍ଥାକୁ ନେଇ ମଧ୍ୟ ଚିନ୍ତାବଢ଼ିଛି। ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ କହିବାନୁସାରେ, ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀମାନେ ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିଦ୍ୟାଳୟକୁ ଆସି ପାଠ ପଢୁଛନ୍ତି। କିନ୍ତୁ ଆବଶ୍ୟକ ଭିତ୍ତିଭୂମିର ଅଭାବ ସେମାନଙ୍କ ଶିକ୍ଷାଗତ ଭବିଷ୍ୟତକୁ ବିପଦରେ ପକାଉଛି।



### ଛାତ୍ରୀ ନିବାସରେ ଜଳ ସଙ୍କଟ; ଭାଙ୍ଗିପଡ଼ିଛି ଶୌଚାଳୟ ପାଚେରି

ତେଣୁ ନିର୍ମାଣାଧୀନ ଶ୍ରେଣୀ ଗୃହକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା, ଜଳଯୋଗାଣ ବ୍ୟବସ୍ଥା ସୁଧାରିବା, ଭାଙ୍ଗିପଡ଼ିଥିବା ପାଚେରୀର ମରାମତି କରିବା ସହ ବିଦ୍ୟାଳୟର ସମସ୍ତ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି।

ଶୁଣିଲାନି ଏନ୍‌ଏସି

# ନିଜ ଉଦ୍ୟମରେ ରାସ୍ତା ତିଆରି କଲେ ଗ୍ରାମବାସୀ

**ଖଡ଼ିଆଳ, ୧୬।୭ (ସମିସ):** ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଏନ୍‌ଏସି ୱାର୍ଡ ନଂ ୧୧ ପୁଟୁପଡ଼ାର ମୁଖ୍ୟ ରାସ୍ତା ଦୀର୍ଘ ଦିନ ଧରି ରାସ୍ତା ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ବର୍ଷା ଦିନରେ କାଦୁଅ ଓ ପାଣି ଜମି ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବାରୁ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ବାରମ୍ବାର ଖଡ଼ିଆଳ ଏନ୍‌ଏସି ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳିନଥିଲା। ଅସୁବିଧାର ସମାଧାନ ପାଇଁ ଗ୍ରାମବାସୀ ଏକାଠି ହୋଇ ନିଜ ଶ୍ରମ ଓ ଆର୍ଥିକ ସହଯୋଗରେ କାଦୁଅ ରାସ୍ତାରେ ଡଷ୍ଟ ପକାଇ ଚାଲିବ ଯୋଗ୍ୟ କରିଛନ୍ତି। ଏହି ଘଟଣା ପୁଣିଥରେ ସହରାଞ୍ଚଳର ମୌଳିକ ଭିତ୍ତିଭୂମି ବିକାଶ ଓ ପ୍ରଶାସନିକ ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ବାସିନ୍ଦା ଶୀଘ୍ର ସ୍ଥାୟୀ ରାସ୍ତା ନିର୍ମାଣ ସହ ଆବଶ୍ୟକ ଭିତ୍ତିଭୂମି ସୁବିଧା ଯୋଗାଇବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି।



# ହତ୍ୟା ଅଭିଯୋଗ ଆଣିଲେ ପରିବାର; ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ନୂଆପଡ଼ା/ସିନାପାଲି, ୧୬।୭ (ସମିସ):** ପୁଣି ସାମ୍ନାକୁ ଆସିଛି ଦାଦନ ମୃତ୍ୟୁର କରୁଣ ଚିତ୍ର। ହାଇଦ୍ରାବାଦ କରିମନଗରରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବାବେଳେ ଏହାକୁ ନେଇ କୋମନା ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ନ୍ୟାୟ ଦାବିରେ ଭେଲାଠାରେ ବିଜୁ ଏକ୍ସପ୍ରେସୱେକୁ

### ପୁଣି ଦାଦନ ମୃତ୍ୟୁ

ଅବରୋଧ କରିଛନ୍ତି ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା। ପେଟପାଇଁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଶ୍ରମିକ ଶେଷରେ ଗାଁକୁ ଶବ ହୋଇ ଫେରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତ ଜନ୍ତ୍ରାମୁଣ୍ଡା ଗାଁରେ। ଗାଁର ଡୋଲାମଣି ମାଝୀ କିଛିଦିନହେବ ଦାଦନ ଖଟି ଫେରିଥିଲେ। ଭବାନୀପାଟଣା ସ୍ଥିତ ନିଜ ଶ୍ୱଶୁର ଘରେ ଥିବା ବେଳେ କୁଆଡେ କୋମନା ଥାନା ଅଧୀନ କଣ୍ଢେତରା ଗ୍ରାମର ଲତିଫ୍ ଖାଁ ନାମକ ଦାଦନସର୍ଦ୍ଦାର ପୁଣି ଦାଦନ ଯିବାକୁ କୁଆଡେ ବାଧ୍ୟ କରିଥିଲେ। ତାଙ୍କରି କଥାରେ ଗତ ସୋମବାର ଡୋଲାମଣି ପୁଣି ଥରେ ରୋଜଗାର ଆଶାରେ ହାଇଦ୍ରାବାଦର କରିମନଗରକୁ ଦାଦନ ଖଟିବାକୁ ଯାଇଥିଲେ। ହେଲେ ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଆଉ ଆଜି ଯେତେବେଳେ ଡୋଲାମଣିଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ନିଜ ଭିଟାମାଟିକୁ ଫେରିଥିଲା, ସେତେବେଳେ ପ୍ରତିବାଦର ନିଆଁ ଜଳି ଉଠିଥିଲା ବିଜୁ ଏକ୍ସପ୍ରେସ ୱେ ଉପରେ। ଭେଲା ଠାରେ ଉତ୍ତ୍ୟକ୍ତ ପରିବାର ଲୋକେ ଏବଂ ଗ୍ରାମବାସୀ ଆମ୍ବୁଲାନ୍ସକୁ ଅଟକ ରଖି ରାସ୍ତାରୋକ କରିଥିଲେ। ପରିବାରଲୋକ ଡୋଲାମଣିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଏହି ବେଆଇନ ଦାଦନ ଚାଲାଣ ପଛରେ କଣ୍ଢେତରା ଗାଁର ସର୍ଦ୍ଦାର ଲତିଫ ଖାନ୍‌ର ହାତ ଥିବାବେଳେ, ଅସୁସ୍ଥ ଥିବାନେଇ ଖବର ଦେବାସହ ପରିବାର ଲୋକଙ୍କୁ ସେଠାକୁ ଠକି କି ନେଇଥିଲେ। ସର୍ଦ୍ଦାର ଜଣକ ଧରା ଛୁଆଁ ଦେଉ ନାହାନ୍ତି। ଯାହାକୁ ନେଇ ସନ୍ଦେହ ଆହୁରି ଦୃଢ଼ ହୋଇଛି। ଖବରପାଇ କୋମନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତଲୋକଙ୍କୁ ବୁଝାସୁଝା କରିବା ସହ ରେଡ଼କ୍ରସ୍‌ରୁ ଦଶ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି କୋମନା ତହସିଲଦାର। ମୃତକଙ୍କ ପରିବାରକୁ ନ୍ୟାୟ ଏବଂ ଦୋଷୀ ସର୍ଦ୍ଦାରକୁ ତୁରନ୍ତ ଗିରଫ କରିବା ପାଇଁ ସ୍ଥାନୀୟଲୋକେ ଦାବି କରିଛନ୍ତି।



# ନାଟ୍ୟକାର ଭବାନୀ ପଟ୍ଟନାୟକଙ୍କ ପରଲୋକ

**ଜୁନାଗଡ଼, ୧୬।୭ (ସମିସ):** ଜୁନାଗଡ଼ ତଥା କଳାହାଣ୍ଡି ଅଞ୍ଚଳର ନାଟ୍ୟକାର ଓ ସାମାଜସେବୀ ଭବାନୀ ପଟ୍ଟନାୟକଙ୍କ ପରଲୋକ ଘଟିଛି। ଏନେଇ ବିଧାୟକ ଦିବ୍ୟଶଙ୍କର ମିଶ୍ର ଶୋକ ପ୍ରକାଶ କରିଛନ୍ତି। ସେ ଜଣେ ଜଣାଶୁଣା ନାଟ୍ୟକାର ଭାବରେ ଅନେକ ସାମାଜିକ ଓ ପୌରାଣିକ ନାଟକ ରଚନା ଏବଂ ନିର୍ଦ୍ଦେଶନା କରି ଲୋକଙ୍କ ହୃଦୟ ଜିତିଥିଲେ। ଆଜି ତାଙ୍କର ଅନ୍ତିମ ସଂସ୍କାର ଜୁନାଗଡ଼ ସ୍ଥିତ ହାତୀ ନଦୀ ଶ୍ମଶାନରେ ସମ୍ପନ୍ନ ହୋଇଛି। ତାଙ୍କ ପୁତ୍ର ପିତାଙ୍କୁ ମୁଖାଗ୍ନି ଦେଇଥିଲେ।, ପୂର୍ବତନ ନଗର ପାଳ ମୁକେଶ୍ ଅଗ୍ରୱାଲ୍, ମିଡିଆ କ୍ଲବ୍ ସଭାପତି ଆଦିତ୍ୟ ମହାନ୍ତି, ସମ୍ପାଦକ ବିଜୟ ଭୂଷଣ ଦଣ୍ଡସେନା, ଦୁର୍ଯ୍ୟଧନ ମାଝୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।



# ସେଣ୍ଟର୍ ପ୍ରାଥମିକ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

**କେସିଙ୍ଗା, ୧୬।୭ (ସମିସ):** କେସିଙ୍ଗାସ୍ଥିତ ସେଣ୍ଟର୍ ପ୍ରାଥମିକ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୭୨ଲକ୍ଷ ଟଙ୍କାରେ ନୂତନ କୋଠାନିର୍ମାଣ କରାଯିବା ସହିତ ଭିତ୍ତିଭୂମିର ବିକାଶ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଲୋକସଭା ସାଂସଦ ମାଳବିକା ଦେବୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ସଚିନପାୱାର ପ୍ରକାଶ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ରମାକାନ୍ତ କ୍ଷେତ୍ରି, କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡିଓ ଜନ୍ମେଜୟ ସ୍ୱାଇଁ, କେସିଙ୍ଗା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଓ କେସିଙ୍ଗା ନଗରପାଳ ନୃପରାଜ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ସିଟିଜନ ଫୋରମ୍‌ର ସଭାପତି ତଥା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ଡାକ୍ତର ହେମସାଗର ସାହା, ଶିକ୍ଷାବିତ୍ ଭି ଚନ୍ଦ୍ରଶେଖର ଆଚାରୀ, ବିଇଓ ଆନନ୍ଦ କୁମାର ବେହେରା, ଫିଙ୍କୁ ପରିଡ଼ା, ମଗନ ସିନ୍ଦୂର, ପ୍ରଶାନ୍ତ ବାନାର୍ଜୀ, ବଂଶୀପାଣି ସାହା, ବିର୍ଧୀ ଜୈନ, ଅରୁଣ ଅଗ୍ରୱାଲ, ପ୍ରୀତେଶ ପଟେଲ, ଧରଣୀ ନାଏକ, ବିମଳ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



# ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ସାକ୍ଷାତ

**ଜୁନାଗଡ଼, ୧୬।୭ (ସମିସ):** ଜୁନାଗଡ଼ର ପୂର୍ବତନ ନଗରପାଳ ତଥା କଳାହାଣ୍ଡି ଜିଲ୍ଲା ବିଜେପିର ଜିଲ୍ଲା ଉପସଭାପତି ମୁକେଶ ଅଗ୍ରୱାଲ ରାଜ୍ୟର ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଜୁନାଗଡ଼ ଅଞ୍ଚଳର ବିଭିନ୍ନ ଜନସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସାକ୍ଷାତକାର ସମୟରେ ଜୁନାଗଡ଼ ଅଞ୍ଚଳ ତଥା ନୂତନ ଶିଳ୍ପ ପ୍ରତିଷ୍ଠା ଓ ଜୁନାଗଡ଼ ସହରରେ ପାନୀୟଜଳ, ରାସ୍ତାଘାଟର ଉନ୍ନତି, ଡ୍ରେନେଜ୍ ବ୍ୟବସ୍ଥା, ସ୍ୱଚ୍ଛତା, ସହରର ଭିତ୍ତିଭୂମି ବିକାଶ ସହ ଅନ୍ୟାନ୍ୟ ଜନସାଧାରଣଙ୍କ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଜୁନାଗଡ଼ର ସାମଗ୍ରୀକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଓ ସହଯୋଗ ପ୍ରଦାନ କରିବାକୁ ଅନୁରୋଧ ଜଣାଇଥିଲେ। ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥାପିତ ପ୍ରସଙ୍ଗଗୁଡ଼ିକୁ ଗୁରୁତ୍ୱର ସହ ଶୁଣିଥିବା ବେଳେ ସମ୍ଭବପର ଶୀଘ୍ର ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନ ଦେଇଥିବା ସୂଚନା ମିଳିଛି।

# ଯାନ୍ତ୍ରିକ ତ୍ରୁଟି ଯୋଗୁଁ ସରକାରୀ ବସ୍ ଦୁର୍ଘଟଣାଗ୍ରସ୍ତ

**କେସିଙ୍ଗା, ୧୬।୭ (ସମିସ):** ଗୁରୁବାର ରଥଯାତ୍ରା ଦିନ ସକାଳୁ କେସିଙ୍ଗା ଅଞ୍ଚଳରେ ବର୍ଷା ଲାଗିରହିଥିବା ବେଳେ ସକାଳୁ ଏକ ସରକାରୀ କେସିଙ୍ଗା ବ୍ଲକ ଗାଇଗାଁ ଛକ ନିକଟରେ ରାସ୍ତା ତଳକୁ ଖସି ଯାଇଥିଲା ପରେ ଜଣା ପଡ଼ିଲା ଯେ ଗାଡ଼ିର ଷ୍ଟିଅରିଂରେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଘଟଣ ଘଟିଥିଲା। ଦୁର୍ଘଟଣା ସମୟରେ ବସ୍‌ରେ କେବଳ ତିନି ଜଣ ଯାତ୍ରୀଥିଲେ।



# ବିଲୁଆ ଆକ୍ରମଣରେ ମହିଳାଙ୍କ ସମେତ ୩ ଗୁରୁତର

**ନୂଆପଡ଼ା, ୧୬।୭ (ସମିସ):** ନୂଆପଡ଼ା ଜିଲ୍ଲାରେ ବାଘ ଭାଲୁପରେ ଏବେ ଦେଖାଦେଇଛି ବିଲୁଆ ଆତଙ୍କ। ବିଲୁଆ ଆକ୍ରମଣରେ ଜଣେ ମହିଳାସହ ତିନି ଜଣ ଗୁରୁତର ହୋଇ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ଥିବା ଜଣାପଡ଼ିଛି। ନୂଆପଡ଼ା ରେଞ୍ଜ ଭାଲେଶ୍ୱର ଗାଁ ହରିଜନ ପଡ଼ାର ଫିରତ ହରିଜନ(୫୦), କମଳା ହରିଜନ(୪୮) ଓ ତୁଳସିରାମ ଶତନାମୀ(୪୬) ଗୁରୁତର ଆହତ ହୋଇଛନ୍ତି। ଗାଁ ପାଖରେ ଥିବା ଡୁମେରମୁଣ୍ଡା ପୋଖରୀକୁ ଗାଧେଇ ଯାଇଥିବାବେଳେ ଫିରତ ଓ କମଳାଙ୍କୁ ହଠାତ୍ ଗୋଟିଏ ବିଲୁଆ ଆକ୍ରମଣ କରିଥିଲା, ଯାହାକୁ ଛଡେଇବା ପାଇଁ ଯିବାବେଳେ ତୁଳସୀରାମ ମଧ୍ୟ ବିଲୁଆ ଆକ୍ରମଣର ଶିକାର ହୋଇଛନ୍ତି। ସମସ୍ତଙ୍କୁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିବା ବେଳେ ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି। ଖବରପାଇଁ ବନ ବିଭାଗ କର୍ମଚାରୀମାନେ ଗାଁରେ ପହଞ୍ଚିବା ସହ ବିଲୁଆକୁ ପାଖଜଙ୍ଗଲକୁ ଘଉଡ଼ାଇବା କିମ୍ବା ଧରିବାକୁ ପ୍ରୟାସଜାରି ରଖିଥିବା ସୂଚନା ମିଳିଛି। ସେହିପରି ଗତ ବୁଧବାର ଦିନ ଭାଲେଶ୍ୱର ଗ୍ରାମ ମନ୍ଦିର ପଡ଼ାରେ ବିଲୁଆ ଆକ୍ରମଣରେ ୧୯ ବର୍ଷୀୟ ଯୁବକ ଦିପେଶ ଚନ୍ଦ୍ରକାର ଗୁରୁତର ହୋଇ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ବର୍ତ୍ତମାନ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ଜଣାପଡ଼ିଛି।

# ୬୭ ବର୍ଷରେ କେସିଙ୍ଗା ରଥଯାତ୍ରା

**କେସିଙ୍ଗା, ୧୬।୭ (ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରର ରଥଯାତ୍ରା ୬୭ ବର୍ଷରେ ପହଞ୍ଚିଛି। ଗୋଟିଏ ରଥରେ କାଳିଆସାଆନ୍ତେ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ମାଉସୀ ଘର କୁ ଯାଉଥିଲେ ମହାପ୍ରଭୁ ଜଗନ୍ନାଥ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରଥର ଛେରା ପହରା ଦାଇତ୍ୱ କେସିଙ୍ଗାର ଗୌନ୍ତିଆ ତଥା ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସଭାପତି ଡାକ୍ତର ହେମ ସାଗର ସାହାଙ୍କ ଦ୍ୱାରା ସମ୍ପାଦନ ହୋଇଥିଲା।



# ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା

**ଥୁଆମୂଳ ରାମପୁର, ୧୬।୭ (ସମିସ)**

କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ଶ୍ରୀଗୁଣ୍ଡିଚା ରଥଯାତ୍ରା ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଝିପିଝିପି ବର୍ଷା ସତ୍ତ୍ୱେ ମଧ୍ୟ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ସମଗ୍ର ଆଦିବାସୀ ଅଞ୍ଚଳ 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା। ଥୁଆମୂଳ ରାମପୁର ସଦର ମହକୁମାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହାସମାରୋହରେ ପବିତ୍ର ଶ୍ରୀ ଗୁଣ୍ଡିଚା ରଥଯାତ୍ରା ପାଳିତ ହୋଇଯାଇଛି। ଭକ୍ତମାନେ ଅତ୍ୟନ୍ତ ଶ୍ରଦ୍ଧାର ସହ ରଥ ଟାଣି ଠାକୁରଙ୍କୁ ମାଉସୀ ମା'ଙ୍କ ଘରକୁ ନେଇଥିଲେ। ପରମ୍ପରା ଅନୁଯାୟୀ ମହାପ୍ରଭୁ ସେଠାରେ ନଅ ଦିନ ବିରାଜମାନ କରିବା ପରେ ବାହୁଡା ଯାତ୍ରାରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ବ୍ଲକ ସଦର ମହକୁମା ସମେତ କର୍ଲାପାଟ, ଗୁଣପୁର, ମହୁଲପାଟଣା ଓ ଗୋପୀନାଥପୁର ଅଞ୍ଚଳରେ ରଥଯାତ୍ରା ମହାଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଗୁଣପୁରଠାରେ ନୂତନରଥରେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପହଣ୍ଡିରେ ଛେରାପହଁରା କରିଥିଲେ ଶ୍ରୀକାନ୍ତ ସିଂହ ଏବଂ କର୍ତ୍ତା ଭାବେ ସନ୍ତୋଷ ସିଂହ ଦମ୍ପତି ପୂଜାରେ ବସିଥିଲେ। ମୁଖ୍ୟପୂଜକ ଭାବେ ରତିକାନ୍ତ ପଣ୍ଡା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଜଗନ୍ନାଥଙ୍କ ପରମ ଭକ୍ତ ଭାବେ ଗ୍ରାମର ବ୍ରହ୍ମା ଦୁରିଆ ଓ ତାଙ୍କ ପରିବାର ପ୍ରଥମେ ଏହି ରଥଯାତ୍ରାର ଶୁଭାରମ୍ଭ କରିଥିଲେ ଯେଉଁଥିରେ ଗ୍ରାମବାସୀଙ୍କ ମଧ୍ୟ ସହଯୋଗ ରହି ଆସୁଥିଲା। ପରବର୍ତ୍ତୀ ସମୟରେ ଗ୍ରାମ କମିଟି ପରିଚାଳନାର ଦାୟିତ୍ୱ ନେବାସହିତ ରଥଯାତ୍ରାର ବ୍ୟାପକ ପ୍ରସ୍ତୁତି ଉପରେ ନିଷ୍ପତ୍ତି ନେଇଥିଲେ। ସେହିପରି ଗୋପୀନାଥପୁରଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୂତନମନ୍ଦିର ନିର୍ମାଣ ପରେ ଚଳିତବର୍ଷ ଆନନ୍ଦ ଉଲ୍ଲାସର ସହିତ ଶ୍ରୀଗୁଣ୍ଡିଚା ରଥଯାତ୍ରା ସମ୍ପନ୍ନ ହୋଇଛି। କର୍ଲାପାଟ ଠାରେ ମଧ୍ୟ କର୍ଲାପାଟ ରାଜ ପରିବାର ଦ୍ୱାରା ପରିଚାଳିତ ରଥଯାତ୍ରା ମଧ୍ୟ ପାଳିତ ହୋଇଯାଇଛି। ଘଣ୍ଟ, ଘଣ୍ଟା, ହୁଳହୁଳି, ମୃଦଙ୍ଗ ଓ ସଂକୀର୍ତ୍ତନର ଧ୍ୱନିରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ଚଳିତବର୍ଷ ଲଘୁଚାପ ଜନିତ ଝିପିଝିପି ବର୍ଷା ପାଗ ରହିଥିଲେ ମଧ୍ୟ ରଥଯାତ୍ରାରେ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସ୍ଥାନୀୟ ପୂଜା କମିଟି ଓ ଅଞ୍ଚଳର ନେତୃବୃନ୍ଦଙ୍କ ସହଯୋଗରେ ଯାତ୍ରା ସୁଚାରୁରୂପେ ପରିଚାଳିତ ହୋଇଥିବାବେଳେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ରଥଯାତ୍ରା ଅବସରରେ ଆଖପାଖ ଅଞ୍ଚଳରୁ ଆସିଥିବା ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସମଗ୍ର ଥୁଆମୂଳ ରାମପୁର ବ୍ଲକ ଭକ୍ତି, ଆଧ୍ୟାତ୍ମିକତା ଓ ଉତ୍ସବମୁଖର ପରିବେଶରେ ଉତ୍ସାହିତ ହୋଇଉଠିଥିଲା।



ବର୍ଷା ଭିଜା ରାସ୍ତାରେ ଫିଟିଲା ଭକ୍ତିର ପଥ

# ଲଡୁଗାଁରେ କୁନି ରଥେ ଦର୍ଶନ ଦେଲେ ବଡ଼ ଠାକୁର



**କୋକସରା, ୧୬।୭ (ସମିସ):** କୋକସରା ବ୍ଲକର କୋଣଅନୁକୋଣ ଆଜି ଶ୍ରୀଜିଉଙ୍କ ମହୋତ୍ସବରେ ଆଧ୍ୟାତ୍ମିକମୟ ହୋଇଉଠିଛି। ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ଲଡୁଗାଁରେ ଦେଖିବାକୁ ମିଳିଛି ଏକ ନିଆରା ଓ ଆକର୍ଷଣୀୟ ଦୃଶ୍ୟ। ଏଠାରେ ଏକ ସୁସଜ୍ଜିତ 'କୁନି ରଥ'ରେ ବିରାଜମାନ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଜଗତର ନାଥ ଜଗନ୍ନାଥ। ଲଡୁଗାଁରେ ବ୍ଲକ ଅଧ୍ୟକ୍ଷାଙ୍କ ବାସଭବନରୁ ଶାସ୍ତ୍ରୀୟ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ଏହାପରେ ଏହି କୁନି ରଥ ସାରା ଲଡୁଗାଁ ସହର ପରିକ୍ରମା କରିଥିଲା। କୋକସରା ବ୍ଲକ ସଦରମ ହକୁମା ସମେତ ବ୍ଲକର ବଡ଼ପୋଡାଗୁଡା, ଆମପାଣି, ସିଉନୀ, କାଉଡୋଲା, ଗୋତମୁଣ୍ଡା, ଲଡୁଗାଁ, ଟେମରା, ମୋଟେର, ତୁନଗାଁ, ଡଙ୍ଗରୀଗୁଡା, ଛିଲିପାମାଲ, କେନ୍ଦୁଡଙ୍ଗରୀ, କାଶୀବାହାଲ ଆଦି ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଳିତ ହୋଇଛି।

ସକାଳ
THE SAKALA



# ଘୋଷଯାତ୍ରାରେ ଜନ୍ମବେଦୀକୁ ଗଲେ ଶ୍ରୀଜୀଉ







## ଭଟଲି ଦଧିବାମନ

**ଭଟଲି, ୧୬।୭(ସମିସ):** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ଭଟଲିଠାରେ ପ୍ରସିଦ୍ଧ ରଥଯାତ୍ରା ଗୁରୁବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେଥିପାଇଁ ସକାଳୁ ଭଟଲି ବଡଦାଣ୍ଡ ଚଳଚଞ୍ଚଳ ହୋଇ ଉଠିଥିଲା। ଦ୍ୱାରପାଳ ପୂଜା, ରୋଷ ପୂଜା, ସକାଳଧୂପ ଅନୁଷ୍ଠିତ ହେବା ପରେ ପ୍ରଭୁଙ୍କ ସାହାଣମେଲା ଅନୁଷ୍ଠିତ ହୋଇଥିଲା। ଏହାପରେ ଦଧିବାମନଙ୍କ ରଥଯାତ୍ରା ପାଇଁ ପହଣ୍ଡି ପୂଜା ଆରମ୍ଭ ହୋଇଥିଲା। ପହଣ୍ଡିପୂଜା ପରେ ଭଟଲି ଗୌନ୍ତିଆଙ୍କ ଦ୍ୱାରା ଛେରାପହରା ଆରମ୍ଭ ହୋଇଥିଲା। ଏହାପରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ବଡ଼ଦାଣ୍ଡକୁ ବିଜେ କରିଥିଲେ। ଏହି ପହଣ୍ଡି ସମୟରେ ଶ୍ରଦ୍ଧାଳୁଙ୍କ ହୁଳହୁଳି, ହରିବୋଲ, ଘଣ୍ଟଶଙ୍ଖ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା। ଭକ୍ତମାନେ ଆଲଟ, ଚାମର ଧରି ପ୍ରଭୁଙ୍କ ସେବାରେ ଲାଗିପଡ଼ିଥିଲେ। ପ୍ରଭୁଙ୍କ ସମ୍ମୁଖରେ ଅନେକ ସଂକୀର୍ତ୍ତନ୍ୟ ଦଳ, କୃଷ୍ଣଗୁରୁ, ସମ୍ପ୍ରଦା ଦଳ, ବ୍ୟାଣ୍ଡବାଜା ପାର୍ଟି ପ୍ରମୁଖ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ରଥାରୁଢ ହେବାପରେ ବେଶ କରାଯାଇ ପୂଜାପାଠ ସହ ମଙ୍ଗଳ ଆଳତୀ କରାଯାଇଥିଲା। ଆଳତୀ ପରେ ନବଜାତ ଶିଶୁମାନଙ୍କ ରଥଛୁଆଁ ଯାଇଥିଲା। ପରେ ରଥରେ ଘୋଡ଼ା ଯଚା ହୋଇ ଡାହୁକ (ସାରଥୀ) ତାଙ୍କର ଗୀତ ବୋଲିବା ପରେ ରଥ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲା। ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମଧ୍ୟରେ ରଥଟଣା ହୋଇଥିଲା। ବରଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ରଥଯାତ୍ରା ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଦିନସାରା ଝିପିଝିପି ବର୍ଷା ଲାଗି ରହିଥିବା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଗହଳି ଜମିଥିଲା। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ରଥଯାତ୍ରାରେ ଉପସ୍ଥିତ ରହି ଶ୍ରୀ ଦଧିବାମନ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଥାନା ଛକରେ ୧୦୮ ଦୀପ ଜାଳି ମହା ଆରତୀ କରିଥିଲେ। ଭଟଲି ବିଡ଼ିଓ ପ୍ରମୋଦ ଚନ୍ଦ୍ର ମେହେର, ତହସିଲଦାର ରାମକୃଷ୍ଣ ମିଶ୍ର, ଥାନା ଅଧିକାରୀ ବିଭୂତି ଭୁଷଣ ଦଳେଇ ପ୍ରମୁଖ ଉପସ୍ଥିତ ରହି ସୁପରିଚାଳନା କରିଥିଲେ। ରଥଦାଣ୍ଡ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ୭ଟାରେ ବଡ଼ଦାଣ୍ଡରେ ରଥ ପହଞ୍ଚିଥିଲା।

## ତରଭା ଶ୍ରୀ ଦଧିବାବନଙ୍କ ଗୁଣ୍ଡିଚା ଯାତ୍ରା

**ତରଭା, ୧୬।୭(ସମିସ):** ଲଗାଣ ବର୍ଷା ସତ୍ତ୍ୱେ ତରଭାର ଶ୍ରୀ ଦଧିବାବନଙ୍କ ପବିତ୍ର ଗୁଣ୍ଡିଚା ଯାତ୍ରା ଭକ୍ତଙ୍କ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନୀରେ ଆରମ୍ଭ ହୋଇଛି। ଏହା ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଚାଲିବ। ଅପରାହ୍ନରେ ପୁଝାରୀମାନେ ରୀତିନୀତି ଅନୁଯାୟୀ ଠାକୁରଙ୍କୁ ବେଶ କରି ପୂଜାର୍ଚ୍ଚନା କରିଥିଲେ। ସନ୍ତୋଷ ପାଣିଗ୍ରାହୀଙ୍କ ପରିବାର ତରଫରୁ ଉପନ ଭୋଗ ଲାଗି ହୋଇଥିଲା। ପୂଜକ ସତ୍ୟନାରାୟଣ ପୁଝାରୀ, ପ୍ରଦୀପ ପାଣିଗ୍ରାହୀ, ସଞ୍ଜୟ ମିଶ୍ର, ସୁରେନ୍ଦ୍ର ବେଜ, ଜୟନ୍ତ ପୁଝାରୀ, ଜଗନ୍ନାଥ ପୁଝାରୀ, ଆଶିଷ ମିଶ୍ର, ଆଦିକନ୍ଦ ପାଣିଗ୍ରାହୀ, ତୁହିନ ପାଣିଗ୍ରାହୀ, ଦେବବ୍ରତ ପଣ୍ଡା, ଲିପୁନ ପାଣିଗ୍ରାହୀ ପ୍ରମୁଖ ଠାକୁରଙ୍କୁ ପହଣ୍ଡି ବିଜେ କରି ରଥାରୂଢ଼ କରାଇଥିଲେ। ଟିକେଲାଲ ମିଶ୍ର ଓ ଶାନ୍ତନୁ ପଣ୍ଡା ପହଣ୍ଡି ସମୟରେ ଗୀତ ଗାଇଥିଲେ। ତରଭା ଏନଏସିର ତତ୍ତ୍ୱାବଧାନରେ ହେଉଥିବା ତରଭା ରଥଯାତ୍ରା କମିଟିର ସଭାପତି ରତନ ଲାଲ ଅଗ୍ରୱାଲ ଶ୍ରୀ ଦଧିବାବନଙ୍କ ଛେରାପହଁରା କାର୍ଯ୍ୟ ତୁଲାଇଥିଲେ। ଠାକୁରଙ୍କ ପହଣ୍ଡି ସମୟରେ ବର୍ଷା ବନ୍ଦ ହୋଇଥିବାରୁ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ପହଣ୍ଡି ପରେ ପୁଣି ବର୍ଷା ଆରମ୍ଭ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ଡୋଳାମଣି ନାଏକଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ଆଜି ଶ୍ରୀ ଦଧିବାବନ ମତ୍ସ୍ୟ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।




## ମନମୁଣ୍ଡା ଦଧିବାମନ ମନ୍ଦିର

**ମନମୁଣ୍ଡା:** ପ୍ରାୟ ୨୦୦ ବର୍ଷ ପୁରାତନ ମନମୁଣ୍ଡାର ଶ୍ରୀ ଦଧିବାମନ ମନ୍ଦିରର ପ୍ରସିଦ୍ଧ ରଥଯାତ୍ରା ପାଳିତ ହୋଇଯାଇଛି। ପୂଜକ ସକାଳେ ମହାପ୍ରଭୁଙ୍କ ନୀତିକାନ୍ତି କରିବା ସହ ମଙ୍ଗଳ ଆଳତି କରିଥିଲେ। ମଧ୍ୟାହ୍ନରେ ଶିବ ରଥ ଏବଂ ଚନ୍ଦ୍ରଶେଖର ରଥ ଶ୍ରୀଜଗନ୍ନାଥଙ୍କ ବେଶ କରିବା ସହ ଟାହିଆ ଲଗାଇଥିଲେ। ରଥରେ ଚାରିମାଳ ଲଗାଇଲା ପରେ ପ୍ରତିଷ୍ଠା କରାଯାଇ ଛେରାପହଁରା କରାଯାଇଥିଲା। ଘଣ୍ଟବାଦ୍ୟ, କୀର୍ତ୍ତନ, ହରିବୋଲ, ହୁଳହୁଳି ସହ ଶ୍ରୀଜୀଉଙ୍କୁ ରତ୍ନବେଦୀରୁ ଜନ୍ମବେଦୀ ଅଭିମୁଖେ ଯାତ୍ରା ପାଇଁ ପହଣ୍ଡି କରାଯାଇଥିଲା। ଭୁଲିଆ ସମାଜ ନେତୃତ୍ୱରେ ପହଣ୍ଡି ଗୀତ, ଭଜନ ପରିବେଷଣ କରାଯାଇଥିଲା। ମହାପ୍ରଭୁଙ୍କୁ ରଥ ପରିକ୍ରମା କରାଇବା ପରେ ରଥାରୁଢ଼ କରାଯାଇଥିଲା। ରଥ କମିଟି ଓ ପୁଲିସ ସହାୟତାରେ ଶାନ୍ତି ଶୃଙ୍ଖଳା ସହ ରଥ ଟଣାଯାଇଥିଲା। ସେଠାରୁ ପୁଣି ପହଣ୍ଡି କରି ମହାବାହୁଙ୍କୁ ଜନ୍ମବେଦୀରେ ବିଜେ କରାଯାଇଥିଲା। ଭୁଲିଆ ସମାଜ ତରଫରୁ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା।

## ବୌଦ୍ଧ ଜଗନ୍ନାଥ ମନ୍ଦିର

**ବୌଦ୍ଧ, ୧୬।୭(ସମିସ):** ବୌଦ୍ଧ ସହରର ବିରାଜିତ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଳିତ ହୋଇଛି। ସକାଳୁ ମନ୍ଦିର ଭିତରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ତଥା ପୂଜାର୍ଚ୍ଚନା ସରିବା ପରେ ଧାଡି ପହଣ୍ଡିରେ ଶ୍ରୀଜୀଉମାନଙ୍କୁ ମନ୍ଦିର ବାହାରକୁ ଅଣାଯାଇଥିଲା। ସହରର ପୋଡାପୋଡା, ନୂଆସାହି ଓ ପ୍ରଶାସନ ତରଫରୁ ଠାକୁରଙ୍କ ପାଇଁ ଟାହିଆ ଆସିବା ପରେ ଲାଗି କରାଯାଇ ପହଣ୍ଡି କରି ରଥଖଳାକୁ ଅଣାଯାଇଥିଲା। କେଉଟସାହି, କାଳେଶ୍ୱର ଓ ନୂଆସାହିର ନାମ ସଂକୀର୍ତ୍ତନ୍ୟ ଦଳ ନାମ ସଂକୀର୍ତ୍ତନ କରିଥିଲେ। ଘଣ୍ଟଧ୍ୱନି, ହୁଳହୁଳି, ହରିବୋଲରେ ଚାରିଆଡ ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀଜିଉମାନଙ୍କ ପହଣ୍ଡିର ଦୃଶ୍ୟ ଅତ୍ୟନ୍ତ ମନୋରମ ଥିଲା। ସକାଳେ ପହଣ୍ଡି ସମୟରେ ଝିପିଝିପି ବର୍ଷା ଲାଗି ରହିଥିଲା। ଭକ୍ତମାନେ ବର୍ଷାରେ ଭିଜି ପହଣ୍ଡି କରିଥିଲେ। ଠାକୁରଙ୍କୁ ରଥ ପର୍ଯ୍ୟନ୍ତ ପହଣ୍ଡି ବିଜେ ସମୟରେ ବିଭିନ୍ନ ସ୍ଥାନରେ ବାଟ ଭୋଗ ଲାଗି ହୋଇଥିଲା। ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥଲା। ମନ୍ଦିର ପରିଚାଳନା କମିଟି ଓ ବ୍ରାହ୍ମଣ ସମାଜ ପକ୍ଷରୁ ସମସ୍ତେ ସହଯୋଗ କରିଥିଲେ। ପହଣ୍ଡି ସମୟରେ ପ୍ରଶାସନ ତରଫରୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନା, ବୌଦ୍ଧ ତହସିଲଦାର ଅନିତା ସାହୁ, ଉପଜିଲ୍ଲାପାଳ ବିନୟ ଭୋଇ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଏହାପରେ ଅପରାହ୍ନରେ ଶ୍ରୀଜୀଉମାନଙ୍କୁ ରଥାରଢ କରାଯାଇଥିଲା। ପରେ ଛେରାପହଁରା କରିବା ପରେ ପରମ୍ପରା ଅନୁଯାୟୀ ଛୋଟ ଛୁଆଙ୍କୁ ରଥଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୪ଟା ପରେ ରଥଟଣା ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଏହି ଘୋଷଯାତ୍ରାକୁ ଦେଖିବା ପାଇଁ ବୌଦ୍ଧ ଜିଲ୍ଲା ତଥା ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଥିଲା। ଘୋଷକ ଭାବେ ଡ. ଇଂ. ସଞ୍ଜୟ ପଣ୍ଡା, ସୁଶାନ୍ତ ମହାପାତ୍ର, ରମେଶ ମେହେର, ଶିବଦତ୍ତ ପଟ୍ଟନାୟକ, ଚନ୍ଦ୍ରକାନ୍ତ ନାୟକ, ସନ୍ତୋଷ କର୍ଣ୍ଣ, ଜ୍ଞାନଚାନ୍ଦ ଶତପଥୀ, ଦୁଃଖୀଶ୍ୟାମ ବେହେରା ପ୍ରମୁଖ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସମସ୍ତ ଦାୟିତ୍ୱ ତୁଲାଇଥିଲେ।



## ଦେବଗିରି ମଠ



**ଭବାନୀପାଟଣା, ୧୬।୭(ସମିସ):** ସ୍ୱାମୀ ଦେବଗିରି ମଠ ଠାରେ ଦଧିବାମନଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନେଇ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢୀପଦର ସ୍ଥିତ ଦେବଗିରି ମଠ ଉତ୍ସବମୁଖର ହୋଇଉଠିଥିଲା। ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀ ଛେରାପହଁରା କରିଥିବାବେଳେ ସେବାୟତ ତପିବର ଦାସ, ପୁଜକ ସନ୍ତୋଷ ପାଢ଼ୀ, ପୂର୍ବତନ ଟ୍ରଷ୍ଟି ବିଜୟ ଧଙ୍ଗଡ଼ାମାଝୀ, ଗୋପାଳ ସେବକ ଟିକେ ଗଉଡ, ଗୌନ୍ତିଆଙ୍କ ପ୍ରତିନିଧି ଖିରାବ୍ଠଧ ମାଝୀ ଓ କାନ୍ତ ମାଝୀ ପ୍ରମୁଖ ନିତି ସମ୍ପାଦନ କରିଥିଲେ। ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଷ୍ଣୁ ଗଉଡ, ରଜନୀ ଗଉଡ, ସଞ୍ଜୟ ଧଙ୍ଗଡ଼ାମାଝୀ, ସୁରେନ୍ଦ୍ର ମାଝୀ, ଭରତ ଧଙ୍ଗଡ଼ାମାଝୀ, ସତ୍ରୁଘନ ଧଙ୍ଗଡ଼ାମାଝୀ, ଦେବରାଜ ଗଉଡ, ପ୍ରଦୀପ ଧଙ୍ଗଡ଼ାମାଝୀ, ବିଭିଷଣ ଧଙ୍ଗଡ଼ାମାଝୀ, ଶିକ୍ଷାବିତ ଅଶୋକ ଧଙ୍ଗଡ଼ାମାଝୀ, ପୂର୍ବା ଗଉଡ, ଧନେ ହେର୍ଣ୍ଣା, ଡମବୁଡା ଗଉଡ, ଦେବାଧି ଭୋଇ, ସେବାୟତ ହରି ଦାସ, ବିଭିଷଣ ଦାସ, ରୋମାଞ୍ଚଳ ଦାସ, ରାମଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ସକାଳୁ ବିଭିନ୍ନ ନିତିକାନ୍ତି ସମ୍ପାଦିତ ହେବାପରେ ଅପରାହ୍ନରେ ଆଜ୍ଞାମାଳ ମହାପ୍ରଭୁ ଦଧିବାମନଙ୍କ ପାଖରୁ ଯାଇ ରଥରେ ଲାଗିହୋଇଥିଲା। ରଥ ବାଟରେ ମଠର ସେବାୟତ ସ୍ୱର୍ଗତ ଦୁର୍ବାଦଳ ଦାସଙ୍କ ବାସଭବନରେ ଅଟକିଥିଲା। ଯାଦବ ରମଣୀମାନେ ବନ୍ଦାପନା କରିବାପରେ ସନ୍ଧ୍ୟା ୭.୩୦ ରେ ମହାପ୍ରଭୁ ମାଉସୀ ମନ୍ଦିରରେ ବିଜେ କରିଥିଲେ। ରଥ ଉପରେ ଡାହୁକ ବିଜୟ ଧଙ୍ଗଡ଼ାମାଝୀଙ୍କ ଡ଼ାକ ସହ ଆଜ୍ଞାମାଳ, ଗଣା ବଜା ଓ ଯାଦବ ରମଣୀଙ୍କ ବନ୍ଦାପନା ଦେବଗିରି ରଥଯାତ୍ରାର ପ୍ରମୁଖ ଆକର୍ଷଣ ଥିଲା।

## ବର୍ଷା ସତ୍ତ୍ୱେ ଭକ୍ତଙ୍କ ଗହଳି

**ଭବାନୀପାଟଣା, ୧୬।୭(ସମିସ):** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଭବାନୀପାଟଣାଠାରେ ଜାତି, ଧର୍ମ, ଭେଦଭାବ ଶୂନ୍ୟ ଏହି ଯାତ୍ରାରେ ରଥ ଦଉଡ଼ି ଟାଣିବାକୁ ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଛି। ଓଡ଼ିଆ ତଥା ଓଡ଼ିଆଙ୍କ ଆରାଧ ଦେବତା ଶ୍ରୀ ଜଗନ୍ନାଥ। ତେଣୁ ଝିପି ଝିପି ବର୍ଷା ଭିତରେ ମଧ ବିଭିନ୍ନ ଅଞ୍ଚଳରୁ ଛୁଟି ଆସିଛନ୍ତି ଜଗନ୍ନାଥପ୍ରେମୀ। ଆଜି ଜଗତରନାଥ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷ ଯାତ୍ରା। ସେବକମାନଙ୍କଦ୍ୱାରା ପ୍ରଭୁଙ୍କ ବୈଦିକ ନୀତିକାନ୍ତି ପରେ କଳାହାଣ୍ଡି ରାଜା ଅନନ୍ତ ପ୍ରତାପ ସିଂଦେଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାରମ୍ପରିକ ପହଣ୍ଡି ବିଜେ କରିଥିଲେ। ସ୍ଥାନୀୟ ବାଲାଜୀ ମନ୍ଦିର, ଇରୀଗେସନ କଲୋନୀ, ପୁରୁଣାପଡ଼ା ଏବଂ ସହର ବାହାରେ ଥିବା ଯୁଗସାଇପାଟଣା ଓ ଦେପୁର ଏବଂ ସିଆର୍‌ପିଏଫ୍ କ୍ୟାମ୍ପରେ ଭକ୍ତ ମାନେ ପ୍ରବଳ ଉତ୍ସାହର ସହିତ ରଥଯାତ୍ରାରେ ସାମିଲ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡ. ତପନ କୁମାର ରଥ, ସତ୍ୟ ନାରାୟଣ ମହାପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, ସନ୍ତୋଷ ରଥ, ମୀନତି ପ୍ରଧାନ ଓ ସ୍ନେହଲତା ଷଡ଼ଙ୍ଗୀ ଡ.ନିହାରେନ୍ଦ୍ର ପଣ୍ଡା ଓ ଉମେଶ ଶତପଥି ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ

**ନୂଆପଡ଼ା/ସିନାପାଲି:** ଲଗାଣବର୍ଷା ସତ୍ତ୍ୱେ ସିନାପାଲି ରଥଯାତ୍ରାରେ ଆଖପାଖ ଅଞ୍ଚଳ ତଥା ପେଡ଼ାଶୀ ଛତିଶଗଡ଼ ଅଞ୍ଚଳରୁଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଜୟ ମେହେରଙ୍କ ଦ୍ୱାରା ତିନି ରଥରେ ଛେରାପହରା କରାଯାଇ ରଥଟଣା ଯାଇଥିଲା। ଏଠିକାର ପରମ୍ପରା ଅନୁସାରେ ମାଆ ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ଶ୍ରଦ୍ଧାଳୁମାନେ ଟାଣିଥିଲେ। ରଥଯାତ୍ରାରେ ଭିଡ଼କୁ ଦେଖି ମନ୍ଦିର କମିଟି ଏବଂ ସେଚ୍ଛାସେବୀଙ୍କ ତରଫରୁ ବିଭିନ୍ନ ସ୍ଥାନରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଆଦିର ବ୍ୟବସ୍ଥା କରାଯାଇଥିଲା। ଏହାସହ ବ୍ରାହ୍ମଣପଡ଼ା, ହାତୀବନ୍ଧା, ପତିଏଲପଡ଼ା, ସାଗୁନଭାଡ଼ି, ନୂଆମାଳପଡ଼ା, ସିଙ୍ଗଝର, କେନ୍ଦୁମୁଣ୍ଡା, ଚଳନା, ଗୋର୍ଲା, ଟିମନପୁର, ଜାମଗାଁ, ଗଣ୍ଡାବାହାଲି, ବରଗାଁ, ଗମ୍ଭାରିଗୁଡ଼ା, ଅରସାପଡ଼ା ଆଦି ଗ୍ରାମରେ ରଥଯାତ୍ରା ହୋଇଥିଲା।

**ଗୋଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ପବିତ୍ର ରଥଯାତ୍ରା ପାଳନ କରାଯାଇଛି। ଛେରା ପହଁରା ଓ ପୂଜାର୍ଚ୍ଚନା ପରେ ମହାପ୍ରଭୁ ବଳଭଦ୍ର, ଶ୍ରୀ ଜଗନ୍ନାଥ ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ରଥ ଉପରେ ବିରାଜମାନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଭଜନ, କୀର୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କୁ ପଞ୍ଜୁରୀ, ଖଇ ଓ ପଣା ବଣ୍ଟନ କରାଯାଇଥିଲା। ପ୍ରଶାସନ ତରଫରୁ ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

**ଖଡ଼ିଆଳ:** ନୂଆପଡ଼ା ଜିଲ୍ଲା ଖଡ଼ିଆଳରେ ରଥଯାତ୍ରା ପାଳିତ ହୋଇଯାଇଛି। ତିନିଠାକୁର ରଥରେ ବିଜେ କରି ମାଉସୀ ମାଙ୍କ ଘରକୁ ଆସିଥିଲେ। ଖଡ଼ିଆଳ ଯୁବରାଜ ଦେବ ଦେବ ସିଂ ଦେଓ ପାରମ୍ପାରିକ ରୀତି ନୀତିରେ ଛେରା ପହରା କରିଥିଲେ। ପ୍ରଥମେ ଦଧିବାମନ ଜଗନ୍ନାଥ ମନ୍ଦିରରେ ରଥାରୂଢ ହୋଇଥିଲେ। ଏହା ପରେ ପତିତପାବନ ମନ୍ଦିରରେ ଛେରା ପହରା ହୋଇଥିଲା। ଶେଷରେ ସାନଗୁଡି ଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଛେରାପହଁରା ପରେ ତିନୋଟି ମନ୍ଦିରରୁ ତିନୋଟି ରଥରେ ବିଜେ ହୋଇ ହଜାର ହଜାର ଭକ୍ତଙ୍କ ଗହଣରେ ରଥଯାତ୍ରା କରି ମାଉସୀ ଘରକୁ (ରାମସ୍ୱାମୀ ମନ୍ଦିର) ଆସିଥିଲେ। ସେହିପରି ଡୁକଲା, ନେହେନା, ଡୁଆଝର, ଭୁଲିଆସିକୁଆ, ବଡ ମହେଶ୍ୱର, ବରଗା, ଢ଼ଙ୍କସର, ରାଣୀମୁଣ୍ଡା, ଚିନ୍ଦାଗୁଡ଼ା, ଚାଲାନପଡ଼ା ପ୍ରଭୃତି ଗ୍ରାମରେ ରଥଯାତ୍ରା ପାଳିତ ହୋଇ ଯାଇଛି।

**ବଲାଙ୍ଗିର:** ବଲାଙ୍ଗିର ସହରର ବିଭିନ୍ନ ଜାଗାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ପାଳିତ ହୋଇଛି। ଗୋପାଳଜୀ ମନ୍ଦିରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରଥଯାତ୍ରା ଆୟୋଜିତ ହୋଇଥିଲା। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ପାରମ୍ପରିକ ଛେରାପହଁରା ନୀତିରେ ମଧ ସାମିଲ ହୋଇଥିଲେ। ସେହିଭଳି ବିଧାୟକ ଶ୍ରୀ ସିଂହଦେଓ ଗୋପବନ୍ଧୁ ନଗର, ସାହାଣୀ ରଥଯାତ୍ରା ଓ ଜଗନ୍ନାଥପଡ଼ା ରଥଯାତ୍ରାରେ ଅଂଶଗ୍ରହଣ କରିଥିଲେ। ପବିତ୍ର ରଥଯାତ୍ରା ଅବସରରେ ବଲାଙ୍ଗୀର ସହରରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଆଶିଷ ପ୍ଲାଜାଠାରେ ଏକ ସ୍ୱତନ୍ତ୍ର ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ଶ୍ରୀଜୀଉମାନଙ୍କ ନୀତିକାନ୍ତିର ପ୍ରତ୍ୟକ୍ଷ ଧାରାବିବରଣୀ ପ୍ରଦାନ କରାଯାଇଛି। ଏହି ସୂଚନା କେନ୍ଦ୍ର ମାଧ୍ୟମରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ବିଭିନ୍ନ ନୀତି ସମ୍ପର୍କରେ ଅବଗତ କରାଯିବା ସହ ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ, ସାଧାରଣ ଘୋଷଣା ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସହାୟତା ଯୋଗାଇ ଦିଆଯାଇଥିଲା। ସୁଦକ୍ଷ ଭାଷ୍ୟକାରମାନେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ, ଛେରା ପହଁରା ଏବଂ ରଥଟଣାର ସୁନ୍ଦର ଧାରାବିବରଣୀ ଦେଇଥିଲେ। ଜଗଦାନନ୍ଦ ଛୁରିଆ, ସନାତନ ଠାକୁର, ବିଜୟ ତ୍ରିପାଠୀ, ମଧୁସୂଦନ ନାଏକ, ସନ୍ଦୀପ କୁଅଁର, ଏଲୋରା ମିଶ୍ର, କଲ୍ଲୋଳିନୀ ମିଶ୍ର ଏବଂ ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆଚାର୍ଯ୍ୟ ପ୍ରଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଧାରାବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



## ବନ୍ଧବାହାଲ ଜଗନ୍ନାଥ ମନ୍ଦିର

**ଇବଥର୍ମାଲ:** ଲଖନପୁର ବ୍ଲକ ତୃତୀୟ ଜୋନ ଅଞ୍ଚଳରେ ଅନେକ ସ୍ଥାନରେ ରଥଯାତ୍ରା ସମ୍ପନ୍ନ ହୋଇଯାଇଛି। ତୁହାକୁ ତୁହା ବର୍ଷା ସତ୍ତ୍ୱେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥ ଉପରେ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଏ ଅଞ୍ଚଳରେ ବିଶେଷ ପ୍ରସିଦ୍ଧି ଲାଭ କରିଥିବା ଦୀନବାନ୍ଧବ କ୍ଷେତ୍ର ବନ୍ଧବାହାଲ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସକାଳ ୫ରେ ପ୍ରଭୁଙ୍କ ମଙ୍ଗଳ ଆଳତୀ ହେବାପରେ ପହୁଡ଼ ଭଙ୍ଗ ନୀତି ଅନୁଷ୍ଠିତ ହୋଇଥିଲା। ୧୧ଟାରୁ ବିଗ୍ରହମାନଙ୍କ ପହଣ୍ଡି ଆରମ୍ଭ କରାଯାଇଥିଲା। ଦିନ ୨ଟା ସୁଦ୍ଧା ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଥିଲେ। ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓ୍ୱଦ କିଶୋର ପାଣ୍ଡେ ରଥ ଉପରେ ଛେରାପହଁରା ନୀତି କରିଥିଲେ। ସନ୍ଧ୍ୟା ୫ରେ ରଥଟଣା ହୋଇଥିଲା। ଠାକୁର ଗୁଣ୍ଡିଚା ମନ୍ଦିର ପାଖରେ ପହଞ୍ଚିବା ପରେ ୭ରେ ରଥ ଉପରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ଜନ ସମାଗମକୁ ଦୃଷ୍ଟିରେ ରଖି ଡିଏସ୍‌ପି ବିନିତା ମାଝୀ, ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ତଥା ବନହରପାଲି ଆଇଆଇସି ବିନୋଦ ରାଓଙ୍କ ନେତୃତ୍ୱରେ ତିନି ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଓପିଜିସି ବନହରପାଲିସ୍ଥିତ ଇବ୍ ଶ୍ରୀକ୍ଷେତ୍ରଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଠାରେ ମଧ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ସକାଳ ୫ଟାରୁ ନୀତି ଆରମ୍ଭ କରାଯାଇଥିଲା। ରଥାରୂଢ଼ ଠାକୁରମାନଙ୍କ ୧ଟା ୩୦ରେ ଛେରାପହଁରା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଓପିଜିସି ଡାଇରେକ୍ଟର (ଅପରେସନ) ଅଞ୍ଜନ ରଞ୍ଜନ ଦାଶ ଛେରାପହଁରା କରିଥିଲେ। ୪ଟା ବେଳେ ରଥ ଟଣା ଆରମ୍ଭ ହୋଇଥିଲା। ସେହିଭଳି ଅଞ୍ଚଳର ଗ୍ରାମାଞ୍ଚଳରେ ଥିବା କୁମ୍ଭାରବନ୍ଧ, ପିପିଲିକାନି, ଚାରପାଲି ବରପାଲି ଇତ୍ୟାଦି ସ୍ଥାନ ରେ ମଧ ରଥଯାତ୍ରା ପାଳିତ ହୋଇଛି।

## କୁକୁରଜଙ୍ଘା ଶ୍ରୀ ପତିତପାବନ ଶ୍ରୀକ୍ଷେତ୍ର

**ଝାରସୁଗୁଡ଼ା:** ଝାରସୁଗୁଡ଼ା ସହର ଉପକଣ୍ଠ କୁକୁରଜଙ୍ଘାସ୍ଥିତ ଶ୍ରୀ ପତିତପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଏହି ପବିତ୍ର ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଜି. ଆର୍. ରାଘବେନ୍ଦ୍ର ମନ୍ଦିର ପରିଦର୍ଶନ କରି ଶ୍ରୀଜୀଉମାନଙ୍କର ପବିତ୍ର ଦର୍ଶନ କରିବା ସହ ଜିଲ୍ଲାବାସୀଙ୍କ ମଙ୍ଗଳ କାମନା କରିଥିଲେ। ପ୍ରାତଃ ସମୟ ୮ ଘଟିକାରେ ସକାଳ ଧୂପ ଏବଂ ୮ଟା ୩୦ରେ ଆଳତି ପରେ ଠାକୁରଙ୍କ ମଙ୍ଗଳାର୍ପଣ ଓ ଅନ୍ୟାନ୍ୟ ପହଣ୍ଡି ନୀତି ଆରମ୍ଭ ହୋଇଥିଲା। ଏହାପରେ ମନ୍ଦିରରୁ ଠାକୁରଙ୍କୁ ଧାଡ଼ି ପହଣ୍ଡି ମାଧ୍ୟମରେ ରଥ ଉପରକୁ ବିଜେ କରାଯାଇଥିଲା। ଅପରାହ୍ନ ୩ଟା ସୁଦ୍ଧା ଶ୍ରୀଜୀଉମାନଙ୍କ ରଥାରୂଢ଼ ନୀତି ସମ୍ପନ୍ନ ହୋଇଥଲା। ଅପରାହ୍ନ ୩ଟା ୪୫ ମିନିଟରେ ଶ୍ରୀ ପତିତପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଅମିତାଭ ସିଂହଙ୍କ ଦ୍ୱାରା ପାରମ୍ପରିକ ଛେରାପହଁରା ନୀତି ସମ୍ପାଦିତ ହୋଇଥିଲା। ଛେରାପହଁରା କାର୍ଯ୍ୟକ୍ରମ ଶେଷ ହେବା ପରେ ପ୍ରଥମେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ରଥ ଟାଣିବାର ଶୁଭାରମ୍ଭ କରିଥିଲେ। ଏହାପରେ ସେଠାରେ ଉପସ୍ଥିତ ହଜାର ହଜାର ଶ୍ରଦ୍ଧାଳୁ ହୁଳହୁଳି ଓ ହରିବୋଲ ଧ୍ୱନି ପୂର୍ବକ ରଥ ଟାଣିଥିଲେ। ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବା ସହ ସଫଳ ସହଯୋଗ ପାଇଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ହୋଇଥିବା ସୂଚନା କେନ୍ଦ୍ରରେ କର୍ମଚାରୀ ନିହାଲ୍ ଭୋଇ ଏବଂ ରବୀନ୍ଦ୍ର ନିଆଳ ସହଯୋଗ କରିଥିଲେ।





## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ସମୟର ସଦୁପଯୋଗ କରନ୍ତୁ। ଅନ୍ୟକୁ କଷ୍ଟ ଦେଲା ପରି କଥା କୁହନ୍ତୁନି।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ନିଜ ଲୋକ ଶତ୍ରୁ ସାଜିବେ। ଭାବି ବିଚାରି କାମ କରନ୍ତୁ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଆଶା କରିଥିବା ଦିଗରୁ ଧନ ମିଳିବ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ଯୋଗ ଅଛି। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଅଚାନକ ଖୁସି ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମାନସିକ ଚିନ୍ତା ବଢ଼ିବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ପିଲାଙ୍କ ପଢ଼ା ପାଇଁ ଅଭିଭାବକ ବ୍ୟସ୍ତ ହୋଇପାରନ୍ତି।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।

**କୁମ୍ଭ:** କର୍ମଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମୀନ:** ରାଜନୀତିରେ ଯୋଗ ଦେବେ। ଆୟ ଅନୁସାରେ ବ୍ୟୟ ସମାନ ରହିବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ଖୋଜିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ।

## ଆଜିର ଇତିହାସ

- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା।



## ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ

ଆଜି 'ଆନ୍ତର୍ଜାତିକ ନ୍ୟାୟ ଦିବସ'। ବିଶେଷ କରି ମାନବାଧିକାର ଉଲ୍ଲଂଘନର ଗୁରୁତର ମାମଲା ଏବଂ ତାହାକୁ ଦୂର କରିବାରେ ଆନ୍ତର୍ଜାତିକ ଆପରାଧିକ ଅଦାଲତ (ଆଇଆଇସି) ର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏହି ସ୍ୱତନ୍ତ୍ର ଦିବସର ପରିକଳ୍ପନା କରାଯାଇଛି। ଲୋକଙ୍କୁ ନରସଂହାର, ମାନବିକତା ବିରୋଧୀ ଅପରାଧ, ଯୁଦ୍ଧ ଅପରାଧ ଓ ଆକ୍ରମଣ ଅପରାଧରୁ ରକ୍ଷା କରିବା ଲାଗି ୧୯୯୮ ଜୁଲାଇ ୧୭ରେ ରୋମ୍‌ଠାରେ ଆଇସିସିର ପ୍ରତିଷ୍ଠାତା ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି। ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ। ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳନ କରାଯାଇ ଆସୁଛି। ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମେଳନର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ। ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୦୨ ଜୁଲାଇ ୧ ଠାରୁ ନେଦରଲାଣ୍ଡ୍ସର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା। ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ। ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ। ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ। ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ 'ଆନ୍ତର୍ଜାତିକ ନ୍ୟାୟ ଦିବସ' ପାଳନ କରାଯାଇ ଆସୁଛି। ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି। ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି। ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ଆଇନଗତ ଅନୁଷ୍ଠାନ, ମାନବାଧିକାର ସଂଗଠନ ଓ ସେମିନାର ମାଧ୍ୟମରେ ଲୋକଙ୍କୁ ସେମାନଙ୍କର ନ୍ୟାୟିକ ଅଧିକାର ବିଷୟରେ ସଚେତନ କରାଯାଇଥାଏ।

## ଏମିତି ଜଣେ ଯାଦୁଗର...



ସତୁରୀ ଦଶକରେ ଭିକ୍ଟର ଭେନ ନାମକ ଜଣେ ଯାଦୁଗର ବେଶ୍ ଚର୍ଚ୍ଚାରେ ଥିଲେ। ସେ ଚର୍ଚ୍ଚାରେ ରହିବାର କାରଣ ଭିକ୍ଟର ତାଙ୍କ ଯାଦୁଖେଳ ଦେଖିବାକୁ ଥିଏଟର୍‌କୁ ଆସିଥିବା ଦର୍ଶକମାନଙ୍କୁ ଆଖି ଆଗରୁ ହିଁ ଗାଏବ କରିଦେଇଥିଲେ। ସେହି ରହସ୍ୟ ଆଜି ବି ଏକ ପ୍ରହେଳିକା ହୋଇ ରହିଛି। ୧୯୭୫ ମସିହାରେ ଲାସ ଭେଗାସର ଏକ ବଡ଼ ଥିଏଟର୍ ଶୋ'ରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉତ୍ସାହର ସହ ଯାଦୁ ଖେଳ ଦେଖିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଯାଦୁଗର ଜଣକ ଲୋକଙ୍କୁ କହିଲେ, 'ଆଖି ବନ୍ଦ କରନ୍ତୁ ଏବଂ ଧୀରେ ଧୀରେ ୧ ରୁ ୧୦ ପର୍ଯ୍ୟନ୍ତ ଗଣନ୍ତୁ। ଯେମିତି ଲୋକମାନେ ୧୦ କହିଲେ, ସାମ୍ନାର ଦୃଶ୍ୟ ଦେଖି ସେଠାକାର କର୍ମଚାରୀଙ୍କ ଛାତି ଥରି ଉଠିଲା। ଥିଏଟରରେ ଚେୟାର୍ ସବୁ ଖାଲି ପଡ଼ିଥିଲା, ଟୋପି ସବୁ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିଲା ଏବଂ ସେଠାରେ ଜଣେ ହେଲେ ବି ମଣିଷ ଉପସ୍ଥିତ ନ ଥିଲେ। ସୁଯୋଗ ଦେଖି ଭିକ୍ଟର ଷ୍ଟେଜରୁ ଚମ୍ପଟ ମାରିଥିଲେ। ପରିସ୍ଥିତିକୁ ଦେଖି ସୁରକ୍ଷାକର୍ମୀମାନେ ତୁରନ୍ତ ଖୋଜାଖୋଜି ଆରମ୍ଭ କଲେ, କିନ୍ତୁ କୌଣସି ସୁରାଗ ମିଳିଲା ନାହିଁ। ଏନେଇ ବିଶେଷଜ୍ଞଙ୍କ କହିବା କଥା, 'ସେହି ସମୟରେ ଯାଦୁଗରମାନେ ଥିଏଟରଗୁଡ଼ିକରେ ଗୁପ୍ତ ରାସ୍ତା ଏବଂ ହାଇ-ଟେକ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଥିଲେ। ମନୋବୈଜ୍ଞାନିକ କୌଶଳ କିମ୍ବା ସାମୂହିକ ସମ୍ମୋହନର ସାହାଯ୍ୟ ନେଇ ହୋଇପାରେ ଥିଏଟରକୁ ଯାଦୁ ଦେଖିବାକୁ ଆସିଥିବା ଲୋକମାନଙ୍କୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିବ, କିନ୍ତୁ ବିନା କୌଣସି ଶବ୍ଦରେ ଏତେ ବଡ଼ ସଂଖ୍ୟକ ଲୋକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯିବା ଆଜି ବି ଏକ ବଡ଼ ପ୍ରଶ୍ନ ହୋଇ ରହିଛି। ଏହି ଘଟଣା ପରେ ଯେମିତି ଭିକ୍ଟର ଭେନଙ୍କ ନାମ ଇତିହାସର ପୃଷ୍ଠାରେ କେଉଁଠି ହଜିଗଲା ଭଳି ମନେହେଲା। କୁହାଯାଏ କି, ସେ ନିଜେ ମଧ୍ୟ ସେହି ଦିନ ପରଠାରୁ କୌଣସି ବଡ଼ ମଞ୍ଚରେ ନଜର ଆସିନଥିଲେ। ସେ ଛୋଟମୋଟ ଶୋ' କରି ନିଜ ଜୀବନ ଅତିବାହିତ କରୁଥିବା ପରେ ଶୁଣିବାକୁ ମିଳିଥିଲା। ହେଲେ ସେଦିନ କ'ଣ ଘଟିଥିଲା ସେକଥା ଏବେବି ତାହା ରହସ୍ୟ ହୋଇ ରହିଛି।

## 'ତୁମ୍ବାଡ଼-୨'ରେ ଆଲିଆ



ଆଲିଆ ଭଟ୍ଟଙ୍କୁ ବର୍ତ୍ତମାନ ସମୟରେ ବଲିଉଡ୍‌ର ସବୁଠାରୁ ସଫଳ ଅଭିନେତ୍ରୀ କୁହାଯାଉଛି। ଆଲିଆ ଏବେ ତାଙ୍କର ସ୍ପାଏ-ଥ୍ରୀଲର ଫିଲ୍ମ 'ଆଲ୍‌ଫା'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଇତିମଧ୍ୟରେ ସେ ଆଉ ଏକ ଫିଲ୍ମକୁ ନେଇ ମଧ୍ୟ ଏବେ ଚର୍ଚ୍ଚାକୁ ଆସିଛନ୍ତି। ସୋହମ୍ ଶାହା ତାଙ୍କ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ତୁମ୍ବାଡ଼'ର ସିକ୍ୱେଲ 'ତୁମ୍ବାଡ଼ ୨' ଉପରେ ଏବେ କାମ ଆରମ୍ଭ କରି ଦେଇଛନ୍ତି। କିଛି ଦିନ ପୂର୍ବରୁ ଏଥିରେ ନୱାଜୁଦ୍ଦିନ ସିଦ୍ଦିକି କାମ କରୁଥିବା ନେଇ ଖବର ପ୍ରକାଶ ପାଇବା ପରେ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଏବେ ଏଥିରେ ଆଲିଆ ମଧ୍ୟ କାମ କରୁଥିବା ନେଇ ନିକଟରେ 'ତୁମ୍ବାଡ଼' ଟିମ୍ ପକ୍ଷରୁ ଘୋଷଣା କରାଯାଇଛି। ଏହା ଉପରେ ଖୋଦ୍ ଆଲିଆ ମଧ୍ୟ ନିଜର ମତ ରଖିଛନ୍ତି। ଆଲିଆ କହିଛନ୍ତି- "ତୁମ୍ବାଡ଼' ଫିଲ୍ମ ଦେଖିବା ଠାରୁ ଏହା ମୋ ମନରେ ଘର କରି ରହିଛି। ବହୁତ କମ୍ ଫିଲ୍ମ ଏମିତି ତିଆରି ହୁଏ, ଯାହା ରିଲିଜ୍ ହେବାର ବର୍ଷ ବର୍ଷ ପରେ ବି ଲୋକଙ୍କ ହୃଦୟ ଓ ମନରେ ସେମିତି ହିଁ ରହିଥାଏ। ଏବେ ଏହି ଦୁନିଆର ଏକ ଅଂଶ ହେବା ମୋ ପାଇଁ ବେଶ୍ ସ୍ୱତନ୍ତ୍ର। ମୁଁ ସୋହମ୍ ଏବଂ ନବାଜୁଦ୍ଦିନ୍‌ଙ୍କ ସହ କାମ କରିବା ପାଇଁ ଉତ୍ସାହିତ ଅଛି। ମୁଁ ଉଭୟଙ୍କର ଜଣେ ବଡ଼ ପ୍ରଶଂସକ। 'ତୁମ୍ବାଡ଼' ଭଳି ରହସ୍ୟମୟ କାହାଣୀରେ କାମ କରିବା ପାଇଁ ମୁଁ ବେଶ୍ ଉତ୍ସାହିତ ଅଛି।' ସେହିଭଳି ସୋହମ୍ ମଧ୍ୟ ଆଲିଆଙ୍କୁ ନେଇ କହିଛନ୍ତି- 'ଆଲିଆ 'ତୁମ୍ବାଡ଼ ୨' ସହ ଜଡ଼ିତ ହେବା ଆମ ସମସ୍ତଙ୍କ ପାଇଁ ଖୁସିର କଥା। ସେ ଜଣେ ପ୍ରତିଭାଶାଳୀ ଅଭିନେତ୍ରୀ। ଏହି ଫିଲ୍ମରେ ତାଙ୍କୁ ଏକ ଭିନ୍ନ ଅନ୍ଦାଜରେ ଦେଖିବାକୁ ମିଳିବ। ମୁଁ ତାଙ୍କ ସହ ପ୍ରଥମ ଥର କାମ କରୁଛି।" 'ତୁମ୍ବାଡ଼ ୨' ଚଳିତବର୍ଷ ୩ ଡିସେମ୍ବରରେ ପରଦାକୁ ଆସିବ।

## 'ସକାଳ'ର ସ୍ୱାସ୍ଥ୍ୟ

# ଲେଉଟୁଛି କରୋନା



ଭୂତାଣୁର ଭୟାବହତା କରୋନା ସମୟରେ ଅଧିକ ଦେଖିବାକୁ ମିଳିଥିଲା। କରୋନାର ପ୍ରକୋପ କମିଯାଇଥିଲେ ହେଁ ଏବେ ଆନ୍ଧ୍ରପ୍ରଦେଶରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଦେଖିବାକୁ ମିଳିଛି। କୋଭିଡର ସଂକ୍ରମଣଶୀଳତା ଅଧିକା। ଏବେ ଯେଉଁ ଭାରିଆଣ୍ଟ ଆସିଛି ଏହା ଓମିକ୍ରନ୍‌ର ସବ୍ ଭାରିଆଣ୍ଟ ହୋଇଥାଇପାରେ। ଏହା ଅତି କ୍ଷତିକାରକ ନ ହୋଇଥିଲେ ମଧ୍ୟ ସତର୍କ ରହିବା ଆବଶ୍ୟକ।

କୋଭିଡର ନୂତନ ସଂକ୍ରମଣ ମୁଖ୍ୟତଃ ସ୍ପାଇକ୍ ପ୍ରୋଟିନ ମ୍ୟୁଟେସନ୍ ପାଇଁ ହୋଇଥାଏ। ଯେମିତିକି ସିକାଡ଼ାରେ ୭୦ରୁ ୭୫ଟି ନୂଆ ଜେନେଟିକ୍ ପରିବର୍ତ୍ତନ ରହିଛି। ଏହା ଅନେକଙ୍କୁ ସଂକ୍ରମିତ କରିଥାଏ। ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଦେଶରେ ମଧ୍ୟ ଏହାର ସଂକ୍ରମଣ ଦେଖାଯାଉଛି। ଭୂତାଣୁ ଶରୀରରେ ପ୍ରବେଶ କରିବାର ୫ରୁ ୭ ଦିନରେ ଲକ୍ଷଣ ଦେଖାଯାଏ। ନିଃଶ୍ୱାସ ନେବାରେ ସମସ୍ୟା, ଜ୍ୱର, ଥକ୍କାପଣ, ଧଇଁସଇଁ ଲାଗିବା, କାଶ, ଗଳା ଦରଜ, ପେଟ କାଟି ପତଳା ଝାଡ଼ା ହେବା ଆଦି ଲକ୍ଷଣ ଦେଖାଯାଏ। ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଅନ୍ୟମାନେ ସଂକ୍ରମିତ ହୋଇଥାନ୍ତି। ତେଣୁ ଏସବୁ ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ନେବା ସହ କୋଭିଡ ପରୀକ୍ଷା କରିବା ଆବଶ୍ୟକ। ସାଧାରଣତଃ ବର୍ଷାଋତୁରେ ଆର୍ଦ୍ରତା ବୃଦ୍ଧି ପାଇବା ହେଉ କି ଜଳବାୟୁ ପରିବର୍ତ୍ତନ ସମୟରେ ଏହାର ସଂକ୍ରମଣ ବଢ଼େ। ତେଣୁ ବୟସ୍କ ବ୍ୟକ୍ତି, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି, ଅଣନିୟନ୍ତ୍ରିତ ମଧୁମେହ, ବୃକକ୍ କିମ୍ବା ଯକୃତ ଜନିତ ସମସ୍ୟା, ଶ୍ୱାସରୋଗୀ, ଛୋଟଛୁଆ, ଗର୍ଭବତୀ ମହିଳା ଅଧିକ ସତର୍କ ରହିବା ଆବଶ୍ୟକ। ଏନେଇ ବରିଷ୍ଠ ଭେଷଜ ବିଶେଷଜ୍ଞ, ପ୍ରଫେସର ଡାକ୍ତର ଶ୍ରୀକାନ୍ତ କୁମାର ଧର କୁହନ୍ତି, "ପୂର୍ବରୁ ନିଆଯାଇଥିବା ଟିକାରେ ଥିବା ଆଣ୍ଟିବଡି ଆମକୁ ଗୁରୁତର ହେବାରୁ ବଞ୍ଚାଇପାରେ କିନ୍ତୁ ନୂତନ ଭାରିଆଣ୍ଟରେ ଥିବା ମ୍ୟୁଟେସ୍‌ନ ସଂକ୍ରମିତ କରିପାରିବ। ତେଣୁ ସମ୍ବେଦନଶୀଳ ବ୍ୟକ୍ତିମାନେ ସତର୍କ ରହିବା ଜରୁରି। ଏହା ସହ କୋଭିଡର ନିୟମାବଳୀ ଯେମିତି ପାଳନ କରୁଥିଲେ ଯଥା- ସମ୍ବେଦନଶୀଳ ଗୋଷ୍ଠୀ ମାସ୍କ ପିନ୍ଧିବା, ଭିଡ଼ ସ୍ଥାନକୁ ନଯିବା, ହାତ ଧୋଇବା ଆବଶ୍ୟକ।" କୋଭିଡ ଲକ୍ଷଣ ଦେଖାଗଲେ ନିଜକୁ ସଂଗରୋଧ ରଖିବା ସହ ପରୀକ୍ଷା କରିବେ। ରୋଗପ୍ରତିରୋଧଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଓ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଗ୍ରହଣ ସହ ବ୍ୟାୟାମ କରିବା ସ୍ୱାସ୍ଥ୍ୟପ୍ରଦ।




## ଜିଙ୍କ୍ ଅଭାବ ହେଲେ ...



ଅସନ୍ତୁଳିତ ଡାଏଟ, ତେଲ ମସଲାଯୁକ୍ତ ଖାଦ୍ୟ ସେବନ ଆଦି ଅନେକ କାରଣରୁ ଶରୀରରେ ଜିଙ୍କ୍‌ର ଅଭାବ ଦେଖାଯାଇଥାଏ। ଜିଙ୍କ୍‌ର ଅଭାବରୁ ଶରୀରରେ ଦେଖାଯାଉଥିବା ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।

ଶରୀରର ଜିଙ୍କ୍‌ର ଅଭାବ ହେଲେ, ବାରମ୍ବାର ସଂକ୍ରମଣ ହେବା, ଥଣ୍ଡା, ଜ୍ୱର, କାଶ ଲାଗି ରହିବା, ଘା' ଶୁଖିବାରେ ବିଳମ୍ବ, କେଶ ଝଡ଼ିବା, ଚର୍ମ ଶୁଷ୍କ, ଓଜନ ହ୍ରାସ, ଚିଡ଼ିଚିଡ଼ାପଣ, ଘ୍ରାଣଶକ୍ତି ଦୁର୍ବଳ, ରାତିରେ କମ୍ ଦେଖାଯିବା, ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶକ୍ରମେ ରକ୍ତ ପରୀକ୍ଷାରୁ ଜିଙ୍କ୍ ସ୍ତର ଜଣାପଡ଼େ। ଏଥିପାଇଁ ଡାକ୍ତର ଜିଙ୍କ୍ ସପ୍ଲିମେଣ୍ଟ ଦେଇଥାନ୍ତି। ଏଥିସହିତ ଜୀବନଶୈଳୀରେ ପରିବର୍ତ୍ତନ, ସନ୍ତୁଳିତ ଖାଦ୍ୟ ଗ୍ରହଣ, ନିଶା ସେବନଠାରୁ ଦୂରେଇ ରହିବା, ନିୟମିତ ବ୍ୟାୟାମ, ଦିନକୁ ୭ରୁ ୮ ଘଣ୍ଟା ଶୋଇବା ଆବଶ୍ୟକ।

## ବର୍ଷାଦିନେ ପେଟ ସଂକ୍ରମଣ

**ବର୍ଷାଦିନେ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଓ ସନ୍ତସନ୍ତିଆ ପରିବେଶ ଯୋଗୁଁ ଜୀବାଣୁ, ଭୂତାଣୁ ଓ କବକ ସହଜରେ ବୃଦ୍ଧି ପାଆନ୍ତି। ଏହି ଦିନରେ ଟାଇଫଏଡ୍, ଫୁଡ ପଏଜନିଂ, ଝାଡ଼ାବାନ୍ତି ଏବଂ ପେଟ ସଂକ୍ରମଣ ଚିନ୍ତା ବଢ଼ାଏ।**

ବର୍ଷାଦିନେ ବିଭିନ୍ନ ସ୍ଥାନରେ ମଇଳା ପାଣି ଜମିବା ଯୋଗୁଁ ଜଳ ଦୂଷିତ ହୋଇଥାଏ। ଅପରିଷ୍କାର ସ୍ଥାନରେ ମାଛି ବସି ଉଡ଼ି ଆସି ଖାଦ୍ୟ ପଦାର୍ଥରେ ବସିବା ଏବଂ ସେହି ଖାଦ୍ୟକୁ ଖାଇବା ଦ୍ୱାରା ପେଟରୋଗ, ଝାଡ଼ାବାନ୍ତି, ଜଣ୍ଡିସ୍, ହେପାଟାଇଟିସ୍ ଏ, ହଇଜା, କଲେରା ଆଦି ରୋଗ ହୋଇଥାଏ। ହେପାଟାଇଟିସ୍ ଏ ଯକୃତ ଉପରେ ଅଧିକ ପ୍ରଭାବ ପକାଉଥିବାରୁ ଜଣ୍ଡିସ, ଜ୍ୱର, ବାନ୍ତି ହୁଏ। କଲେରା ଯୋଗୁଁ ଡିହାଇଡ୍ରେସନ୍ ଏବଂ ଝାଡ଼ାବାନ୍ତି ହେବାର ସମ୍ଭାବନା ଥାଏ। ତେଣୁ ପାଣିକୁ ଫୁଟାଇ ଥଣ୍ଡା କରି ପିଇବା, ଖାଇବା ପୂର୍ବରୁ, ଶୌଚାଳୟ ଯିବା ପରେ ଏବଂ ବାହାରୁ ଘରକୁ ଆସିଲେ ହାତକୁ ଭଲଭାବେ ଧୋଇବା ଆବଶ୍ୟକ। ଡାଏଟରେ ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ, ଭିଟାମିନ୍ ଓ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ସାମିଲ କରିପାରିବେ। ପାଣି ଓ ଖାଦ୍ୟକୁ ଘୋଡ଼ାଇବା ଆବଶ୍ୟକ। ବାସି ଖାଦ୍ୟ, ମାଛି ବସା ଖାଦ୍ୟ, ବାହାରର ଖାଦ୍ୟ ଖାଇବା ଅନୁଚିତ। କ୍ଲୋରିନ୍ ବିଶୋଧିତ ଜଳ ପିଇ ପାରିବେ। ପାଣିକୁ ଶୁଦ୍ଧ କରିବାକୁ ହାଲୋଜିନ୍ ବଟିକା ମିଶାଇ ପାରିବେ। ଏହାସହ ଚତୁଃପାର୍ଶ୍ୱକୁ ସଫା ରଖିବା ସହ ନାଳରେ ଅଳିଆ ଆବର୍ଜନା ପକାଇବା ଉଚିତ ନୁହେଁ।



### ଘର ବଇଦ

## ଯକ୍ଷ୍ମା ରୋଗର ଉପଚାର

- ଗୋଦନ୍ତୀ ହରିତାଳ ଭସ୍ମ ଦୁଇ ରତି, ପ୍ରବାଳ ଚନ୍ଦ୍ର ପୁଟି ଦୁଇ ରତି, ସିତୋପଳାଦି ଚୂର୍ଣ୍ଣ ଦେଢ଼ ରତି – ଏହି ତିନୋଟି ପଦାର୍ଥ ଏକତ୍ର କରି ଦୁଇ ତୋଳା ମହୁ ସହିତ ଚାଟିକରି ଖାଇବେ। ଏହି ପରି କିଛିଦିନ ଖାଇଲେ ପୁରୁଣା ରାଜଯକ୍ଷ୍ମା ଭଲ ହୁଏ।
- ବଜ୍ରମୂଳି, ଅଶ୍ୱଗନ୍ଧା, ଗମ୍ଭାରୀଫଳ, ଶତାବରୀ, ପୁରୁଣୀ ଏ ସମସ୍ତ ଏକତ୍ର ବା ଏଥି ମଧ୍ୟରୁ ଯେକୌଣସି ଗୋଟିଏ କ୍ଷୀର ସହିତ ଅଭ୍ୟାସ କରି ଖାଇଲେ କ୍ଷତ ଓ କ୍ଷୟ ଶାନ୍ତ ହୁଏ।
- ଅର୍ଜୁନ ଛାଲିର ଚୂର୍ଣ୍ଣକୁ ବାସଙ୍ଗ ପତ୍ର ରସରେ ସାତ ଥର ଭାବନା ଦେଇ ସେହି ଚୂର୍ଣ୍ଣକୁ ଘିଅ, ମହୁ ଓ ମିଶ୍ରି ସହିତ ସେବନ କଲେ, କ୍ଷୟକାଶ ଭଲ ହୁଏ।
- ବେଗୁନିଆ ପତ୍ର, ଗଞ୍ଜାଇ ପତ୍ର, ଅଙ୍କରାନ୍ତି ପତ୍ର, ଡେଙ୍ଗାଭେଜି ପତ୍ର, ଲବେଙ୍ଗୁଡ଼ି ପତ୍ର, ବାସଙ୍ଗ ପତ୍ର, ଅଁଳା, ହରିଡ଼ା, ବାହାଡ଼ା, ଦାସକେରେଣ୍ଡା ପତ୍ର, କଳାଜିରା ପ୍ରତ୍ୟେକରୁ ଏକତୋଳା, ଚିତାପାରୁ ତିନି ତୋଳା, ପିପ୍‌ପଳୀ ପାଞ୍ଚ ତୋଳା, ଗୋଲମରିଚ ତିନି ତୋଳା ଏ ସମସ୍ତ ଚୂର୍ଣ୍ଣ ଦୁଇ ଜଣ ରୋଗୀଙ୍କ ପାଇଁ। ଅତଏବ ଏହି ଚୂର୍ଣ୍ଣର ଅର୍ଦ୍ଧଭାଗକୁ ୧୪ ପାନ କରିବେ। ଦିନକୁ ଦୁଇ ପାନ ହିସାବରେ ସାତ ଦିନ ଖାଇବେ। ପ୍ରତ୍ୟେକ ପାନରେ ଏକତୋଳା ମହୁ ମିଶାଇ ଖାଇଲେ ଯକ୍ଷ୍ମା ରୋଗରୁ ଉପଶମ ମିଳିପାରେ।

- (ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ଶିଶୁମାନଙ୍କ ଅରୁଚି



ଅଧିକାଂଶ ଶିଶୁ ଖାଇବାକୁ ଅମଙ୍ଗ ହେଲେ ପିତାମାତା ଏହାକୁ ଜିଦ୍, ପିଲାଳିଆମି ଭାବି ଅଣଦେଖା କରିଥାନ୍ତି। ହେଲେ ଏହା ଆଭୋଏଡାଣ୍ଟ ରେଷ୍ଟ୍ରିକ୍ଟିଭ୍ ଫୁଡ୍ ଇନ୍‌ଟେକ୍ ଡିଜଅର୍ଡର (ARFID) ହୋଇପାରେ। ଏହା ଖାଦ୍ୟପେୟ ଏବଂ ମାନସିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ ବିକାର। ଏହି ସ୍ଥିତିରେ ଶିଶୁମାନେ ସ୍ୱତନ୍ତ୍ର ସ୍ୱାଦ, ରଙ୍ଗ, ଗନ୍ଧ ଆଦି କାରଣରୁ କିଛି ଖାଦ୍ୟ ଖାଇବାକୁ ଅରାଜି ହୁଅନ୍ତି। ଶିଶୁଙ୍କ ଖାଦ୍ୟପେୟ ସୀମିତ ହୋଇଯାଉଥିବାରୁ ଶରୀରକୁ ଆବଶ୍ୟକୀୟ ମାତ୍ରାର ପୋଷଣ ମିଳେ ନାହିଁ। ଶିଶୁଙ୍କ ଉଚ୍ଚତା, ଓଜନ, ମାନସିକ ବିକାଶ, ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପଡ଼ିପାରେ। ଠିକ୍ ସମୟରେ ଏହି ସମସ୍ୟାକୁ ଚିହ୍ନଟ ନ କରାଗଲେ ଶରୀରରେ ଲୌହସାର, ଭିଟାମିନ୍, ପ୍ରୋଟିନ୍ ଏବଂ ପୋଷକତତ୍ତ୍ୱର ଅଭାବ ଦେଖାଦିଏ। ଗମ୍ଭୀର ସ୍ଥିତିରେ ପିଲାଙ୍କୁ ପୋଷଣ ସପ୍ଲିମେଣ୍ଟ କିମ୍ବା ଟ୍ୟୁବ୍ ଫିଡିଂର ଆବଶ୍ୟକ ପଡ଼ିପାରେ। ପୀଡ଼ିତଙ୍କଠାରେ ଉଦ୍‌ବେଗ, କୁ-ପୋଷଣ, ଦୁର୍ବଳ, ଅଟିଜିମ୍ ସ୍ପେକ୍ଟ୍ରମ ଡିଜଅର୍ଡର (ASD) ଏବଂ ଆଟେନ୍‌ସନ୍ ଡେଫିସିଟ୍ ହାଇପରଏକ୍ଟିଭିଟି ଡିଜଅର୍ଡର (ADHD) ପରି ସମସ୍ୟା ହୋଇପାରେ। ଏହି ରୋଗର ଚିକିତ୍ସା ସମ୍ଭବ। ରୋଗ ଚିହ୍ନଟ କରି ଶିଶୁଙ୍କୁ ଫ୍ୟାମିଲି ବେସ୍ଡ ଥେରାପି ଏବଂ ଇଣ୍ଡିଭିଜୁଆଲ ମୋଟିଭେସନାଲ ଥେରାପି ଦିଆଯାଏ। ଫ୍ୟାମିଲି ବେସ୍ଡ ଥେରାପିରେ ପିତାମାତାଙ୍କୁ ଶିଶୁଙ୍କ ଉପରେ ଚାପ ନ ପକାଇ ସେମାନଙ୍କ ଖାଇବା ଅଭ୍ୟାସକୁ ଧୀରେ ଧୀରେ ବଦଳାଇବାକୁ ପ୍ରଶିକ୍ଷଣ ଦିଆଯାଏ। ସେହିପରି ଇଣ୍ଡିଭିଜୁଆଲ ମୋଟିଭେସନାଲ୍ ଥେରାପିରେ ଶିଶୁଙ୍କ ଖେଳ, ଗତିବିଧି ଏବଂ କଳ୍ପନାଶୀଳ ଅଭ୍ୟାସ ଜରିଆରେ ନୂତନ ଖାଦ୍ୟ ପଦାର୍ଥ ପ୍ରତି ରୁଚି ବିକଶିତ କରିବାକୁ ତାଲିମ ଦିଆଯାଏ। ଏହାଦ୍ୱାରା ପିଲାମାନେ ଧୀରେ ଧୀରେ ସବୁଜ ପନିପରିବା ସହିତ ବିଭିନ୍ନ ଫଳ ଖାଇବାକୁ ପସନ୍ଦ କରନ୍ତି। ଯଦି ଦୀର୍ଘ ଦିନ ଧରି ଶିଶୁ ଖାଉନାହାନ୍ତି, ଓଜନ କମିଯାଉଛି କିମ୍ବା ଦୁର୍ବଳ ଲାଗୁଥିଲେ ବିଳମ୍ବ ନ କରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।





## ଗୋଲ୍ଡେନ ବୁଟ୍ ରେସ୍‌ରେ ମେସି

ଆଟଲାଣ୍ଟା,୧୬।୭ (ଏଜେନ୍ସି): ଆର୍ଜେଣ୍ଟିନାର ସୁପରଷ୍ଟାର ଲିଓନେଲ ମେସି ୨୦୨୬ରେ ଗତ ଦୁଇଟି ଫିଫା ବିଶ୍ୱକପ୍ ନକ୍‌ଆଉଟ ମ୍ୟାଚ୍‌ରେ ଗୋଲ ଦେଇ ପାରି ନ ଥିଲେ ମଧ୍ୟ ଗୋଲ ଦେବାରେ ସହାୟତା କରି ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନରେ ରହିଛନ୍ତି। ଏଠାରେ ଗତକାଲି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ଇଂଲଣ୍ଡକୁ ହରାଇଥିଲା। ଏଥିରେ ମେସି ଗୋଟିଏ ହେଲେ ଗୋଲ ଦେଇ ନ ଥିଲେ, କିନ୍ତୁ ୨ଟି ଯାକ ଗୋଲ ଦେବାରେ ଆସିଷ୍ଟ କରିଥିଲେ। ଏହା ଫଳରେ ଚଳିତ ବିଶ୍ୱକପ୍‌ରେ ମେସି ୮ଟି ଗୋଲ ସ୍କୋର କରିବା ଓ ୪ଟି ଗୋଲରେ ଆସିଷ୍ଟ କରିଥିବାରୁ ଗୋଲ୍ଡେନ ବୁଟ୍ ରେସ୍‌ରେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ସେହିପରି ଫ୍ରାନ୍ସ ଅଧିନାୟକ କିଲିଆନ୍ ଏମବାପେ ମେସିଙ୍କ ସହ ସମାନ ୮ଟି ଗୋଲ ସ୍କୋର କରିଥିଲାବେଳେ ୩ଟି ଗୋଲ ଦେବାରେ ଆସିଷ୍ଟ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଇଂଲଣ୍ଡର ଦୁଇଜଣ ଖେଳାଳି ଯଥା ଅଧିନାୟକ ହ୍ୟାରୀ କେନ୍ ଓ ଯୁବ ଖେଳାଳି ଜୁଡ୍ ବେଲିଂହାମ୍ ୬ଟି ଲେଖାଏଁ ଗୋଲ ସ୍କୋର ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ଏମାନେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିପାରିଲେ ମେସି ଓ ଏମ୍‌ବାପେଙ୍କୁ ଅତିକ୍ରମ କରିବାର ସମ୍ଭାବନା ରହିଛି।

## ୩ଟି ଫାଇନାଲ ଖେଳିବାରେ ମେସି ହେବେ ଦ୍ୱିତୀୟ ଖେଳାଳି

ସ୍ପେନ୍ ବିପକ୍ଷ ୨୦୨୬ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିବାର ସୁଯୋଗ ପାଇଲେ ଆର୍ଜେଣ୍ଟିନାର ଅଧିନାୟକ ଲିଓନେଲ ମେସି ବିଶ୍ୱର ମାତ୍ର ଦ୍ୱିତୀୟ ଖେଳାଳିଭାବେ ୩ଟି ଫାଇନାଲ ଖେଳିବାର ରେକର୍ଡ କରିବେ। ମେସି ୨୦୧୪ରେ ଫାଇନାଲ ଖେଳିଥିଲାବେଳେ ଜର୍ମାନୀଠାରୁ ୧-୦ ଗୋଲରେ ହାରିଯାଇଥିଲା। ୨୦୨୨ରେ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ତୃତୀୟ ଟାଇଟଲ ଜିତିଥିଲା। ତାଙ୍କ ପୂର୍ବରୁ ବ୍ରାଜିଲ୍‌ର କାଫୁ ୧୯୯୪, ୧୯୯୮ ଓ ୨୦୦୨ ବିଶ୍ୱକପ୍ ଫାଇନାଲରେ ପଦାର୍ପଣ କରିଥିଲେ।

## ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ୧୩ଟି ମ୍ୟାଚ୍‌ରେ ଅପରାଜେୟ

ଇଂଲଣ୍ଡକୁ ୨-୧ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିବା ପରେ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା କ୍ରମାଗତ ୧୩ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ଏହି ଦେଶ ଯଦି ଆଉ ୩ଟି ମ୍ୟାଚ୍‌ରେ ବିଜୟୀ ହୁଏ, ତେବେ କ୍ରମାଗତ ୧୬ଟି ମ୍ୟାଚ୍ ଜିତିବାରେ ନେଦରଲ୍ୟାଣ୍ଡସର ରେକର୍ଡ ସହ ସମକକ୍ଷ ହେବ। ଆର୍ଜେଣ୍ଟିନା ଯଦି ଏଥର ବିଶ୍ୱକପ୍ ଜିତେ ତେବେ ଇଟାଲୀ ଓ ବ୍ରାଜିଲ ପରେ ବିଶ୍ୱର ତୃତୀୟ ଦେଶ ଭାବେ ଟାଇଟଲ ବଜାୟ ରଖିବାରେ ସମର୍ଥ ହେବ।

## ୨ଥର ବିଶ୍ୱକପ୍ ଫାଇନାଲ ନେବାରେ ସ୍କୋଲାନି ୭ମ ହେଡ୍ କୋଚ୍

ଲିଓନେଲ ସ୍କୋଲାନିଙ୍କ ତତ୍ତ୍ୱାବଧାନରେ ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟଥର (୨୦୨୨ ଓ ୨୦୨୬) ବିଶ୍ୱକପ୍ ଫାଇନାଲରେ ଖେଳିବାକୁ ଯାଉଛି। ଏପରି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ୭ମ ହେଡ୍ କୋଚ୍। ତାଙ୍କ ପୂର୍ବରୁ ୧୯୩୪ ଓ ୧୯୩୮ରେ ଇଟାଲୀର ଭିଟୋରିଓ ପୋଜୋ, ୧୯୬୬ ଓ ୧୯୭୪ରେ ଜର୍ମାନୀର ହେଲମୁଟ ସ୍କନ୍, ୧୯୭୦ ଓ ୧୯୯୮ରେ ବ୍ରାଜିଲର ମାରିଓ ଜଗାଲୋ, ୧୯୮୬ ଓ ୧୯୯୦ରେ ଆର୍ଜେଣ୍ଟିନାର କାର୍ଲୋସ ବିଲାର୍ଡୋ ଓ ଜର୍ମାନୀର ଫ୍ରାଙ୍କ ବେକେନବର, ୨୦୧୮ ଓ ୨୦୨୨ରେ ଫ୍ରାନ୍ସର ଡିଡିଏର ଡେସ୍‌ଚାମ୍ପ୍।

## ରୁନୀଙ୍କ ରେକର୍ଡ ଭାଙ୍ଗିଲେ କେନ୍

ଆର୍ଜେଣ୍ଟିନା ସହ ଏଠାରେ ବୁଧବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍ ଖେଳି ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍ ଦେଶ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କରିଛନ୍ତି। ଗୋଲକିପର ପିଟର ଶିଲଟନ ସର୍ବାଧିକ ୧୨୫ଟି ଓ ୱାଏନ୍ ରୁନୀ ୧୨୦ଟି ମ୍ୟାଚ୍ ଖେଳିଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ପଦାର୍ପଣ କରିବା ପରେ ରୁନୀଙ୍କୁ ଟପିଯାଇଛନ୍ତି କେନ୍। ପୂର୍ବରୁ ଦେଶ ପକ୍ଷରୁ ସର୍ବାଧିକ ଗୋଲ କରିବାରେ ରୁନୀଙ୍କୁ ମଧ୍ୟ କେନ୍ ଟପିଥିଲେ। ରୁନୀ ତାଙ୍କ ଇଂଲଣ୍ଡ କ୍ୟାରିୟରରେ ୫୩ଟି ଗୋଲ ଦେଇଥିଲାବେଳେ କେନ୍ ୮୫ଟି ଦେଇସାରିଲେଣି।

### ସେମିରେ ଇଂଲଣ୍ଡକୁ ହରାଇବା ପରେ ଖେଳାଳି ଦେଖାଇଲେ ଫାକ୍‌ଲାଣ୍ଡ ବ୍ୟାନର

# ଦଣ୍ଡିତ ହୋଇପାରେ ବିଜୟୀ ଆର୍ଜେଣ୍ଟିନା

ଆଟଲାଣ୍ଟା,୧୬।୭ (ଏଜେନ୍ସି):




ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟ ତଥା ମୋଟରେ ୭ମଥର ଲାଗି ଫାଇନାଲରେ ପ୍ରବେଶ କରିଛି। ଆଣ୍ଟୋନୀ ଗର୍ଡନଙ୍କ ଗୋଲ ବଳରେ ୮୪ତମ ମିନିଟ୍ ଯାଏ ୧-୦ ଗୋଲରେ ପଛୁଆ ଥିବା ଆର୍ଜେଣ୍ଟିନା ଖେଳ ଶେଷ ହେବାକୁ ଥିବା ୭ ମିନିଟ୍‌ରେ ୨ଟି ଗୋଲ ଦେଇ ଏହି ମୁକାବିଲାକୁ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି ଲିଓନେଲ ମେସି ୨ଟି ଯାକଗୋଲ ଆସିଷ୍ଟ କରିଥିଲେ। ଫଳରେ ଖେଳର ୮୫ତମ ମିନିଟ୍‌ରେ ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍ ଓ ଷ୍ଟପେଜ୍ ଟାଇମର ଦ୍ୱିତୀୟ ବା ୯୨ତମ ମିନିଟ୍‌ରେ ଲୌଟାରୋ ମାର୍ଟିନେଜ୍ ଗୋଲ ସ୍କୋର କରିଥିଲେ। ଖେଳ ଶେଷ ସମୟତକ ଘମାଘୋଟ ଲଢ଼େଇ ହୋଇଥିଲେ ମଧ୍ୟ ଇଂଲଣ୍ଡ ମ୍ୟାଚ୍‌କୁ ଫେରିପାରି ନ ଥିଲା। ଏହି ବିଜୟ ଫଳରେ ଆସନ୍ତା ରବିବାର ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା ଏବଂ ଥରେ ଟାଇଟଲ ଜିତିଥିବା ସ୍ପେନ୍ ମଧ୍ୟରେ ଟାଇଟଲ ମୁକାବିଲା ହେବ। ଏହା ପୂର୍ବରୁ ଶନିବାର ରାତିରେ ମିଆମିରେ ସେମିଫାଇନାଲରେ ହାରିଥିବା ଦୁଇ ଦଳ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ/ଚତୁର୍ଥ ସ୍ଥାନ ଲାଗି ଲଢ଼େଇ ହେବାର କାର୍ଯ୍ୟକ୍ରମ ରହିଛି।

ଆର୍ଜେଟିଂନା ଏହି ମ୍ୟାଚ୍ ଜିତିବା ପରେ ଖେଳାଳିଙ୍କ ମଧ୍ୟରେ ଉତ୍ତେଜନା ଲାଗିରହିଥିଲା। ଏହି ସମୟରେ ଏକାଧିକ ଖେଳାଳି 'ଫାକ୍‌ଲାଣ୍ଡ ଆର୍ଜେଣ୍ଟିନା'ର ଲେଖାଥିବା ଏକ ବ୍ୟାନର ପ୍ରଦର୍ଶନ କରିଥିଲେ। ଏହି ବ୍ୟାନରକୁ ଗିଓଭାନି ଲୋ ସେଲସୋ, ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ନିକୋଲାସ୍ ଓଟାମେଣ୍ଡି ହାତରେ ଧରି ପ୍ରଦର୍ଶନ କରିଥିଲେ। ଏହି ବ୍ୟାନରଟି ଖେଳାଳିମାନେ ଆଣିଥିଲେ କିମ୍ବା ଷ୍ଟାଡିୟମ୍‌ରେ ଉପସ୍ଥିତି ଦର୍ଶକ ସେମାନଙ୍କୁ ଯୋଗାଇଦେଇଥିଲେ ତାହା ଜଣାପଡ଼ିନାହିଁ। ଏଭଳି ଘଟଣା ଫିଫାର ଖେଳ ଲାଗି ପ୍ରଣୟନ ହୋଇଥିବା ଆଚରଣ ସଂହିତାକୁ ସ୍ପଷ୍ଟ ଭାବେ ଉଲ୍ଲଘଂନ କରୁଛି। ଏହା ଫଳରେ ଫିଫା ପକ୍ଷରୁ ଆର୍ଜେଣ୍ଟିନା ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଫିଫା ଆଚରଣ ସଂହିତାରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଖେଳ ବେଳେ ଷ୍ଟାଡିୟମ୍‌ରେ କିମ୍ବା ବାହାରେ କୌଣସି ରାଜନୈତିକ ବିବାଦ, ଘଟଣାବଳୀ, ଜାତି, ଧର୍ମ ଓ ବର୍ଣ୍ଣକୁ ବିରୋଧ କରି କିମ୍ବା ଅପମାନଜନକ ବ୍ୟାନର, ପତାକା, ପ୍ଲାକାର୍ଡ ପ୍ରଦର୍ଶନ କରିହେବ ନାହିଁ। ଏଲଭି ଘଟଣାକୁ ଫିଫା ପକ୍ଷରୁ ଦୃଢ଼ ବିରୋଧ କରାଯାଇ ଆସୁଛି। ଆର୍ଜେଣ୍ଟିନାର ଖେଳାଳିମାନେ ଫିଫାର ଆଚରଣ ସଂହିତା ଉଲ୍ଲଘଂନ କରିଛନ୍ତି। କିନ୍ତୁ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଫିଫା ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

### ଫାକ୍‌ଲାଣ୍ଡ ବିବାଦର ପୃଷ୍ଠଭୂମି

ଗତକିଛି ବର୍ଷ ଧରି ବ୍ରିଟେନର ଉପନିବେଶବାଦ୍ ଶେଷ ହୋଇଥିଲେ ମଧ୍ୟ ଆର୍ଜେଣ୍ଟିନା ନିକଟରେ ଥିବା ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜ ୧୮୮୩ରୁ ଇଂଲଣ୍ଡ ଅଧିନରେ ରହିଛି। ଏହାକୁ ବିରୋଧ କରି ୧୯୮୨ରେ ଆର୍ଜେଣ୍ଟିନାର ତତ୍‌କାଳୀନ ସାମରିକ ଶାସକ ଫାକ୍‌ଲାଣ୍ଡ ଦଖଲ ଲାଗି ଉଦ୍ୟମ କରିଥିଲେ। ସେଠାକୁ ସୈନ୍ୟ ପ୍ରେରଣ କରି କବ୍‌ଜା କରିବା ପରେ ଇଂଲଣ୍ଡ ପକ୍ଷରୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାକୁ ନେଇ ଉଭୟ ଦେଶ ମଧ୍ୟରେ ୭୪ ଦିନ ଯୁଦ୍ଧ ଲାଗିଥିଲା ଓ ଇଂଲଣ୍ଡ ପୁଣିଥରେ ଫାକ୍‌ଲାଣ୍ଡକୁ ନିଜ କବ୍‌ଜାକୁ ନେଇଥିଲା। ଏଥିରେ ଆର୍ଜେଣ୍ଟିନାର ୬୪୯ ଜଣ ଓ ଇଂଲଣ୍ଡର ୨୫୫ ଜଣ ସାମରିକ କର୍ମଚାରୀ ଓ ସେଠାରେ ବସବାସ କରୁଥିବା ୩ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ। ଏହା ସତ୍ତ୍ୱେ ଫାକ୍‌ଲାଣ୍ଡକୁ ଆର୍ଜେଣ୍ଟିନା ସର୍ବଦା ନିଜର ବୋଲି ଦାବି କରିଆସୁଛି ଓ ସମ୍ବିଧାନରେ ଏହି ଦ୍ୱୀପପୁଞ୍ଜ ନିଜର ବୋଲି ଉଲ୍ଲେଖ କରିଛି। ଏହି ବିବାଦର ସମାଧାନ ଫାକ୍‌ଲାଣ୍ଡରେ ଦୁଇଥର ଗଣମତ କରାଯାଇଛି। ୧୯୮୬ରେ ୯୬.୪୫ ଶତକଡ଼ା ଓ ୨୦୧୩ରେ ୯୯.୮ ଶତକଡ଼ା ଫାକଲାଣ୍ଡର ବାସିନ୍ଦା ଇଂଲଣ୍ଡ ସହ ରହିବାକୁ ଭୋଟ ଦେଇଥିଲେ। ଆର୍ଜେଣ୍ଟିନା କିନ୍ତୁ ତାହାର ଦାବି ସବୁ ଫୋରମରେ ଦୋହରାଇ ଆସୁଛି। ସେମିଫାଇନାଲ ମ୍ୟାଚ୍ ଶେଷରେ ଏପରି ଏକ ରାଜନୈତିକ ବିବାଦକୁ ବ୍ୟାନର ମାଧ୍ୟମରେ ଖେଳାଳିମାନେ ଉପସ୍ଥାପିତ କରି ବିପଦକୁ ଆମନ୍ତ୍ରଣ କରିଛନ୍ତି।

| ବିଶ୍ୱକପ୍-୨୦୨୬ର ଅବଶିଷ୍ଟ ଖେଳସୂଚୀ | | | |
|---|---|---|---|
| ତୃତୀୟ ସ୍ଥାନ ମୁକାବିଲା | | | |
| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
| ଜୁଲାଇ ୧୮ | ଫ୍ରାନ୍ସ- ଇଂଲଣ୍ଡ | ମିଆମି | ଶନିବାର ରାତି ୨ଟା ୩୦ |
| ଗ୍ରାଣ୍ଡ ଫାଇନାଲ | | | |
| ଜୁଲାଇ ୧୯ | ଆର୍ଜେଣ୍ଟିନା-ସ୍ପେନ୍ | ନ୍ୟୁଜର୍ସୀ | ରବିବାର ରାତି ୧୨ଟା ୩୦ |

## ଚାପୁଡ଼ା ମାରି ବାସନ୍ଦ ହୋଇପାରନ୍ତି ବେଲିଂହାମ୍

ଆଟଲାଣ୍ଟା, ୧୬।୭ (ଏଜେନ୍ସି): ଏଠାରେ ବୁଧବାର ରାତିରେ ଖେଳାଯାଇଥିବା ସେମିଫାଇନାଲରେ ଇଂଲଣ୍ଡକୁ ୨-୧ ଗୋଲରେ ହରାଇବା ପରେ ଆର୍ଜେଣ୍ଟିନା ଖେଳାଳିମାନେ ଆନନ୍ଦରେ ମାତିଥିଲେ। ଇଂଲଣ୍ଡ ଖେଳାଳିମାନେ ମଧ୍ୟ ପାଖରେ ଥିଲେ। ଆର୍ଜେଣ୍ଟିନା ଖେଳାଳିଙ୍କ ବିଜୟୀ ପ୍ରତିକ୍ରିୟା ଇଂଲଣ୍ଡର ୨୩ ବର୍ଷୀୟ ମିଡ୍‌ଫିଲ୍ଡର ଜୁଡ୍ ବେଲିଂହାମ୍‌ଙ୍କ ଦେହରେ ଗଲାନାହିଁ। ଏଥିରେ କ୍ଷୁବ୍ଧ ହୋଇ ବେଲିଂହାମ୍ ତାଙ୍କ ନିକଟରେ ଥିବା ଆର୍ଜେଣ୍ଟିନା ଖେଳାଳି ଭାଲେଣ୍ଟିନ୍ ବାର୍କୋଙ୍କ ମୁଣ୍ଡ ପଛରେ ଚାପୁଡା ମାରିଥିଲେ। ବାର୍କୋ ତାଙ୍କୁ ଉସୁକାଇଥିଲେ କି ନାହିଁ ତାହା ଜଣାପଡ଼ିନାହିଁ। କିନ୍ତୁ ବେଲିଂହାମ୍ ଚାପୁଡ଼ା ମାରିବା ପରେ ଉଭୟ ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେ ଯାହା ହେଉ ବେଲିଂହାମ୍ ଚାପୁଡା ମାରି ଫିଫା ଆଚରଣ ସଂହିତ ଉଲ୍ଲଘଂନ କରିଥିବାରୁ ବାସନ୍ଦ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।



## ଫିଫାର ଓଡ଼ିଆ ପୋଷ୍ଟ ଜିତିଲା ପ୍ରଶଂସକଙ୍କ ମନ

ଭୁବନେଶ୍ୱର,୧୬।୭ (ସମିସ): ଓଡ଼ିଆ ଭାଷାର ଗୌରବ ବୃଦ୍ଧି କରି ବିଶ୍ୱ ଫୁଟବଲ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା 'ଫିଫା' ନିଜର ଆଧିକାରିକ ସୋସିଆଲ ମିଡିଆ ଆକାଉଣ୍ଟ ଇନଷ୍ଟାଗ୍ରାମ୍‌ରେ ଓଡ଼ିଆ ଭାଷାରେ ଏକ ପୋଷ୍ଟ ଶେୟାର କରିଛି। ଫିଫା ବିଶ୍ୱକପ୍ ୨୦୨୬ରେ ନରୱେ ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ହ୍ୟାଟ୍ରିକ ଅର୍ଜନ କରିଥିବା ଫ୍ରାନ୍ସର ଷ୍ଟାର୍ ଖେଳାଳି ଓସମାନ ଡେମ୍ବେଲେଙ୍କ ଫଟୋ ସହ ଓଡ଼ିଆରେ 'ଯାଦୁକର' ଲେଖି ଫିଫା ତାଙ୍କର ପ୍ରଶଂସା କରିଛି। ଏହି ପୋଷ୍ଟ ଓଡ଼ିଆ ଲୋକଙ୍କ ମଧ୍ୟରେ ଅହେତୁକ ଉତ୍ସାହ ସୃଷ୍ଟି କରିଛି। ଏହା ମଧ୍ୟ ରାଜ୍ୟବାସୀଙ୍କ ପାଇଁ ଗର୍ବର ମୁହୂର୍ତ୍ତ ସୃଷ୍ଟି କରିଛି। ବିଶ୍ୱକପ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇସାରିଥିବା ବେଳେ ଏହି ପୋଷ୍ଟକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହା ଦେଶରେ ଫୁଟବଲ୍‌ର ସ୍ଥିତିକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ କରିଛି। ଭାରତ ଆଜି ପର୍ଯ୍ୟନ୍ତ କେବେ ବି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିପାରିନାହିଁ। ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାର ଯେଭଳି ଭାରତୀୟ ହକିର ପ୍ରାୟୋଜକ ସାଜି ଦେଶରେ ହକିର କାୟାକଳ୍ପ ବଦଳାଇ ଦେଇଛନ୍ତି, ସେହିଭଳି ଓଡ଼ିଶା ଭାରତୀୟ ଫୁଟବଲ୍‌ର ଉନ୍ନତି ପାଇଁ ମଧ୍ୟ ସହଯୋଗର ହାତ ବଢ଼ାଉ ବୋଲି ପ୍ରଶଂସକମାନେ ଆଶା ପ୍ରକାଶ କରିଛନ୍ତି। ଫୁଟବଲ୍‌ର ତୃଣମୂଳ ସ୍ତରର ବିକାଶ ଓ ଉନ୍ନତ ପ୍ରଶିକ୍ଷଣ ମାଧ୍ୟମରେ ହିଁ ଭାରତୀୟ ଦଳ ବିଶ୍ୱ ମଞ୍ଚରେ ପହଞ୍ଚିପାରିବ ବୋଲି କ୍ରୀଡ଼ାପ୍ରେମୀମାନେ ମତ ଦେଇଛନ୍ତି।




## ୧୦ ବର୍ଷ ପୂର୍ବରୁ ଆର୍ଜେଣ୍ଟିନା-ସ୍ପେନ୍ ଫାଇନାଲ୍‌ର ସଙ୍କେତ ଦେଇଥିଲେ ଧୋନି

ନୂଆଦିଲ୍ଲୀ, ୧୬।୭ (ଏଜେନ୍ସି): ଫିଫା ବିଶ୍ୱକପ୍ ୨୦୨୬ରେ ଆର୍ଜେଣ୍ଟିନା ଓ ସ୍ପେନ ଫାଇନାଲ୍‌କୁ ପହଞ୍ଚିବା ପରେ ମହେନ୍ଦ୍ର ସିଂହ ଧୋନିଙ୍କ ୧୦ ବର୍ଷ ପୁରୁଣା ଏକ ସୋସିଆଲ୍ ମିଡିଆ ପୋଷ୍ଟ ଭାଇରାଲ୍ ହୋଇଛି। ସେହି ପୋଷ୍ଟରେ ଧୋନି ଅକ୍ଷର ପଟେଲ, ଜୟଦେବ ଉନାଦକଟ ଓ କରୁଣ ନାୟରଙ୍କ ସହ 'ଫିଫା' ଭିଡିଓ ଖେଳ ଖେଳୁଥିବାର ଦେଖାଯାଇଥିଲେ ଏବଂ କ୍ୟାପ୍ସନ୍‌ରେ 'ସ୍ପେନ୍ ବନାମ ଆର୍ଜେଣ୍ଟିନା' ଲେଖାଯାଇଥିଲା। ଚେନ୍ନାଇ ସୁପର କିଙ୍ଗ୍ସ ଏହି ପୁରୁଣା ଫଟୋକୁ ପୁଣି ଶେୟାର କରି 'ଏଲିଟ୍ ବଲ୍ ନଲେଜ୍' ବୋଲି ଲେଖିବା ପରେ ଏହା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହା କେବଳ ଏକ ସଂଯୋଗ ମାତ୍ର ବୋଲି ମନେ କରାଯାଉଛି। ଅନ୍ୟପଟେ, ଫାଇନାଲ୍ ପୂର୍ବରୁ ଲିଓନେଲ୍ ମେସିଙ୍କ ସହ ଶିଶୁ ଲାମିନ୍ ୟାମାଲଙ୍କ ପୁରୁଣା ଫଟୋ ମଧ୍ୟ ପୁଣିଥରେ ଭାଇରାଲ୍ ହୋଇଛି।

**ପୁରୁଣା ପୋଷ୍ଟ ଏବେ ଭାଇରାଲ୍**


## ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ: କ୍ୱାର୍ଟରରେ ସିନ୍ଧୁ

ଟୋକିଓ,୧୬।୭ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ ପଦକ ବିଜୟିନୀ ଭାରତର ପିଭି ସିନ୍ଧୁ ଜାପାନ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ଏକକ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚ୍‌ରେ ସେ ବିଶ୍ୱର ୫ ନମ୍ବର ଖେଳାଳି ଚୀନ୍‌ର ହାନ୍ ୟୁଏଙ୍କୁ ମାତ୍ର ୩୫ ମିନିଟ୍‌ରେ ୨୧-୧, ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି। ଶୁକ୍ରବାର ଖେଳାଯିବାକୁ ଥିବା କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୩୧ ବର୍ଷୀୟା ସିନ୍ଧୁଙ୍କ ମୁକାବିଲା ଜାପାନର ପୂର୍ବତନ ବିଶ୍ୱର ଏକ ନମ୍ବର ଖେଳାଳି ନୋଜୋମି ଓକୁହାରାଙ୍କ ସହ ହେବ। ଚଳିତ ସିଜିନ୍‌ରେ ସିନ୍ଧୁଙ୍କର ଏହା ଷଷ୍ଠ କ୍ୱାର୍ଟର ଫାଇନାଲ ପ୍ରବେଶ। ଅନ୍ୟପଟେ, ମିଶ୍ରିତ ଯୁଗଳ ବର୍ଗରେ ଭାରତର ଧ୍ରୁବ କପିଲା ଏବଂ ତନିଶା କ୍ରାଷ୍ଟୋ ଯୋଡ଼ି ଚୀନ୍ ଯୋଡ଼ିଙ୍କଠାରୁ ହାରି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି।



## ବୁଦାପେଷ୍ଟ କୁସ୍ତି ର୍‍ୟାଙ୍କିଙ୍ଗ୍ ସିରିଜ | ଅମନ ସେରାୱତଙ୍କୁ ସ୍ୱର୍ଣ୍ଣ

ବୁଦାପେଷ୍ଟ, ୧୬।୭ (ଏଜେନ୍ସି): ହଙ୍ଗେରୀର ବୁଦାପେଷ୍ଟଠାରେ ଚାଲିଥିବା 'କୁସ୍ତି ର୍‍ୟାଙ୍କିଙ୍ଗ ସିରିଜ୍ ୨୦୨୬'ର ପ୍ରଥମ ଦିନରେ ଭାରତୀୟ ପହିଲବାନ ଅମନ ସେହରାୱତ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସର ଏହି କାଂସ୍ୟ ପଦକ ବିଜେତା, ପୁରୁଷ ୫୭ କିଲୋଗ୍ରାମ ଫ୍ରି-ଷ୍ଟାଇଲ୍ ବର୍ଗର ଫାଇନାଲରେ ଜର୍ଜିଆର ରବର୍ଟ ଡିଙ୍ଗାଶଭିଲିଙ୍କୁ ୧୩-୩ ରେ ପରାସ୍ତ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଅମନଙ୍କ ବ୍ୟତୀତ ଭାରତର ଦୀପକ (୬୧ କିଲୋଗ୍ରାମ) ଏବଂ ବିଶାଳ କାଳିରମଣା (୬୫ କିଲୋଗ୍ରାମ) ନିଜ ନିଜ ବର୍ଗରେ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି। ଏଥି ସହ ପ୍ରଥମ ଦିନରେ ଭାରତର ମୋଟ ପଦକ ସଂଖ୍ୟା ୩ରେ ପହଞ୍ଚିଛି।



## ରାୟଚନ୍ଦନିଙ୍କ ଦ୍ୱିଶତକ

ଗଲ, ୧୬।୭ (ଏଜେନ୍ସି): ଓପନର ଲକ୍ଷ୍ୟ ରାୟଚନ୍ଦନିଙ୍କ ଦ୍ୱିଶତକ, ଓପନର ସାଗର ଭିର୍କଙ୍କ ୧୩୪ ଓ ୱିକେଟ ରକ୍ଷକ ମାନବ କ୍ରିଷ୍ଣାଙ୍କ ୧୦୦ ରନ୍ ସହାୟତାରେ ଏଠାରେ ଶ୍ରୀଲଙ୍କା ସହ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଟେଷ୍ଟ ଡ୍ର ରହିଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଶ୍ରୀଲଙ୍କା ୯ ୱିକେଟରେ ୪୨୪ ରନ୍ କରି ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ରାୟଚନ୍ଦନି ୩୨୪ ବଲ୍‌ରୁ ୨୦୭ ରନ କରିବା ପରେ ଭାରତର ପ୍ରଥମ ଇନିଂସ ୫୭୬ ରନ୍‌ରେ ଶେଷ ହୋଇଥିଲା।

**ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ**

# କୋହଲି-୬୫, ଆୟର-୬୬, ଭାରତ ୨୩୩

କାର୍ଡିଫ୍,୧୬।୭ (ଏଜେନ୍ସି):





ବିରାଟ କୋହଲି ଓ ଉପଅଧିନାୟକ ଶ୍ରେୟସ ଆୟରଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୪ ଓଭରରେ ୨୩୩ ରନ୍ କରି ଅଲଆଉଟ ହୋଇଯାଇଛି। କୋହଲି ୬୬ ବଲ୍‌ରୁ ୬୫ ଓ ଆୟର ୭୧ ବଲ୍‌ରୁ ୬୬ ରନ୍ କରିବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦଳ ଦୁଇ ଶହ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଜବାବରେ ୨୩୪ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୪ ୱିକେଟ୍ ହରାଇ ୧୨୦ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୋ ରୁଟ୍ ୫୦ ଓ ଜୋସ ବଟଲର୍ ୧୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ବେନ୍ ଡକେଟ୍ ଶୂନ୍ୟ, ଜାକବ୍ ବେଥେଲ୍ ୪, ହ୍ୟାରି ବ୍ରୁକ୍ ୧୬ ଓ ସାମ୍ କରନ୍ ୨୬ ରନ୍‌ରେ ଆଉଟ୍ ହୋଇଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମରା, ପ୍ରସିଦ୍ଧ କ୍ରୀଷ୍ଣା, ଶିବମ ଦୁବେ ଓ ଗୁରନୁର୍ ବ୍ରାର ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି।

ଭାରତୀୟ ଇନିଂସରେ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶୁବମନ ଗିଲ୍ ୩୧ବଲ୍‌ରେ ୩୦ ଓ ରୋହିତ ଶର୍ମାଙ୍କ ୪୭ ବଲ୍‌ରେ ୨୬ ରନ୍‌କୁ ଛାଡିଦେଲେ ଯଶପ୍ରୀତ ବୁମ୍‌ରା ୧୩ ବଲ୍‌ରୁ ୨୦ ରନ୍‌ର ଉଲ୍ଲେଖନୀୟ ଯୋଗଦାନ ଦେଇଥିଲେ। ଦଳରେ ସାମିଲ ହୋଇଥିବା ସମସ୍ତ ବାମହାତୀ ବ୍ୟାଟର ଏହି ମ୍ୟାଚ୍‌ରେ ଫେଲ୍ ମାରିଥିଲେ। ସେମାନଙ୍କ ମଧ୍ୟରୁ ଅସୁସ୍ଥ ଲୋକେଶ ରାହୁଲଙ୍କ ସ୍ଥାନରେ ଖେଳିଥିବା ଇଶାନ କିଶାନ ୧, ୱାଶିଂଟନ ସୁନ୍ଦର ୨, ଅକ୍ଷର ପଟେଲ ୧ ଓ ଶିବମ ଦୁବେ ଖାତା ଖୋଲି ପାରି ନ ଥିଲେ। ଆଉ ଜଣେ ବ୍ୟାଟର ଗୁରନୁର ବ୍ରାର୍ ବାମହାତୀଙ୍କ ମଧ୍ୟରେ ସର୍ବାଧିକ ୭ ରନ୍ କରିଥିଲେ। ଏହାର ଅର୍ଥ ପ୍ରାଧାନ୍ୟ ବିସ୍ତାର କରୁଥିବା ୫ଜଣ ବାମହାତୀ ବ୍ୟାଟର ଏହି ମ୍ୟାଚ୍‌ରେ ୧୧ ରନ୍ କରିଥିଲେ। ୧୭୮ ରନ୍‌ରେ କୋହଲିଙ୍କ ଆଉଟ ପରେ ୪୫ ରନ୍‌ରେ ଶେଷ ୬ଟି ୱିକେଟ ହରାଇଥିଲା। ଇଂଲଣ୍ଡ ପକ୍ଷରୁ ଫାଷ୍ଟ ବୋଲର ୯ଟି ଓ ଏକମାତ୍ର ସ୍ପିନର ୱିଲ ଜ୍ୟାକ୍ସ ବରିଷ୍ଠ ଖେଳାଳି ରୋହିତ ଶର୍ମାଙ୍କୁ ଆଉଟ କରିଥିଲେ। ଜୋଫ୍ରା ଆର୍ଚର ଓ ଗସ୍ ଆଟକିନସନଙ୍କୁ ୩ଟି ଲେଖାଏଁ, ସାକିବ ମହମ୍ମଦ୍‌ଙ୍କୁ ୨ଟି ଓ ସାମ କରନଙ୍କୁ ଗୋଟିଏ ୱିକେଟ ମିଳିଥିଲା। ପ୍ରଥମ ଦିନିକିଆରେ ଭାରତ ବିଜୟୀ ହୋଇଥିଲାବେଳେ ତୃତୀୟ ତଥା ଶେଷ ଦିନିକିଆ ଲର୍ଡ୍ସରେ ଜୁଲାଇ ୧୯ ତାରିଖ ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୱିକେଟକିପର ବ୍ୟାଟର ଲୋକେଶ ରାହୁଲଙ୍କୁ ବାଦ୍ ଦିଆଯାଇଛି।

**ଭାରତର ବାମହାତୀ ବ୍ୟାଟର ଫେଲ୍**

## ଅସୁନ୍ତାଙ୍କ ଯୌନ ନିର୍ଯାତନା ଅଭିଯୋଗ

ନୂଆଦିଲ୍ଲୀ,୧୬।୭ (ଏଜେନ୍ସି): ପୂର୍ବତନ ମହିଳା ହକି ଅଧିନାୟିକା ଅସୁନ୍ତା ଲାକ୍ରାଙ୍କ ଦ୍ୱାରା ହୋଇଥିବା ଯୌନ ନିର୍ଯାତନା ଓ ଧମକଚମକ ଅଭିଯୋଗର ତଦନ୍ତ କରି ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନ ବା ଆଇଓଏ। ଏ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆଇଓଏକୁ ନିର୍ଦ୍ଦେଶ ଦିଆଯାଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମଧ୍ୟ ଏକ ନିରପେକ୍ଷ ତଦନ୍ତ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟକୁ ଚିଠି ଲେଖି ଅନୁରୋଧ କରିଥିଲେ। ଏବେ ଆଇଓଏ ତଦନ୍ତ କମିଟି ଗଠନ କରିବ ଓ ଏହି କମିଟି ତଦନ୍ତ କରିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ବିବରଣୀରୁ ପ୍ରକାଶ ଯେ ବିହାରର ଜଣେ ହକି କୋଚ୍ ମହିଳା ଖେଳାଳି ଅସୁନ୍ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିବା ପରେ ଏହାର ସଭାପତି ତଥା ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ଓମକ ଚମକ ଦେଇଥିଲେ। ଏ ସମ୍ପର୍କରେ ଅସୁନ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ହକି ଇଣ୍ଡିଆ ତଦନ୍ତ କରିବ ବୋଲି ଦାବି ହୋଇଥିଲା। କିନ୍ତୁ ସଭାପତି ତିର୍କୀଙ୍କ ଅନୁଯାୟୀ ହକି ଇଣ୍ଡିଆର ପଦାଧିକାରୀ ଏହି ମାମଲାରେ ସମ୍ପୃକ୍ତ ଥିବାରୁ ସଂଘର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଦ୍ୱାରା ଯାଞ୍ଚ କରାଗଲେ ଏହାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିପାରେ ବୋଲି ଆଶଙ୍କା ପ୍ରକାଶ କରିଥିଲେ। ସଂଘର କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ହିଁ ଏହି ଘଟଣାରେ ଅଭିଯୋଗକାରୀ ଓ ପ୍ରତିପକ୍ଷ ଅଟନ୍ତି। ଏଣୁ ହକି ଇଣ୍ଡିଆର ଆଭ୍ୟନ୍ତରୀଣ କମିଟି ଏହାର ତଦନ୍ତ କରିବାକୁ ଦିଲୀପ ନାପସନ୍ଦ କରିଥିଲେ। ଏବେ କ୍ରୀଡ଼ା ମନ୍ତ୍ରଣାଳୟ ଆଇଓଏକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ପରେ ଏହାକୁ କେହି ଅଙ୍ଗୁଳି ଦେଖାଇ ପାରିବେ ନାହିଁ।

**ତଦନ୍ତ କରିବ ଆଇଓଏ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS